

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୨୫ ଭୁବନେଶ୍ୱର ମଙ୍ଗଳବାର, ମଇ ୦୬.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.225 Bhubaneswar, Tuesday, May 06, 2025


## ୱାକଫ୍ ମାମଲାର ଶୁଣାଣି କରିବେ ପରବର୍ତ୍ତୀ ପ୍ରଧାନ ବିଚାରପତି



ନୂଆଦିଲ୍ଲୀ,୫/୫: ଆଜି ସୁପ୍ରିମକୋର୍ଟରେ ୱାକଫ ସଂଶୋଧନ ଆଇନ ସହ ଜଡିତ ଏକ ମାମଲାର ଶୁଣାଣି ହୋଇଥିଲା। କୋର୍ଟ ମାମଲାର ଶୁଣାଣି ପାଇଁ ପରବର୍ତ୍ତୀ ସପ୍ତାହ ଧାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟ ଏବେ ଆସନ୍ତା ଗୁରୁବାର ଅର୍ଥାତ୍ ୧୫ ମଇରେ ଏହି ମାମଲାର ଶୁଣାଣି କରିବେ। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ୧୩ ମଇରେ ଅବସର ନେଉଛନ୍ତି। ଏପରି ପରିସ୍ଥିତିରେ, ଏବେ ପରବର୍ତ୍ତୀ ସିଜେଆଇ ଅର୍ଥାତ୍ ଜଷ୍ଟିସ୍ ବି.ଆର. ଗଭାଇଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ଆଜି ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ ଏହି ମାମଲାରେ ପାଞ୍ଚଟି ଆବେଦନ ଏବଂ ଏହି ନୂତନ ଆଇନ ସମ୍ପର୍କରେ ଦାଖଲ ହୋଇଥିବା ନୂତନ ଆବେଦନର ଶୁଣାଣି କରିଥିଲେ। ସିଜେଆଇ ସଞ୍ଜୀବ ଖାନ୍ନା କହିଛନ୍ତି, 'ଆମେ ଏହା ଉପରେ ଥିବା ଆପତ୍ତି ଏବଂ ସରକାରଙ୍କ ଉତ୍ତର ପଢ଼ିଛୁ।' ହଁ, ପଞ୍ଜୀକରଣ ଏବଂ ଅନ୍ୟ କିଛି ତଥ୍ୟ ଉପରେ କିଛି ପ୍ରଶ୍ନ ଉଠାଯାଇଛି, ଯାହା ଉପରେ ଆବେଦନକାରୀମାନେ ଆପତ୍ତି ଉଠାଇଛନ୍ତି। ଏହାର ବିଚାର କରାଯିବା ଉଚିତ। ଦୁଇଟି ପ୍ରସଙ୍ଗ ଉପରେ ଧ୍ୟାନ ଦେବାକୁ ପଡିବ... ମୁଁ ଶେଷ ପର୍ଯ୍ୟାୟରେ ମଧ୍ୟ କୌଣସି ନିଷ୍ପତ୍ତି କିମ୍ବା ଆଦେଶ ସଂରକ୍ଷଣ ରଖିବାକୁ ଚାହୁଁନାହିଁ। ଏହି ମାମଲାର ଶୁଣାଣି ଉପଯୁକ୍ତ ଦିନରେ ହେବା ଉଚିତ। ଏହା ମୋ ସାମ୍ନାରେ ଘଟିବ ନାହିଁ। ଆମେ ଏହାକୁ ବୁଧବାର କିମ୍ବା ଗୁରୁବାର ଜଷ୍ଟିସ୍ ଗଭାଇଙ୍କ ଖଣ୍ଡପୀଠ ସମ୍ମୁଖରେ ଅନ୍ତରୀଣ ଏବଂ ଚୂଡ଼ାନ୍ତ ଆଦେଶ ପାଇଁ ରଖିବୁ।

## ରାଜନୈତିକ ବ୍ୟାପାର କମିଟି ଗଠନ କଲା ବିଜେଡି

ଭୁବନେଶ୍ୱର,୫/୫: ରାଜନୈତିକ ବ୍ୟାପାର କମିଟି ଗଠନ କଲା ବିଜେଡି । ସଭାପତି ନବୀନ ପଟ୍ଟନାୟକଙ୍କୁ ପିଏସି ଅଧ୍ୟକ୍ଷ ଦାୟିତ୍ୱ ମିଳିଛି । ୯ ଜଣିଆ ସଦସ୍ୟ ତାଲିକାରେ ବିକ୍ରମ ଆରୁଖ , ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ. ସଞ୍ଜୟ ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ସୁଦାମ , ଟୁକୁନୀ ସାହୁ, ସସ୍ମିତ ପାତ୍ର, ସନ୍ତୃପ୍ତ ମିଶ୍ର । ବିଜେଡି ସଂଖ୍ୟା ଲଘୁ ସେଲ ଆବାହକ ହେଲେ ଦିଲୀପ ତିର୍କୀ । ସଂଖ୍ୟାଲଘୁ ସେଲରେ ରିଜୱାନ ବେଗମ, ମୁଜବୁଲ୍ଲା ଖାନ, ଆୟୁବ ଖାନ ଓ ଶେଖ ନିଜାମୁଦ୍ଦିନଙ୍କୁ କୋର୍ଡିନେଟର ଦାୟିତ୍ୱ ଅନ୍ୟପଟେ, ବିଜେଡି ପଦ ପଦବୀରେ କାହାକୁ ମିଳିନି ସାଂଗଠନିକ ସମ୍ପାଦକ ପଦ । ଗତ ଟର୍ମରେ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା ସାଂଗଠନିକ ସମ୍ପାଦକ ପଦ । ସାଂଗଠନିକ ସମ୍ପାଦକ ପଦରେ ଥିଲେ ପ୍ରଣବ ପ୍ରକାଶ ଦାସ । ଏଥର ପ୍ରଣବ ପ୍ରକାଶ ଦାସଙ୍କୁ ଉପସଭାପତି ସହ ପିଏସି ସଦସ୍ୟ ପଦ ।

# ଧରଣୀଙ୍କ ନାମରେ ହେବ ଅତିଥି ଭବନ

ଭୁବନେଶ୍ୱର,୫/୫: ମହାନ ବିପ୍ଲବୀ ଧରଣୀଧର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଆଜି ତାଙ୍କ ଜନ୍ମଭୂମି କେନ୍ଦୁଝର ଜିଲ୍ଲାର କୁସୁମିତା ଠାରେ ମହାସମାରୋହରେ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରି ୫୦ କୋଟି ଟଙ୍କା ବ୍ୟୟ ବରାଦରେ କୁସୁମୀତା ଠାରେ ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଜିଲ୍ଲାରେ ପ୍ରାୟ ୧୧୫୫ କୋଟି ଟଙ୍କା ବ୍ୟୟ ବରାଦର ସମୁଦାୟ ୩୪୦ ଗୋଟି ନୂତନ ପ୍ରକଳ୍ପର ଘୋଷଣା, ଶୁଭ ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ବିପ୍ଳବ ସହିତ ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର। ମହାନ ବିପ୍ଲବୀ ଧରଣୀଧର ଓଡ଼ିଶାରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ଦେଇଥିବା ଏକ ଦୃଢ ସଂଘର୍ଷୀ ନାୟକ। ତାଙ୍କ ଦୃଢ ସଂକଳ୍ପ, ଦେଶପ୍ରେମ ଓ ତ୍ୟାଗ ଆଜି ଯୁବପିଢି ପାଇଁ ପ୍ରେରଣା ସ୍ରୋତ। ରାଜ୍ୟ ସରକାର ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ପୂଜ୍ୟପୂଜା ପରମ୍ପରାକୁ ଗୁରୁତ୍ୱ ଦେଇ ଆଜି ଆମ ସରକାର ସାରା ଓଡିଶାରେ ମହାପୁରୁଷ ମାନଙ୍କ ଜୟନ୍ତୀ ସେମାନଙ୍କ ଜନ୍ମ ମାଟିରେ ପାଳନ କରୁଛି । ଏହାହିଁ ଆମ ଅସ୍ମିତାର ପରିଚୟ। ଧରଣୀଧରଙ୍କ ଜୀବନୀ ହିଁ ଆମକୁ ଅଖଣ୍ଡତା ଓ ବିକାଶର ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷା ପ୍ରଦାନ କରେ। ଜୀବନର ପ୍ରଥମ ଭାଗ ସେ ବିଦ୍ରୋହ କରି ସ୍ୱାଧୀନତାର ଅଗ୍ନି ଜଳାଇଥିଲେ ଓ ଶେଷ ଭାଗକୁ ସେ ଆଧ୍ୟାତ୍ମିକ ମାର୍ଗରେ ଯାଇ ଦେଶର ସ୍ୱାଧୀନତା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଆଜି ଧରଣୀଧର ନାହାନ୍ତି, ତାଙ୍କ ସ୍ମୃତି ଅଛି। ବିପ୍ଳବ କରିବାର ଯେଉଁ ଚେତନା ସେ ସୃଷ୍ଟି କରିଥିଲେ, ସେ ଚେତନା ଅଛି। ଆଜି ସ୍ୱାଧୀନତା ପାଇଁ ଲଢିବାର ନାହିଁ। ଆଜିର ସମୟ ହେଉଛି ବିକାଶ ପାଇଁ ଲଢିବାର ସମୟ। ଦୀର୍ଘ ଦିନ ଧରି କେନ୍ଦୁଝରକୁ ଯେଉଁ ଅବହେଳା ହୋଇଥିଲା, ତାକୁ ଦୂର କରିବାର ସମୟ ଆଜି ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଲଢେଇ କରି ବଞ୍ଚିବା ପାଇଁ ଏ ମାଟିର ବରପୁତ୍ର ଧରଣୀଧର ଆହ୍ୱାନ ଦେଇଥିଲେ ଏବଂ ସେହି ଆହ୍ୱାନକୁ କାମରେ ଲଗାଇ ଆଜି ମୁଁ ମୋ ରାଜ୍ୟର ସେବା କରିବାର ସୁଯୋଗ ପାଇଛି। ଏ ମାଟିର ଶକ୍ତି ଆମକୁ ଆହୁରି ସଶକ୍ତ କରିଛି ଏବଂ ଏକ ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଏହି ଶକ୍ତି ଆମକୁ ପ୍ରେରଣା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଧରଣୀଧରଙ୍କ ସ୍ମୃତିରେ ଭୁବନେଶ୍ୱରରେ ଏକ ଅତିଥି ଭବନ ପ୍ରତିଷ୍ଠା କରାଯିବ। ଯେଉଁ ସ୍ମୃତି ପୀଠ ପାଇଁ ଭିତ୍ତିପ୍ରସ୍ତର ରଖା ଯାଇଛି ସେଥିରେ ଧରଣୀଧରଙ୍କ ପୈତୃକ ବାସ ଗୃହର ସଂରକ୍ଷଣ କରାଯିବ ଏବଂ ତାଙ୍କ ବ୍ୟବହୃତ ସାମଗ୍ରୀ ଗୁଡିକୁ ସୁରକ୍ଷିତ କରି ରଖାଯିବ। ଧରଣୀଧରଙ୍କ ଘର ପାଖରେ ଦୁଇ ଏକର ଜମିରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ସହିତ ଏକ ବ୍ୟାଖ୍ୟାନ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏହାକୁ ଏକ ପର୍ଯ୍ୟଟନ ଭାବେ ବିକଶିତ କରିବା ପାଇଁ ପାର୍କ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦୁଝରରେ ଖୁବଶୀଘ୍ର ଜେଏସ୍ ?ଡବ୍ଲୁ ଦ୍ୱାରା ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଷ୍ଟିଲପ୍ଲାଣ୍ଟ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏଥି ସହିତ କେନ୍ଦୁଝରରେ ସମୁଦାୟ ୧,୨୯,୮୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ୩୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଯାହାଦ୍ୱାରା ୩୦ରୁ ୩୫ ହଜାର ଯୁବକ ଯୁବତୀ ରୋଜଗାର ପାଇବେ। ଶିଳ୍ପ ପ୍ରତିଷ୍ଠାନ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନ ପ୍ରକଳ୍ପ ଗୁଡିକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ ଯାହା ଦ୍ୱାରା କେନ୍ଦୁଝର ଜିଲ୍ଲା ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଆଗକୁ ଯିବ। କାର୍ଯ୍ୟକ୍ରମରେ ଯୋଗଦେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ବିପ୍ଲବୀ ଧରଣୀଧରଙ୍କୁ ସ୍ୱାଭିମାନର ପ୍ରତୀକ ବୋଲି କହିବା ସହିତ ତାଙ୍କ ଜୀବନୀରୁ ପ୍ରତ୍ୟେକ ବର୍ଗ ଅନୁପ୍ରାଣିତ ହେବା ପାଇଁ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ଶ୍ରୀ କାଙ୍ଗାଳି ଚରଣ ନାଏକଙ୍କୁ ଧରଣୀଧର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାଏକ, ଚମ୍ପୁଆ ବିଧାୟକ ଶ୍ରୀ ସନାତନ ମହାକୁଡ ପ୍ରମୁଖ ନିଜ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ବିପ୍ଲବୀ ଧରଣୀଧର ନାଏକଙ୍କ ବଂଶଧର ଶ୍ରୀ କଳାକର ନାଏକ ଯୋଗଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ସମ୍ପାଦକ ଶ୍ରୀ ଶ୍ୟାମ ସୁନ୍ଦର ନାଏକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ଉପଦେଷ୍ଟା ଶ୍ରୀମତୀ ମମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଧାନୀରେ ଚାଞ୍ଚଲ୍ୟ: ଉଭୟ ମା ଓ ନାବାଳିକା ଝିଅକୁ ଦୁଷ୍କର୍ମ କରି ଯୁବକ ଗିରଫ

ଭୁବନେଶ୍ୱର,୫/୫: ରାଜଧାନୀରେ ଜଣେ ଯୁବକ ଉଭୟ ମା ଓ ନାବାଳିକା ଝିଅକୁ ଦୁଷ୍କର୍ମ କରି ଗିରଫ ହୋଇଥିବା ଚାଞ୍ଚଲ୍ୟ ଖେଳାଇଦେଇଛି। ପୁଲିସ ଅଭିଯୋଗ ପାଇବା ପରେ ଅଭିଯୁକ୍ତ ସରୋଜ କୁମାର ବେହେରା ଓରଫ ରବି(୨୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ସରୋଜ କୁମାର ବେହେରାଙ୍କ ଘର ଯାଜପୁର ଜିଲ୍ଲା ଟମକା ଥାନା ନିପାଣିଆରେ ବୋଲି ଜଣାଯାଇଛି। ସେ ପୀଡ଼ିତା ମା'ଙ୍କ ଜଣେ ସହକର୍ମୀ ଭାବେ କାର୍ଯ୍ୟ କରନ୍ତି । ସେ ନାବାଳିକାର ଗାଧୋଉଥିବା ବେଳର ଦୃଶ୍ୟକୁ ଭିଡିଓ କରି ବ୍ଲାକମେଲ୍ କରି ପ୍ରଥମେ ମା ଓ ପରେ ଝିଅ ସହ ସମ୍ପର୍କ ରଖିଥିଲେ। ମା କିନ୍ତୁ ଏକଥା ଜାଣି ନଥିଲେ। ମାଆ ଏକଥା ଜାଣିବା ପରେ ବିବାଦ ଆରମ୍ଭ ହୋଇଥିଲା । ଏହାପରେ ମାଆ ଅଭିଯୁକ୍ତ ସରୋଜ କୁମାର ବେହେରାଙ୍କ ନାମରେ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ତାପରେ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ସରୋଜ କୁମାର ବେହେରାଙ୍କ ଘର ଯାଜପୁର ଜିଲ୍ଲା ଟମକା ଥାନା ନିପାଣିଆରେ ବୋଲି ଜଣାଯାଇଛି। ସେ ପୀଡ଼ିତା ମା'ଙ୍କ ଜଣେ ସହକର୍ମୀ ଭାବେ କାର୍ଯ୍ୟ କରନ୍ତି । ସେ ନାବାଳିକାର ଗାଧୋଉଥିବା ବେଳର ଦୃଶ୍ୟକୁ ଭିଡିଓ କରି ବ୍ଲାକମେଲ୍ କରି ପ୍ରଥମେ ମା ଓ ପରେ ଝିଅ ସହ ସମ୍ପର୍କ ରଖିଥିଲେ। ମା କିନ୍ତୁ ଏକଥା ଜାଣି ନଥିଲେ। ମାଆ ଏକଥା ଜାଣିବା ପରେ ବିବାଦ ଆରମ୍ଭ ହୋଇଥିଲା । ଏହାପରେ ମାଆ ଅଭିଯୁକ୍ତ ସରୋଜ କୁମାର ବେହେରାଙ୍କ ନାମରେ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ତାପରେ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜଗନ୍ନାଥ ଧାମ ନୁହେଁ ଦୀଘା ଶ୍ରୀଜଗନ୍ନାଥ ମନ୍ଦିର – ଗଜପତି ଦିବ୍ୟସିଂହ ଦେବ

ଭୁବନେଶ୍ୱର,୫/୫: ପଶ୍ଚିମବଙ୍ଗ ପୂର୍ବ ମେଦିନାପୁରର ଦୀଘାଠାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ବା 'ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର' ଭାବେ ନାମିତ କରାଯିବା ଗ୍ରହଣୀୟ ନୁହେଁ ବୋଲି ଗଜପତି ଦିବ୍ୟସିଂହ ଦେବ କହିଛନ୍ତି। ଏ ସଂକ୍ରାନ୍ତରେ ଗଜପତି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭାର ତଥ୍ୟ ଅନୁଜୟୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂଳପୀଠ ହେଉଛି ପୁରୁଷୋତ୍ତମ କ୍ଷେତ୍ର। ପୁରୀ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତୀ ବିଗ୍ରହଙ୍କର ଶାସ୍ତ୍ରୀୟ ମତ ଅନୁସାରେ ପ୍ରତିଷ୍ଠା ଥିଲେ ମଧ୍ୟ ତାହା 'ଜଗନ୍ନାଥ ଧାମ', 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର', 'ଶ୍ରୀକ୍ଷେତ୍ର' କିମ୍ବା 'ନୀଳାଚଳ ଧାମ' ଭାବରେ ନାମିତ କରାଯାଇପାରିବ ନାହିଁ। ତେଣୁ ଦିଘାରେ କରାଯାଇଥିବା ଜଗନ୍ନାଥ ମନ୍ଦିରକୁ କିମ୍ବା ସ୍ଥାନକୁ ଶ୍ରୀ ଜଗନ୍ନାଥ ଧାମ, କ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର କିମ୍ବା ନୀଳାଚଳ ଧାମ ନାମରେ ନାମିତ କରାଯାଇପାରିବ ନାହିଁ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ମହିମା ମହର୍ଷି ବେଦବ୍ୟାସଙ୍କ ଦ୍ୱାରା ରଚିତ ସ୍କନ୍ଦ ପୁରାଣର "ବୈଷ୍ଣବ ଖଣ୍ଡ"ରେ ଥିବା "ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମହାତ୍ମ୍ୟ"ରେ ପ୍ରାମାଣିକ ଏବଂ ବ୍ୟାପକ ଭାବେ ଉଲ୍ଲେଖ କରାଯାଇଛି। ଅନ୍ୟ କୌଣସି ସ୍ଥାନ କିମ୍ବା ମନ୍ଦିର ନୁହେଁ, କେବଳ ପୁରୀ ହିଁ କାହିଁକି 'ଶ୍ରୀଜଗନ୍ନାଥ ଧାମ' ତାହା ସ୍କନ୍ଦ ପୁରାଣର କେବଳ ଏକ ସରଳ ପଠନ ଦ୍ୱାରା ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଇଛି। ପୁରୀ ହେଉଛି ପରମ ଆରାଧ ମହାପ୍ରଭୁ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥଙ୍କ ପବିତ୍ର ଆଦ୍ୟ ଓ ନିତ୍ୟ ପୀଠ। ଭଗବାନ ବ୍ରହ୍ମାଙ୍କ ଜୀବନକାଳର ପ୍ରଥମ ପରାର୍ଦ୍ଧ (୫୦ ବର୍ଷ) ସମୟରେ ମହାପ୍ରଭୁ ଶ୍ରୀପୁରୁଷୋତ୍ତମକ୍ଷେତ୍ର ପୁରୀରେ "ନୀଳମାଧବ' ରୂପରେ ଥିଲେ। ଏହାପରେ ଭଗବାନ ବ୍ରହ୍ମାଙ୍କର ୫୧ ତମ ବର୍ଷରେ ମହାପ୍ରଭୁ "ଚତୁର୍ଦ୍ଧା ଦାରୁ ବିଗ୍ରହ" ଭାବେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପୁରୀରେ ଆର୍ବିଭାବ ହୋଇ ଉପାସିତ ହେଉଛନ୍ତି। ମହାପ୍ରଭୁ ଏହି ଦାରୁବ୍ରହ୍ମ ରୂପରେ ଭଗବାନ ବ୍ରହ୍ମାଙ୍କ ଜୀବନକାଳର ଏହି ୫୦ ବର୍ଷ



(ଦ୍ୱିତୀୟ ପରାର୍ଦ୍ଧ)ରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଅଧିଷ୍ଠିତ ହୋଇ ରହିବେ। କେବଳ ସ୍କନ୍ଦ ପୁରାଣ ନୁହେଁ ବରଂ ବ୍ରହ୍ମ-ପୁରାଣ, ନୀଳାଦ୍ରି ମହୋଦୟ ଏବଂ ଅନ୍ୟାନ୍ୟ ପବିତ୍ର ଓ ପ୍ରାଚୀନ ଶାସ୍ତ୍ରରେ ମଧ୍ୟ ଶ୍ରୀପୁରୁଷୋତ୍ତମକ୍ଷେତ୍ର ପୁରୀ ହିଁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ପରମ ପବିତ୍ର ଆର୍ବିର୍ଭାବ ଓ ଉପାସନାର ପୀଠ ବୋଲି ଖୁବ୍ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। 'ପଦ୍ମପୁରାଣ'ର ଷଷ୍ଠ ଅଧ୍ୟାୟରେ ଉଲ୍ଲେଖ ରହିଛି ଯେ, କେବଳ ଭଗବାନଙ୍କର ପବିତ୍ର ନିତ୍ୟ ନିଳୟକୁ ହିଁ 'ଧାମ' ବୋଲି କୁହାଯାଇପାରିବ, ଅନ୍ୟ କୌଣସି ସ୍ଥାନ କିମ୍ବା ମନ୍ଦିର 'ଧାମ' ଭାବେ ଗ୍ରହଣୀୟ ନୁହେଁ । ଶତାବ୍ଦୀ ଶତାବ୍ଦୀ ଧରି, ସନାତନ ବୈଦିକ ଧର୍ମର ବିଭିନ୍ନ ସମ୍ପ୍ରଦାୟର ମହାନ ପ୍ରତିଷ୍ଠାତା-ଆଚାର୍ଯ୍ୟ, ଭଗବତପାଦ ଆଦି ଶଙ୍କରାଚାର୍ଯ୍ୟ, ଶ୍ରୀରାମନୁଜାଚାର୍ଯ୍ୟ, ଶ୍ରୀନିମ୍ବର୍କାଚାର୍ଯ୍ୟ, ଶ୍ରୀମଧ୍ୱାଚାର୍ଯ୍ୟ, ଶ୍ରୀରାମାନନ୍ଦାଚାର୍ଯ୍ୟ, ଶ୍ରୀଚୈତନ୍ୟ ଏବଂ ଶ୍ରୀବଲ୍ଲଭାଚାର୍ଯ୍ୟ କେବଳ ପୁରୀକୁ ହିଁ ଶ୍ରୀଜଗନ୍ନାଥ ଧାମ ଭାବରେ ସର୍ବତ୍ର ସ୍ୱୀକାର କରିଥିବା କୁହାଯାଇଛି। ତରଣୁ , "ମହାପ୍ରଭୁଙ୍କ ଶ୍ରୀବିଗ୍ରହ ଦାରୁ ବ୍ୟତୀତ ଅନ୍ୟ କୌଣସି ଧାତୁ ବା ଶୀଳାରେ ନିର୍ମାଣ କରି ପୂଜା କରିବା ଉଚିତ ନୁହେଁ ..... ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂଳପୀଠ ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କୌଣସି ଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠିତ ଶ୍ରୀବିଗ୍ରହ ମାନଙ୍କୁ ସମର୍ପଣ କରାଯାଉଥିବା ନୈବେଦ୍ୟକୁ 'ଶ୍ରୀମହାପ୍ରସାଦ' କୁହାଯିବା ଶାସ୍ତ୍ର ସମ୍ମତ ନୁହେଁ। ତେଣୁ ଏହି ଶାସ୍ତ୍ର ସମ୍ମତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି, ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତା, ଟ୍ରଷ୍ଟି ଏବଂ ପୃଷ୍ଠପୋଷକମାନଙ୍କୁ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରକୁ ସେମାନେ "ଜଗନ୍ନାଥ ଧାମ" କିମ୍ବା "ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର" ଭାବେ ନାମିତ କରିବାରୁ ନିବୃତ୍ତ ରୁହନ୍ତୁ ବୋଲି ବୋଲି ସେ କହିଛନ୍ତି।

# କାର୍ଯ୍ୟକାରୀ ହୋଇପାରୁନି ଶିକ୍ଷା କ୍ୟାଲେଣ୍ଡର

## ତାତି ବିଗାଡୁଛି ଶିକ୍ଷାବର୍ଷ, ସ୍କୁଲ ପିଲାଙ୍କର ଦୁଇ ସପ୍ତାହ ପାଠପଢ଼ା ପ୍ରଭାବିତ

ଭୁବନେଶ୍ୱର,୫/୫: ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଲାଗୁ ହୋଇଛି ଶିକ୍ଷା କ୍ୟାଲେଣ୍ଡର। କେବେ ଖରା ଛୁଟି ହେବ, କେତେ ଦିନ କ୍ଲାସରୁମ୍ ପାଠପଢ଼ା ବନ୍ଦ ରହିବ, ଖରା ଛୁଟିରେ ପିଲାମାନେ କେଉଁ ପ୍ରକାର ହୋମ୍‌ୱାର୍କ କରିବେ ଆଦି ବିଷୟରେ ସ୍ପଷ୍ଟ ଭାବେ ଉଲ୍ଲେଖ ହୋଇଛି। ପ୍ରତି ଶିକ୍ଷାବର୍ଷ ଆରମ୍ଭରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ବି ଜାରି କରାଯାଇ ପଦକ୍ଷେପ ନେବାକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ କୁହାଯାଉଛି। ମାତ୍ର ଲଗାତାର ୫ ବର୍ଷ ହେଲା ତାତି ସବୁ କିଛି ବିଗାଡ଼ି ଦେଉଛି। ଧାର୍ଯ୍ୟ ସମୟର ବହୁ ପୂର୍ବରୁ ବିଦ୍ୟାଳୟଗୁଡ଼ିକରେ ଖରା ଛୁଟି ହୋଇଯାଉଛି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ କେବେ ଛୁଟି ହେଉଛି ତାହାର କୌଣସି ଟେର କେହି ପାଉନାହାନ୍ତି। ଯେଉଁ ସମୟ ମଧ୍ୟରେ ସେମିଷ୍ଟାର ପିଲାଙ୍କ ପରୀକ୍ଷା ଶେଷ କରିବାକୁ କୁହାଯାଉଛି ତାହା ହୋଇପାରୁ ନାହିଁ। ଶିକ୍ଷାବର୍ଷ ବାରମ୍ବାର ବିଗୁଡୁଥିବାରୁ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ଏହାକୁ ନେଇ ଅଭିଭାବକଙ୍କଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ଏବେ ସମସ୍ତେ ଚିନ୍ତାରେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶିକ୍ଷାବର୍ଷ କ୍ୟାଲେଣ୍ଡର ଅନୁଯାୟୀ ମେ' ୬ରୁ ଜୁନ୍ ତୃତୀୟ ସପ୍ତାହ(ରଜ ସରିବା ପରେ) ପର୍ଯ୍ୟନ୍ତ ଖରା ଛୁଟି ହୋଇଥାଏ। ତେବେ ଏହି କ୍ୟାଲେଣ୍ଡର କାର୍ଯ୍ୟକାରୀ ହୋଇପାରୁ ନାହିଁ। ନୂତନ ଶିକ୍ଷାବର୍ଷର ୨୦ ଦିନ ପାଠପଢ଼ା ହେଉଛି କି ନାହିଁ ଖରା ଛୁଟି ଘୋଷଣା ହେଉଛି। ୨୦୨୦ରୁ ୨୦୨୨ ମଧ୍ୟରେ କୋଭିଡ୍ ସଂକ୍ରମଣ ଜାରି ରହିଥିବାରୁ ଶିକ୍ଷାବର୍ଷ କାର୍ଯ୍ୟକାରୀ ହୋଇପାରି ନ ଥିଲା। ୨୦୨୩ ଏପ୍ରିଲ ୨ରୁ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ମଧ୍ୟ ଧାର୍ଯ୍ୟ ସମୟରେ ସ୍କୁଲରେ ପ୍ରବେଶ ଉତ୍ସବ କିମ୍ବା ନାମଲେଖା ହୋଇପାରି ନ ଥିଲା। ଏପ୍ରିଲ ଦ୍ୱିତୀୟ ସପ୍ତାହରୁ ତତଲା




ତାତ୍ୱାରେ ସାରା ରାଜ୍ୟ ସିଝିବାରୁ ମେ' ୬ରେ ହେବାକୁ ଥିବା ଖରା ଛୁଟିକୁ ଏପ୍ରିଲ ୨୧ରୁ ଘୋଷଣା ହୋଇଥିଲା। ୨୦୨୪ରେ ମଧ୍ୟ ସମାନ ଅବସ୍ଥା ଉପୁଜିଥିଲା। ଏପ୍ରିଲ୍ ୨୫ରୁ ସ୍କୁଲଗୁଡ଼ିକରେ ଖରା ଛୁଟି ହୋଇଥିଲା। ପ୍ରଥମେ ୨୨ରୁ ୨୪ ତାରିଖ ଯାଏଁ ସକାଳ ୬ଟା ୩୦ରୁ ୧୦ଟା ୩୦ ପାଠପଢ଼ା ହୋଇଥିଲା। ଏହାପରେ ତାତି ନ କମିବାରୁ ରାଜ୍ୟ ସରକାର ରାଜ୍ୟର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରିଥିଲେ। ଚଳିତ ଶିକ୍ଷାବର୍ଷ ମଧ୍ୟ ପ୍ରଭାବିତ ହୋଇଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ସମୟର ତାପମାତ୍ରା ୪୦ ଡିଗ୍ରି ଡେଇଁବା ପରେ ରାଜ୍ୟ ସରକାର ଏପ୍ରିଲ ୨୩ରୁ ସ୍କୁଲଗୁଡ଼ିକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ଗୋଟିଏ ସପ୍ତାହ ପରେ ତାତିରେ ସୁଧାର ଆସିଥିଲେ ମଧ୍ୟ ରାଜ୍ୟ ସରକାର ସ୍କୁଲ ଖୋଲିବା ଦିଗରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ପରିଣାମ ସ୍ୱରୂପ ତାତି ପାଇଁ ଏଥର ପିଲାଙ୍କ ୧୪ ଦିନ ପାଠପଢ଼ା ବନ୍ଦ ରହିଲା। ଯଦି ରଜ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ତାତିରେ କୌଣସି ସୁଧାର ନ ଆସେ ତାହା ହେଲେ ଛୁଟି ଆହୁରି ବଢ଼ିବାର ଆଶଙ୍କା ରହିଛି। ନୂଆ ଶିକ୍ଷାବର୍ଷ ଆରମ୍ଭ ହେବାର ମାତ୍ର ୨୦ ଦିନ ପାଠପଢ଼ା ହୋଇଛି କି ନାହିଁ, ଏବେ ଦୁଇ ମାସ ସ୍କୁଲ ଛୁଟି ରହିବାରୁ ପିଲାଙ୍କ ପାଠପଢ଼ା ବହୁ ପରିମାଣରେ ପ୍ରଭାବିତ ହେବା ଏକପ୍ରକାର ଥୟ। କେବଳ ବିଦ୍ୟାଳୟ ନୁହେଁ, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଅଧୀନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଛୁଟି ଘୋଷଣା ହୋଇଛି। ଦୁଇ ସପ୍ତାହ ହେଲା ଛୁଟି କରାଯାଇଥିବାରୁ ପାଠପଢ଼ା ଠପ୍। ପିଲା ଆସୁନାହାନ୍ତି କି ଶିକ୍ଷାଦାନ ହୋଇପାରୁ ନାହିଁ। ଏପ୍ରିଲ ୨୩ରେ ଜାରି ବିଜ୍ଞପ୍ତି ଅନୁଯାୟୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ଜାରି ରହିବ। ଛାତ୍ରଛାତ୍ରୀଙ୍କ ପାଇଁ ଛୁଟି ହୋଇଥିଲେ ମଧ୍ୟ ଏକକ ଶିକ୍ଷା କ୍ୟାଲେଣ୍ଡର ଅନୁଯାୟୀ ଶିକ୍ଷକ ଓ ଅଣଶିକ୍ଷକ ନିୟମିତ ଭାବେ କାର୍ଯ୍ୟାଳୟକୁ ଆସୁଛନ୍ତି। ଯଦି କୌଣସି ଛାତ୍ରଛାତ୍ରୀ ହଷ୍ଟେଲରେ ରହିବାକୁ ଚାହିଁବେ ତାହା ହେଲେ ହଷ୍ଟେଲ ଖୋଲା ରଖିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳସଚିବ, ପିଜି କାଉନସିଲ୍ ଅଧ୍ୟକ୍ଷ ଓ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଜ୍ଞପ୍ତି ଆଧାରରେ କେତେକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସେମିଷ୍ଟର ପରୀକ୍ଷାକୁ ମଧ୍ୟ ବାତିଲ୍ କରି ଦେଇଛନ୍ତି। ୬ ଦିନ ହେଲା ରାଜ୍ୟର ବିଭିନ୍ନ ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରି ତଳେ ରହିଥିଲେ ମଧ୍ୟ ପିଲାଙ୍କ କ୍ଲାସ ହେବା ନେଇ କୌଣସି ସବୁଜସଙ୍କେତ ମିଳିପାରି ନାହିଁ।

# ବିକାଶର ବାଟ ଓଗାଳୁଛି କିଏ: କର୍ପୋରେଟର ତାତିଲେଣି, ଅନଶନ ଧମକ

## ଟେଣ୍ଡର ହେଉଥିଲେ ବି କାମ ହେଉନି

ଭୁବନେଶ୍ୱର,୫/୫: ରାସ୍ତା ଅବସ୍ଥା ଶୋଚନୀୟ। ଡ୍ରେନେଜ୍ ଭାଙ୍ଗିଗଲାଣି। ବାରମ୍ବାର ଅନୁରୋଧ ସତ୍ତ୍ୱେ ୱାର୍ଡରେ ଥିବା ବସ୍ଷ୍ଟାଣ୍ଡ ମରାମତି ହେଉ ନାହିଁ। ଗୋଟିଏ କି ଦୁଇଟି ନୁହେଁ, ଭୁବନେଶ୍ୱର ମହାନଗର ନିଗମ ଅଧୀନ ୱାର୍ଡଗୁଡ଼ିକରେ ଏବେ ଏମିତି ମାଳମାଳ ସମସ୍ୟା। ସମାଧାନ ପାଇଁ କର୍ପୋରେଟରମାନେ ବିଏମ୍ସି ବୈଠକରେ ସ୍ୱର ଉଠାଉଥିଲେ ମଧ୍ୟ କିଛି ସୁଫଳ ମିଳୁନି। ସମସ୍ୟାର ସମାଧାନ କଥା ଦୂରେ ଥାଉ। କର୍ପୋରେଟରଙ୍କ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ବିଏମ୍ସି ଆଦୌ ଗୁରୁତ୍ୱ ଦେଉ ନାହିଁ। ପରିଣାମ ସ୍ୱରୂପ ଏବେ କର୍ପୋରେଟରମାନଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିଲାଣି। ପୂର୍ବରୁ ୨ରୁ ୩ ଜଣ କର୍ପୋରେଟର ଏନେଇ ମୁହଁ ଖୋଲିଥିବା ବେଳେ ଏବେ ୧୧ ନମ୍ବର ୱାର୍ଡର ବିଜେଡି କର୍ପୋରେଟର ପ୍ରଭାସିନୀ ମହାନ୍ତିଙ୍କ ଚିଠିକୁ ନେଇ ସହରରେ ଚର୍ଚ୍ଚା। ଲୋକଙ୍କ କାମ ହେଉ ନ ଥିବାରୁ ସୋମବାରଠାରୁ ନିଜ ୱାର୍ଡରେ ଅମରଣ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି। ସହରରେ ବିକାଶମୂଳକ କାର୍ଯ୍ୟ କରିବା ଦିଗରେ କିଏ ବାଟ ଓଗାଳୁଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଏମ୍ସି ପକ୍ଷରୁ ଏହି ୱାର୍ଡକୁ ଅଣଦେଖା କରାଯାଉଥିବା ଅଭିଯୋଗ ଆଣି ଶ୍ରୀମତୀ ମହାନ୍ତି ମେୟର ସୁଲୋଚନା ଦାସଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ ବିଜେଡି ଟିକେଟ୍ ପାଇବା ସହ ଲୋକଙ୍କ ଆଶିର୍ବାଦରେ ଜିତିଛନ୍ତି। ହେଲେ ୱାର୍ଡବାସୀଙ୍କ ଉନ୍ନତିମୂଳକ ପ୍ରସ୍ତାବଗୁଡ଼ିକୁ ଜାଣିଶୁଣି ଅଣଦେଖା କରାଯାଉଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ରାସ୍ତା ମରାମତି ହେଉ ନାହିଁ। ଭଙ୍ଗାରୁଜା ହୋଇ ପଡ଼ିଥିବା ପାର୍କ ଓ ଓପନ୍ ଜିମ୍ର ମରାମତି କରାଯାଉ ନାହିଁ। ହସ୍ପିଟାଲକୁ ଆସୁଥିବା ଶତାଧିକ ରୋଗୀଙ୍କୁ ସୁବିଧା ମିଳୁନି। କଲ୍ୟାଣ ମଣ୍ଡପ ଭାଙ୍ଗିଯାଇଥିଲେ ମଧ୍ୟ ମରାମତି କରାଯାଉନି। ବସ୍ତିବାସିନ୍ଦାଙ୍କ ସମସ୍ୟାର ସମାଧାନ ହେଉ ନାହିଁ। ୱାର୍ଡ ଅଫିସ୍ ପାଇଁ ଜାଗା ଯୋଗାଇବା, ଟିଟିଏସ୍ରୁ ବାହାରୁଥିବା ଦୁର୍ଗନ୍ଧ ଦୂର କରିବା, ଜବରଦଖଲକାରୀଙ୍କୁ ହଟାଇବା ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ବିଏମ୍ସିର କିଛି କର୍ମଚାରୀ ସହଯୋଗ କରୁ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ୧୦ ହଜାରରୁ ଅଧିକ ଲୋକ ନିର୍ଭର କରୁଥିବା ଗଡେଶ୍ୱର ହାଟରୁ ବିଏମ୍ସି ଭଡ଼ା ନେଉଥିଲେ ମଧ୍ୟ ଏଠାରେ ସମସ୍ୟା ଚିନ୍ତାଜନକ ହୋଇଛି। କାଦୁଅ ପଚପଚ ରାସ୍ତା ହୋଇଥିବା ବେଳେ ଗାଡି ପାର୍କିଂ ବ୍ୟବସ୍ଥା ନାହିଁ, ବସ୍ଷ୍ଟପ୍ କରାଯାଇ ନାହିଁ। ତିନି ବର୍ଷ ହେଲା ବାରମ୍ବାର ଏନେଇ ବିଏମ୍ସିର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିବାରୁ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବାକୁ ସେ ଚେତାବନୀ ଦେଇଛନ୍ତି। କେବଳ ୧୧ ନମ୍ବର ୱାର୍ଡ ନୁହେଁ, ସହରର ସମସ୍ତ ୱାର୍ଡରେ ଏଭଳି ଅବ୍ୟବସ୍ଥା ସୃଷ୍ଟି ହୋଇଛି। ରାଜ୍ୟରେ ନୂଆ ସରକାର ଆସିବା ପରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଉନ୍ନତିମୂଳକ କାମ ଏକପ୍ରକାର ଠପ୍ ହୋଇଯାଇଛି। ୱାର୍ଡରେ କାମ କରିବାକୁ ଟେଣ୍ଡର ହେଉଛି। ମାତ୍ର ୱାର୍କ ଅର୍ଡର(କାର୍ଯ୍ୟାଦେଶ) ମିଳୁ ନ ଥିବାରୁ କାମ ଆଗେଇପାରୁ ନାହିଁ। ବିଏମ୍ସିର ଜଣେ ଅଧିକାରୀ କହିଛନ୍ତି ଯେ ଅର୍ଥାଭାବ ଏବେ ପ୍ରମୁଖ ସମସ୍ୟା ସାଜିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଯେଉଁ କାମଗୁଡ଼ିକ ପାଇଁ ଅର୍ଥ ଅନୁମୋଦିତ ହୋଇଥିଲା ସେହି କାମ ଏବେ ହେଉଛି। କର୍ପୋରେଟରମାନେ ଦେଉଥିବା ନୂଆ ପ୍ରସ୍ତାବଗୁଡ଼ିକ ଏବେ କାର୍ଯ୍ୟକାରୀ ହେଉ ନାହିଁ। ୱାର୍ଡ ସ୍ତରରେ ଏବେ କାମ ବଣ୍ଟନକୁ ନେଇ ଟଣାଓଟଣରା ପରିସ୍ଥିତି ଉପୁଜିଛି। କେତେଜଣ କର୍ପୋରେଟର ନିଜ ସମ୍ପର୍କୀୟଙ୍କୁ କାମ ଦେବାକୁ ଅଡ଼ି ବସୁଥିବା ବେଳେ ଆଉ କିଛି ସ୍ଥାନରେ ରାଜ୍ୟ ସରକାରଙ୍କ ଚାପ ପଡୁଛି। ବିଜେପି ପାଇଁ କାମ କରିଥିବା କିମ୍ବା ନିର୍ବାଚନ ସମୟରେ ପାଣ୍ଠି ଯୋଗାଇ ଦେଇଥିବା ବ୍ୟକ୍ତିଙ୍କୁ କାମ ଦେବାକୁ ଚାପ ପକାଉଛନ୍ତି। ତେଣୁ କାର୍ଯ୍ୟାଦେଶ ବଣ୍ଟନ ସମ୍ଭବପର ହେଉ ନାହିଁ। ଆହୁରି ଜଣାପଡ଼ିଛି ଯେ ପୂର୍ବ ସରକାରରେ ମୁକ୍ତା, ଜାଗା ମିସନ୍, କଞ୍ଚା ପକ୍କା ଯୋଜନାରେ ଯେଉଁ ଠିକାଦାରମାନେ କାମ କରିଥିଲେ ସେମାନେ ଏବେ ସୁଦ୍ଧା ଅର୍ଥ ପାଇ ନାହାନ୍ତି। ବିଏମ୍ସିର ବଜେଟ୍ ନ ଥିବାରୁ ସେମାନଙ୍କ ପ୍ରାପ୍ୟ ମିଳୁ ନ ଥିବାରୁ କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯେଉଁଭଳି ଭାବେ କାମ କରିବା କଥା ସେଥିରେ ଢିଲା ମାରୁଛନ୍ତି। କର୍ପୋରେଟର ଦେଉଥିବା ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହେଉ ନ ଥିବାରୁ ଆଗକୁ ଅନେକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ବିଶେଷକରି ଆଗକୁ ବର୍ଷା ଋତୁ ଆସୁଥିବାରୁ ରାସ୍ତାଘାଟ ମରାମତି, ଡ୍ରେନେଜ୍ କାମ ଆଦି ବିଏମ୍ସି ପାଇଁ ବଡ଼ ଆହ୍ୱାନ ଭାବେ ଛିଡ଼ା ହୋଇଛି।



# ଜଳସେବା ଶିବିରରେ ଖାଲି ମାଠିଆ

## ପରିଚ୍ଛନ୍ନତାକୁ ବି ଅଣଦେଖା ମାସିକ ଖର୍ଚ୍ଚ ୨୫ ଲକ୍ଷ ଟଙ୍କା

ଭୁବନେଶ୍ୱର,୫/୫: ଗ୍ରୀଷ୍ମରେ ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଜଳସେବା ଶିବିର(ଟେମ୍ପରାରି ୱାଟର କିଓସ୍କୋ)ର ବ୍ୟବସ୍ଥା କରାଯାଇଛି। କିଛି ସ୍ୱେଚ୍ଛାସେବୀ ସଂସ୍ଥା ଏହାର ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏ ବାବଦରେ ବିଏମ୍ସି ମାସିକ ୨୫.୫୦ ଲକ୍ଷ ଟଙ୍କା ଗଣୁଛି। ତିନି ମାସ ପାଇଁ ଏହି ଶିବିର ଚଳାଇବାକୁ ନିଷ୍ପତ୍ତି ହୋଇଛି। କିନ୍ତୁ ଜଳସେବା ଶିବିର ପରିଚଳନାରେ ବ୍ୟାପକ ଅବ୍ୟବସ୍ଥା ନଜରକୁ ଆସିଛି। ବହୁ ଶିବିରରେ ପିଇବାକୁ ଜଳ ମିଳୁନି। ଅଧିକାଂଶ ସମୟରେ ଜଳପାତ୍ର ଖାଲି ରହୁଛି। ଶିବିରଗୁଡ଼ିକରେ ପରିଷ୍କାର, ପରିଚ୍ଛନ୍ନତାକୁ ଅଣଦେଖା କରାଯାଉଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅନେକ ସ୍ଥାନରେ ଏହି ମାଠିଆର ଢାଙ୍କୁଣି ଦିଆଯାଉନି। ପୁଣି ମାଠିଆ ନିୟମିତ ସଫା ହେଉନି, ଏଥିରେ ଲାଗିଥିବା କପଡ଼ା ବି ସବୁ ଫାଟିଗଲାଣି। ବଡ଼କଥା ହେଉଛି, ଏହାକୁ ଜଗିବାକୁ କେହି ରହୁନାହାନ୍ତି। ଫଳରେ କିଛି ଜଳସେବା ଶିବିରରେ କୁକୁର, ଗାଈଗୋରୁ ଶୋଉଥିବା ଦେଖିବାକୁ ମିଳୁଛି। ବିଏମ୍ସି ପକ୍ଷରୁ ୬୭ଟି ୱାର୍ଡରେ ୧୧୪ଟି ଜଳସେବା ଶିବିରର ବ୍ୟବସ୍ଥା କରାଯାଇଛି। ପ୍ରତି ଜଳଛତ୍ରରେ ତିନିଟି ମାଠିଆ, ଗ୍ଲାସ୍ ଆଦି ରଖିବାକୁ କୁହାଯାଇଛି। ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଏହାର ପରିଚାଳନା କରୁଥିଲେ। ଏବେ ବିଭିନ୍ନ ଏନ୍ଜିଓଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ତିନି ମାସ ପାଇଁ ଏହି ଅସ୍ଥାୟୀ ଜଳସେବା ଶିବିର ଚାଲିବ। ଦାୟିତ୍ୱ ନେଇଥିବା ଅଧିକାଂଶ ସଂସ୍ଥା ଠିକ୍ ଭାବେ ଏହି କାର୍ଯ୍ୟ ସମ୍ପାଦନ କରୁ ନଥିବା ଅଭିଯୋଗ ହୋଇଛି। ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦୈନିକ ୪୦୦ ଟଙ୍କା(ଜଳସେବା ଶିବିର ପିଛା) ଦେଇ ଏହାକୁ ପରିଚାଳନା କରାଯାଉଥିଲା। କିନ୍ତୁ ଏବେ ଏନ୍ଜିଓଙ୍କୁ ମାସିକ ପ୍ରତି ଜଳସେବା ଶିବିର ପିଛା ୨୫ ହଜାର ଟଙ୍କା ଦିଆଯାଉଛି। ଏମାନଙ୍କୁ ତିନି ମାସ ପର୍ଯ୍ୟନ୍ତ ଏହି ଟଙ୍କା ଦିଆଯିବ। ଏଥି ପାଇଁ ବିଏମ୍ସି ଏକ ମାର୍ଗଦର୍ଶିକା ଜାରି ରହିଛି। ମାର୍ଗଦର୍ଶିକା ଅନୁଯାୟୀ ଦାୟିତ୍ୱ ନେଇଥିବା ଏନ୍ଜିଓଗୁଡ଼ିକ ପଥଚାରୀଙ୍କୁ ଜଳସେବା ଶିବିରରେ ସକାଳ ୯ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ପାଣି ଯୋଗାଇଦେବେ। ଜଳସେବା ଶିବିରର ପରିବେଶ ସଫାସୁତୁରା ରହିବ ଏବଂ ସେଠାରେ ଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହେବ। କିନ୍ତୁ ବିଏମ୍ସିର ଏହି ମାର୍ଗଦର୍ଶିକାକୁ ଅଧିକାଂଶ ସଂସ୍ଥା ମାନୁନାହାନ୍ତି। ଅନେକ ଜାଗାରେ ଜଳସେବା ଶିବିରରେ ମାଠିଆରୁ ପାଣି ସରିଗଲେ, ଆଉ ପାଣି ଭର୍ତ୍ତି କରାଯାଉନି। ଏନ୍ଜିଓମାନଙ୍କୁ କାମ ଦେବା ନେଇ କର୍ପୋରେଟରମାନେ ବି ଅସନ୍ତୋଷ ପ୍ରକାଶ କରୁଛନ୍ତି। ବରିଷ୍ଠ କର୍ପୋରେଟର ନୃପେଶ ନାୟକ କହିଛନ୍ତି, କିଏ କାହା ଅନୁମତିରେ ଏନ୍ଜିଓମାନଙ୍କୁ ଜଳସେବା ଶିବିର ପରିଚାଳନା ଦାୟିତ୍ୱ ଦେଲା, ତାହା ସନ୍ଦେହରେ। କାରଣ ଯାହା କିଛି ନିଷ୍ପତ୍ତି ହେବ, ତାର ଚୂଡ଼ାନ୍ତ ନିଷ୍ପତ୍ତି ନେବା ଦାୟିତ୍ୱ କର୍ପୋରେସନ୍ର। ନିୟମ କହୁଛି, ଏ ସଂପର୍କିତ ପ୍ରସ୍ତାବ ପ୍ରଥମେ ବିଏମ୍ସି ହେଲ୍ଥ କମିଟିକୁ ଆସିବ। ପରେ କର୍ପୋରେସନ୍ ବୈଠକରେ ଏହା ଅନୁମୋଦନ ଲାଭ କଲେ, ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ଟେଣ୍ଡର ଡକାଯାଇ ଜଳସେବା ଶିବିର କିଏ ନେବ ଚୂଡ଼ାନ୍ତ ହେବ। କିନ୍ତୁ ଜଳସେବା ଶିବିର ପରିଚାଳନା କ୍ଷେତ୍ରରେ ସେଭଳି କିଛି ହୋଇନି। ମନଇଚ୍ଛା ଟେଣ୍ଡର ଡକାଯାଇଛି। ଏବେ ଏହି ଶିବିରଗୁଡ଼ିକ ପରିଚାଳନାରେ ଏତେ ଅବ୍ୟବସ୍ଥା ଦେଖାଦେଇଛି ଯେ ବିଏମ୍ସି ବଦନାମ ହେଉଛି। ସାଧାରଣ ଲୋକ ତାହାର ସୁଫଳ ପାଉ ନାହାନ୍ତି।



### କନ୍ଧମାଳ ଜିଲ୍ଲା ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଛାତ୍ରୀ ମାଟ୍ରିକ ପରୀକ୍ଷାରେ ଟପର

# ଅନ୍ୱେଷା ସାହୁ ପ୍ରଥମ ଓ ବିକାଶ ସାହୁ ଦ୍ୱିତୀୟ ସ୍ଥାନରେ

ଫୁଲବାଣୀ , ୫/୫: ମାଟ୍ରିକ ପରୀକ୍ଷାରେ ଲଗାତାର ଭାବେ ପ୍ରତ୍ୟେକ ବର୍ଷ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମାଟ୍ରିକ ପରୀକ୍ଷାରେ ନିଜର ଗର୍ବ ଓ ଗୌରବକୁ ବଜାୟ ରଖିବା ସହିତ ଶତ ପ୍ରତିଶତ ସଫଳତା ହାସଲ କରି ଆସୁଛି ଆଉ ଚଳିତ ବର୍ଷ ମଧ୍ୟ ଶତ ପ୍ରତିଶତ ମାଟ୍ରିକ ପରୀକ୍ଷା ର ଫଳାଫଳ ଏ-୧ ରେ ୪ ଜଣ ପାସ କରି କନ୍ଧମାଳ ଜିଲ୍ଲାର ଟପର ୧ ଓ ଟପର ୨ ସ୍ଥାନ ଅଧିକାର କରିପାଇଛି କ୍ଷ ଫୁଲବାଣୀ ସରସ୍ୱତୀ ବିଦ୍ୟା ମନ୍ଦିର ପରୀକ୍ଷା ଫଳକୁ ନେଇ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି କ୍ଷ ପ୍ରକାଶ ଥାଉ କି ଚଳିତ ବର୍ଷ ୨୦୨୫ ମାଟ୍ରିକ ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ମୋଟ ୭୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ଗ୍ରେଡ଼ ଏ -୧ ରେ - ୪,ଏ-୨ ରେ ୩ ଜଣ, ବି-୧ ରେ ୧୮ ଜଣ, ବି-୨ ରେ ୨୧ ଜଣ ଓ ସି- ରେ ୩୧ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି । ଗ୍ରେଡ଼ ଏ-୧ ର ୪ ଜଣଙ୍କ ମଧ୍ୟରେ ଛାତ୍ରୀ ଅନ୍ୱେସା ସାହୁ ମୋଟ ୬୦୦ ରୁ ୫୬୩ ନମ୍ବର(୯୩. ୮୩%) ରଖି କନ୍ଧମାଳ ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିକାଶ ରଞ୍ଜନ କର ୫୫୮(୯୩%) ନମ୍ବର ରଖି ଜିଲ୍ଲାରେ ଦ୍ୱିତୀୟ ଟପର ହୋଇଥିବା ବେଳେ ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଓ ଅର୍ଚିତା ଲହରିଆ ୫୪୩ ନମ୍ବର ରଖି ବିଦ୍ୟାଳୟରେ ତୃତୀୟ ସ୍ଥାନ, ସାଇ ଶ୍ରୀୟା ସାହୁ ୫୪୦ ନମ୍ବର ରଖି ବିଦ୍ୟାଳୟରେ ଚତୁର୍ଥ ସ୍ଥାନ ଅଧିକାର କରି ବିଦ୍ୟାଳୟ ଗୌରବ କୁ ଅକ୍ଷୁର୍ଣ୍ଣ ରଖିବାରେ ସଫଳ ହୋଇଛନ୍ତି । ବିଦ୍ୟାଳୟର ସଫଳତାକୁ ନେଇ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ ବ୍ରଜବନ୍ଧୁ ମଲ୍ଲିକ, ସମ୍ପାଦକ ଟି. ଶିବ ଶଙ୍କର ପାତ୍ର, ବିଦ୍ୱତ ପରିଷଦର ସଭାପତି ବାସୁଦେବ ପ୍ରହରାଜଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ବୃନ୍ଦ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢୀଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ନିଜକୁ ଗୌରବାନ୍ୱିତ ମନେ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏତଦ୍ ବ୍ୟତୀତ ବିଦ୍ୟାଳୟ ପରିଚାଳନା ସମିତି ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କୁ ସଫଳତାର ଶ୍ରେୟ ପ୍ରଦାନ କରିବା ସହିତ ଆଗାମୀ ଶିକ୍ଷା ବର୍ଷରେ ମଧ୍ୟ ଏପରି ସଫଳତା ଅର୍ଜନ କରିବା ପାଇଁ ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କୁ ଉତ୍ସାହିତ କରିଛନ୍ତି । ପୁନଶ୍ଚ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ଅଭିଭାବକ ଅଭିଭାବିକା, ଛାତ୍ରଛାତ୍ରୀ, ସେବକ ସେବିକା ସମସ୍ତଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି ଏବଂ ପରିଶେଷ ରେ କୃତି ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସମସ୍ତଙ୍କ ତରଫରୁ ମଙ୍ଗଳ କାମନା କରାଯାଇଛି । ଫୁଲବାଣୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୁ ଛାଡିଦେଲେ ଜିଲ୍ଲାରେ ଥିବା ସରକାରୀ ବେସରକାରୀ ବିଦ୍ୟାଳୟ ଗୁଡିକରେ ପାସ ହାର ନୈରାଶ୍ୟ ଜନକ ଥିବା ଜଣାପଡିଛି । ଏଭଳି ଜିଲ୍ଲାରେ ନୈରାଶ୍ୟ ଜନକ ପାସ ହାର ଦୀର୍ଘ ୧୧ବର୍ଷରୁ ଉର୍ଦ୍ଧ ହେଲାଣି ଲାଗିରହିଥିବା ବୁଦ୍ଧିଜୀବୀ ମହଲରେ ଚିନ୍ତାର କାରଣ ପାଲଟିଛି । ଏଭଳି ନୈରାଶ୍ୟ ଜନକ ପାସ ହାର ପାଇଁ ଶିକ୍ଷା ବିଭାଗ ର ସମସ୍ତ ଅଧିକାରୀ ମାନେ ଉତ୍ତର ଦାୟୀ ଅଟନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । କନ୍ଧମାଳ ଜିଲ୍ଲାର ସରକାରୀ ଅଫିସର ମାନେ ନିଜ ଦାୟିତ୍ୱରୁ ଦୁରେଇ ଶିକ୍ଷକ ବଦଳି ଦୁର୍ନୀତିରେ ଲିପ୍ତ ରହିଥିବା ଯୋଗୁଁ ଆଜି କନ୍ଧମାଳ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ଭୁଶୁଡି ବାରେ ଲାଗିଛି, ତେଣୁ ଜିଲ୍ଲାପାଳ ତୁରନ୍ତ ଶିକ୍ଷା ବ୍ୟବସ୍ଥା ଉପରେ ହସ୍ତକ୍ଷେପ ନକଲେ କନ୍ଧମାଳ ଜିଲ୍ଲାର ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜଳ ମୟ ଶିକ୍ଷା କ୍ଷେତ୍ରରେ ଅମା ଅନ୍ଧ କାର ଘୋଟି ଆସିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଦେଖାଯାଉ ଆଗାମୀ ଦିନରେ କନ୍ଧମାଳ ଜିଲ୍ଲା ଶିକ୍ଷା ବିଭାଗ ଉପରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର, ଶିକ୍ଷା ବିଭାଗ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣରେ ଦାବୀ ହେଉଛି, ହେଲେ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଶିକ୍ଷା ବିଭାଗ ଓ ବିଦ୍ୟାଳୟ ର ମୁଖିଆ ମାନଙ୍କ ଉପରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଆଗାମୀ ଦିନରେ ଦେଖିବାକୁ ମିଳିବ ।




# ଶାଶୂକୁ ଜାଳିଦେଲା ବୋହୂ

ମାଲକାନଗିରି,୫/୫: ଦୋକାନରୁ ଟଙ୍କା ଚୋରି କରୁଥିବା ଦେଖିଦେବାରୁ ଶାଶୂକୁ ପେଟ୍ରୋଲ୍ ଢାଳି ହତ୍ୟା ଉଦ୍ୟମ କରିଛି ବୋହୂ। ଗୁରୁତର ଅବସ୍ଥାରେ ଶାଶୂ ରେଣୁକା ବୈଦ୍ୟଙ୍କୁ ଗ୍ରାମବାସୀ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମାଲକାନଗିରି ଥାନାରେ ଜୟାଙ୍କ ସ୍ୱାମୀ ଅବିନାଶ ବୈଦ୍ୟ ଅଭିଯୋଗ କରିବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ମାଲକାନଗିରି ଥାନା ଏମ୍‌ଭି-୧୮ ଗ୍ରାମର ଅବିନାଶ ଛତିଶଗଡ଼ କୋଣ୍ଟା ଅଞ୍ଚଳର ଜୟା ବୈଦ୍ୟଙ୍କୁ ଦୁଇ ବର୍ଷ ତଳେ ବିବାହ କରିଥିଲେ। ଉଭୟଙ୍କର ୩ ମାସର ଏକ ସନ୍ତାନ ରହିଛି। ଅବିନାଶ ବାହାର ରାଜ୍ୟରେ କାମ କରୁଥିବାରୁ ଘରେ ଶାଶୂ ରେଣୁକା ଓ ବୋହୂ ଜୟା ରହୁଥିଲେ। ଗାଁରେ ସେମାନଙ୍କ ଛୋଟିଆ ତେଜେରାତି ଦୋକାନ ରହିଛି। ତେବେ ବୋହୂ ଜୟା ଦୋକାନରୁ ଟଙ୍କା ଚୋରି କରି ନିଜ ମାଆ ଘରକୁ ପଠାଇ ଦେଉଥିଲେ। ଏ ସମ୍ପର୍କରେ ଶାଶୂ ରେଣୁକା ଜାଣିବା ପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଦୋକାନରୁ ଚୋରି ରୋକିବା ପାଇଁ ରେଣୁକା ପୁଅ ଅବିନାଶଙ୍କୁ ସିସି କ୍ୟାମେରା ଲଗାଇବା ପାଇଁ କହିଥିଲେ। ଅବିନାଶ ସିସି କ୍ୟାମେରା ଲଗାଇବାରୁ ଶାଶୂ-ବୋହୂଙ୍କ ମଧ୍ୟରେ ବିବାଦ ଉଗ୍ର ହୋଇଥିଲା। ସବୁ ଦିନ ପାଇଁ ଶାଶୂ ରେଣୁକାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରି ରେଣୁକା ଶୋଇଥିବା ବେଳେ ଜୟା ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଦେଇ ବାହାର ପଟୁ କବାଟ ବନ୍ଦ କରି ଦେଇଥିଲା। ଗୁରୁତର ଅବସ୍ଥାରେ ଶାଶୂ ରେଣୁକାଙ୍କୁ ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟରେ ଜୟାଙ୍କ ଦୁଇ ହାତ ପୋଡ଼ି ଯାଇଥିବାରୁ ସେ ବି ଚିକିତ୍ସାଧୀନ ଅଛନ୍ତି।

# ରାଉରକେଲାରେ ଲଜ୍ଜା; ୯ବର୍ଷର ନାବାଳିକାକୁ ଦୁଷ୍କର୍ମ

ରାଉରକେଲ: ୯ବର୍ଷର ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ହୋଇଛି । ପଡୋଶୀ ଯୁବକ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ଘଟଣା ସମ୍ପର୍କରେ ଜଣାପଡିବା ପରେ ଧରାପଡିଯିବା ଭୟରେ ଯୁବକ ଜଣଙ୍କ ଛାତ ଡେଇଁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲା । ଆହତ ଯୁବକଙ୍କୁ ମେଡିକାଲରେ ଭର୍ତ୍ତି କରି ପୁଲିସ ତଦନ୍ତ କରୁଛି ।

# ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ପରିବର୍ତ୍ତନ ଦିଗରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଭୁବନେଶ୍ୱର,୫/୫: ଉଦ୍ୟୋଗୀ ଉତ୍କର୍ଷତା ଓ ବ୍ୟବସାୟରେ ମହିଳାଙ୍କ ସଶକ୍ତୀକରଣକୁ ପାଳନ କରୁଥିବା ଏକ ଚମତ୍କାର ମଞ୍ଚ ୫ ଦିନିଆ ଆଇଏନଡବ୍ଲ୍ୟୁଇସି ଜାତୀୟ ମହିଳା ବ୍ୟବସାୟ ମେଳା ୨.୦ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଅସାଧାରଣ ଅବଦାନକୁ ସ୍ୱୀକୃତି ଦେଇଛି। ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ପରିବର୍ତ୍ତନ ଦିଗରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଭବିଷ୍ୟତର ସୁଯୋଗ ପାଇଁ ମାର୍ଗ ପ୍ରଶସ୍ତ କରିବାରେ ଏଭଳି କାର୍ଯ୍ୟକ୍ରମ ବେଶ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ମେଳାର ଅନ୍ତିମ ଦିବସରେ ରାଜ୍ୟପାଳ ଡ. ହରି ବାବୁ କମ୍ପମପତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କିମ୍ବଦନ୍ତୀ ବିଜ୍ଞାପନ ସିନେମା ନିର୍ମାତା ପ୍ରହ୍ଲାଦ କକ୍କର ଓ ଆଧାତ୍ମିକ ମାର୍ଗଦର୍ଶକ ତଥା ସୁସ୍ଥତା ବିଶେଷଜ୍ଞ ଡ. ଜୟ ମଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳା ଉଦ୍ୟୋଗକୁ ପ୍ରୋତ୍ସାହିତ ଦିଗରେ ରାଜ୍ୟ ସରକାରଙ୍କ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଆଇଏନଡବ୍ଲ୍ୟୁଇସିର ସହ ଆବାହକ ସ୍ୱାତି କେଜ୍ରିୱାଲଙ୍କ ଦ୍ୱାରା ପରିଚାଳିତ "ବ୍ୟବସାୟରେ ମହିଳାଙ୍କ ପାଇଁ ଆଧାତ୍ମିକତାର ଭୂମିକା" ଉପରେ ଡ. ଜୟ ମଦନଙ୍କ ସହ ଏକ ଭାବ ବିନିମୟ ଅଧିବେଶନରେ ଆଲୋଚନା କରାଯାଇଥିଲା, ଯେଉଁଥିରେ ନେତୃତ୍ୱ ଏବଂ ବ୍ୟବସାୟରେ ଆଧାତ୍ମିକତାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଅର୍ଥ ଓ ମାର୍କେଟିଂ ସମ୍ପର୍କିତ ପ୍ୟାନେଲ ଆଲୋଚନାରେ ସିଡ୍‌ବିର ଡିଜିଏମ୍ ପ୍ରଦ୍ୟୁମ୍ନ ଚୌଧୁରୀ, ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥ୍ୱି, ନିର୍ଦ୍ଦେଶକ ପ୍ରିୟଦର୍ଶିନୀ ମହାନ୍ତି ଏବଂ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ ଉପ ନିର୍ଦ୍ଦେଶକ ନୀତିଶା ମାନ ଓ କମ୍ପାନି ସଚିବ ତଥା ଉଦ୍ୟୋଗୀ ସିଏସ୍ ସୁନିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆଦିବାସୀ ଷ୍ଟଲ ମାଲିକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଷ୍ଟାର୍ଟଅପ୍, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ଏବଂ ବ୍ୟବସାୟ ଓ ଗୋଷ୍ଠୀ ବିକାଶରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ମାନିତ କରାଯାଇଥିଲା। ଡା. ମାୟା ଗନ୍ତାୟତଙ୍କୁ ଭେଷଜରେ ଜୀବନ ବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଆ ଚଳଚିତ୍ର ଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁପମ ପଟ୍ଟନାୟକ ଓ ବର୍ଷା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ନିଶା ଜାମୱାଲ ଡିଜାଇନ, ବ୍ରାଣ୍ଡିଂ ଏବଂ ପରୋପକାର କ୍ଷେତ୍ରରେ ତାଙ୍କର ଅସାଧାରଣ କାର୍ଯ୍ୟ ପାଇଁ ସମ୍ମାନିତ ହୋଇଥିବା ବେଳେ ଜ୍ୟୋତିଷ ଶାସ୍ତ୍ର, ବାସ୍ତୁ ଏବଂ ସାମଗ୍ରିକ ସୁସ୍ଥତା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଡକ୍ଟର ଜୟ ମଦନଙ୍କୁ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ବିଜ୍ଞାପନ ଚଳଚ୍ଚିତ୍ର ନିର୍ମାତା ତଥା ଜେନେସିସ୍ ଫିଲ୍ମର ପ୍ରତିଷ୍ଠାତା ପ୍ରହ୍ଲାଦ କକ୍କର,ଏବଂ ବ୍ରାଣ୍ଡିଂ ବିଶେଷଜ୍ଞ, ବିଳାସପୂର୍ଣ୍ଣ ବ୍ରାଣ୍ଡ ପରାମର୍ଶଦାତା, ଇଣ୍ଟେରିୟର ଆର୍କିଟେକ୍ଟ, ସ୍ତମ୍ଭକାର ଏବଂ ପ୍ରେରଣାଦାୟୀ ବକ୍ତା ନିଶା ଜାମୱାଲଙ୍କ ଦ୍ୱାରା ପରିଚାଳିତ "ଷ୍ଟାର୍କସ ଅଫ କ୍ରିଏଟିଭିଟି: ଅନ ଏଣ୍ଟରପ୍ରେନ୍ୟୁଅରାଲ ଇନୋଭେସନ'ରେ ଉଦ୍ୟୋଗୀ ଉଦ୍ଭାବନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ରାଣ୍ଡ ସ୍ପଟଲାଇଟ୍ ଅଧିବେଶନରେ ଯୁଭିୟୁ ଆଡଭାନସଡ୍ ଆସଥେଟିକ୍ସ କ୍ଲିନିକ୍ର ପ୍ରତିଷ୍ଠାତା ଡ. ସମ୍ପଦ ସେଠିଆ ଉପସ୍ଥିତ ଥିଲେ। ଆଉଟଡୋର ଅଞ୍ଚଳରେ ଲିସ୍ପ ଆଣ୍ଡ ବିଟ୍ସ ପକ୍ଷରୁ ଫ୍ଲାସ ମବ ଆୟୋଜନ ସମେତ ସାଂସ୍କୃତିକ ପରିବେଷଣ ପରେ ଶୁଭାଶିଷ ଡ୍ୟାନ୍ସ ଟ୍ରୁପ୍ ପକ୍ଷରୁ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଜେଇଏମ୍ ସ୍କୁଲ ପକ୍ଷରୁ ନୃତ୍ୟ, ଯୋଗ ଓ ସାମଗ୍ରିକ କଲ୍ୟାଣ ବିଶେଷଜ୍ଞ ପୁଷ୍ପାଞ୍ଜଳି ସେନାପତିଙ୍କ କୋରିଓଗ୍ରାଫିରେ ଆୟୋଜିତ ହୋଇଥିଲା।



# ଉତ୍କଟ ହେଉଛି ପାନୀୟ ଜଳ ସମସ୍ୟା

କଲ୍ୟାଣସିଂହପୁର,୫/୫: ଗ୍ରୀଷ୍ମପ୍ରବାହ ଯେତେ ବଢ଼ିବାରେ ଲାଗିଛି ପିଇବା ପାଣି ର ସମସ୍ୟା ସେତେ ଉତ୍କଟ ହେବାରେ ଲାଗିଛି ଏ ଚିତ୍ର ହୋଉଛି କେଶବନାଇଗୁଡା ନୂଆ ସାହିର ଦୃଶ୍ୟ। ଏ କୌଣସି ଉପାନ୍ତ ଅଞ୍ଚଳ ନୁହେଁ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ସଦର ପଞ୍ଚାୟତର କଲ୍ୟାଣସିଂହପୁର ବ୍ଲକ କାର୍ଯ୍ୟାଳୟରୁ ମାତ୍ର ୨ କିମି ଦୂର ବାଟରେ କେଶବନାଇଗୁଡା ଗାଁ । ସେହିଠାକୁ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚିବା ପାଇଁ ମାତ୍ର ୧୦ ମିନିଟର ବାଟ କିନ୍ତୁ ପ୍ରଶାସନର ଅବହେଳାର ଶିକାର ହେଉଛନ୍ତି ଗାଁ ଲୋକେ। ଗାଁ ଲୋକ ଙ୍କୁ ପିଇବା ପାଣି ଅଛି ଗୋଟିଏ ମାତ୍ର ନଳ କୂପ ତାହା ଏବେ ଅଚଳ। ଏଣୁ ନାଳରେ ଚୁଆଁ ପାଣି ବ୍ୟବହାର କରିବାକୁ ବାଧ ହୋଉଛନ୍ତି। ଚୁଆଁ ପାଣି ଆଣିବାକୁ ହେଲେ ଦୀର୍ଘ ଏକ କିଲୋମିଟର ମାଟି ପଥୁରିଆ ରାସ୍ତା ଦେଇ ପାଣି ଆଣିବାକୁ ପଡ଼ିଥାଏ , ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଲୋକ ବାଧ ହୋଇ ନିକଟସ୍ଥ ନାଳରେ ଚୁଆଁ ଖୋଲି ପାଣି ବ୍ୟବହାର କରୁଛନ୍ତି। ଯଥାଶିଘ୍ର ପାନୀୟ ଜଳ ସମସ୍ୟାର ସମାଧାନ ନ କରାଯାଏ ତାହା ହେଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି କୁହାଯାଇଛି।



# ଫୁଲବାଣୀରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ରାସ୍ତା ଉପରେ ନର୍ଦ୍ଦମା ପାଣିର ବନ୍ୟା

ଫୁଲବାଣୀ , ୫/୫: କନ୍ଧମାଳ ଜିଲ୍ଲାରେ ଅଚାନକ ସନ୍ଧ୍ୟା ୭ ଟାରେ ଜୋର ପବନ ବହିବା ସହିତ ବିଜୁଳି ଘଡ ଘଡି ସହ ପ୍ରବଳ ବର୍ଷା ହୋଇଯାଇଛି, ଯାହା ଫଳରେ ଅଦିନିଆ ବର୍ଷାରେ ଡ୍ରେନେଜ ପାଣି ସବୁ ରାସ୍ତା ଉପରେ ବହିଯାଉଥିବା ଦେଖିବାକୁ ମିଳିଛି । ସହର ବାସୀଙ୍କ ଯାତାୟାତ ଠପ ହୋଇଯାଇଛି, ସହରରେ ଆରାମ ରେ ଏଣେତେଣେ ବୁଲୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସନମୁଖୀନ ହେଉଥିବା ଦେଖିବାକୁ ମିଳିଛି, ବିଶେଷତଃ ଖୋଲା ଆକାଶ ତଳେ ବସି ବ୍ୟବସାୟ କରୁଥିବା ଫଳ, ମୁଳ,ପରିବା ବ୍ୟବସାୟୀ ସମେତ କପଡା ବ୍ୟବସାୟୀ ମାନେ ନାହିଁ ନ ଥିବା ଅସୁବିଧା ର ସନମୁଖୀନ ହେଉଛନ୍ତି, ରାସ୍ତାରେ ଆଣ୍ଠୁଏ ପାଣି କହିଲେ ଅତ୍ୟୁକ୍ତି ହେବନାହିଁ, ଦୀର୍ଘଦିନ ହେଲାଣି ଫୁଲବାଣୀ ସହରର ଡ୍ରେନେଜ ବ୍ୟବସ୍ଥା ରେ ଉର୍ନ୍ନତି ହୋଇପାରିନ ଥିବା ଯୋଗୁଁ ଅସରାଏ ବର୍ଷାରେ ସହରର ମୁଖ୍ୟ ରାସ୍ତା ଉପରେ ନର୍ଦ୍ଦମା ପାଣି ଭାସୁଛି ଯାହା ଫଳରେ ଚାଲି ଚାଲି ଯିବାକୁ ଲୋକେ ଘୃଣା କରୁଛନ୍ତି । ଆଗାମୀ ବର୍ଷା ଦିନ ପୂର୍ବରୁ ଯଦି ଡ୍ରେନେଜ ବ୍ୟବସ୍ଥାରେ ଉର୍ନ୍ନତି କରାନ ଯାଏ କିମ୍ବା ଡ୍ରେନ ଗୁଡିକ ସଫା ସୁତୁରା କରାନ ଯାଏ ତାହେଲେ ସହର ନର୍ଦ୍ଦମା ପାଣିରେ ଭାସିବା ସହିତ ତଳିଆ ପିଅନ ପଡା, ନଦି ଖଣ୍ଡି ସାହି, କେନ୍ଦୁପଦର, ଖଳିଆ ବନ୍ଧ, ପୋଷ୍ଟାଲ ରୋଡ଼ ଭଳି କେତେକ ଅଞ୍ଚଳ ଖାଲି ନର୍ଦ୍ଦମା ପାଣିରେ ଉବୁଟୁବୁ ହେବା ସମ୍ଭାବନା କୁ ଏଡାଇ ଦିଆ ଯାଇନ ପାରେ, ଏଣୁ ଫୁଲବାଣୀ ପୌର ପରିଷଦ ବେଳହୁଁ ସାବଧାନ ନ ରହିଲେ ଆଗକୁ ସହରବାସି ନାହିଁ ନ ଥିବା ଅସୁବିଧା ର ସନମୁଖୀନ ହେବା ସହିତ ପୌର ପରିଷଦ ଜନସାଧାରଣ ଙ୍କ ଆକ୍ରୋଶର ଶିକାର ହେବାରୁ କେହି ରକ୍ଷା କରିପାରିବେ ନାହିଁ ।ଦେଖାଯାଉ ବର୍ଷା ଦିନ ପୂର୍ବରୁ ପୌର ପରିଷଦ ଡ୍ରେନେଜ ଗୁଡିକର ସୁଧାର ଆଣିବାରେ କେତେ ତତ୍ପରତା ଦେଖାଉଚି ତାହା ଆଗାମୀ ବର୍ଷା ଦିନରେ ଜଣାପଡିବ ।



## ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ



ଯାଜପୁର ଅକ୍ଷୟ ତୃତୀୟା ଅବସରରେ ବାଲ୍ୟବିବାହ ନିଷେଧ ପାଇଁ ଯାଜପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ସପ୍ତାହ ବ୍ୟାପୀ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଯାଜପୁର ବ୍ଲକ ମିଶନଶକ୍ତି ଭବନ ଠାରେ ଶୁଭାରମ୍ଭ ହୋଇଯାଇଅଛି । ଉକ୍ତ ସଭାରେ ସମାଜ କଲ୍ୟାଣ ବିଭାଗ, ଯାଜପୁର ର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶ୍ରୀମତୀ ପାର୍ବତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ଦେବଲାଲ ମଲ୍ଲିକ ଯୋଗ ଦେଇଥିଲେ । ଉକ୍ତ ସଭାରେ ବାଲ୍ୟ ବିବାହ ନିଷେଧ ପାଇଁ ଆଲୋଚନା କରାଯାଇଥିଲା । ଏହି ସଭାରେ ୪୦ ରୁ ଊର୍ଦ୍ଧ୍ୱ କିଶୋରୀ ବାଳିକା ଉପସ୍ଥିତ ଥିଲେ । ଉକ୍ତ ସଭା ପରେ ସଚେତନ ପଦଯାତ୍ରା ହୋଇଥିଲା । ଉକ୍ତ ସଭାକୁ ଯାଜପୁର ସଦର ସି.ଡି.ପି.ଓ ବଜମ ଆରା ବେଗମ୍ ଆୟୋଜନ କରିଥିଲେ । ଏହା ସହିତ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ସରୋଜିନୀ ଦାସ ଓ ଜିଲ୍ଲା ସୁରକ୍ଷା ଅଧିକାରୀ ଶ୍ରୀମତୀ ସୁନନ୍ଦା ଦାସ, ଜିଲ୍ଲା ସଂଯୋଜକ ପ୍ରଭାତ କୁମାର ଘଡ଼େଇ ଏବଂ ଓ.ଏସ.ସି ର ବିଭିନ୍ନ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ବିରଜା ବିଦ୍ୟାମନ୍ଦିରର ୧୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଯାଜପୁର, : ବ୍ଲକ ଅନ୍ତର୍ଗତ ସାହାସପୁର ପଞ୍ଚାୟତ ଗୋବିନ୍ଦ ପୁର ଗ୍ରାମର ବିରଜା ବିଦ୍ୟା ମନ୍ଦିରର ୧୮ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି ।ଏହି ବିଦ୍ୟାଳୟର ପ୍ରତିଷ୍ଠାତା ବିଜୟ କୁମାର ସାହାଣୀ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମେଗା ପାନୀୟ ଜଳ ପ୍ରକଳ୍ପ ର ମୁଖ୍ୟ ଯନ୍ତ୍ରୀ ଉଜ୍ୱଳ ଭୂୟାଁ ଯୋଗ ଦେଇ ବିଦ୍ୟାଳୟର ଛାତ୍ର ଛାତ୍ରୀ ପାଠ ପଢିବା ସହ ଖେଳ,ଦୌଡ ସଙ୍ଗୀତ,ନୃତ୍ୟ ସମେତ ଯେକୌଣସି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ନିଜକୁ ସମାଜରେ ପ୍ରତିଷ୍ଠିତ କରିବାସହ ରାଜ୍ୟ ତଥା ଦେଶର ଗୌରବ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଯାଜପୁର ତହସିଲଦାର ରବୀନ୍ଦ୍ର ନାରାୟଣ ପାଢୀ ଯୋଗଦେଇ କୋମଳମତି ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ କରି ଗଢ଼ିବାକୁ ହେଲେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ ।ସେହିପରି ଭାବରେ ସମ୍ମାନୀତ ଅତିଥି ଭାବେ କଳାମାଟିଆ ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର କୈଳାସ ଚନ୍ଦ୍ର ପତି ମଧ୍ୟ ଯୋଗ ଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।ସମ୍ପାଦକ ପ୍ରଶାନ୍ତ କୁମାର ନକ୍ଷଥଶର୍ମା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟକ୍ଷ ପ୍ରତୀକ୍ଷା ପ୍ରିୟଦର୍ଶିନୀ ସାହାଣୀ ବାର୍ଷିକ ବିବରଣୀ ପାଠ କରିଥିଲେ ।ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଥିବା କୃତୀ



ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପୁରସ୍କାର ସ୍ୱରୂପ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ପରେ ପରେ କୁନିକୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କ କଣ୍ଠରେ ଓଡ଼ିଆ ସଙ୍ଗୀତର ମୂର୍ଚ୍ଛନାରେ ଉପସ୍ଥିତ ଥିବା ଅଭିଭାବକ ମାନେ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଡ. ଅଶୋକ କୁମାର ରାଉତ୍,ଆଇନଜୀବୀ ମିହିର କୁମାର ମହାପାତ୍ର,ଅବସରପ୍ରାପ୍ତ ଶିକ୍ଷକ ପ୍ରହଲ୍ଲାଦ ପାଢ଼ୀ,ଓ ସଙ୍ଗୀତ ଶିକ୍ଷୟିତ୍ରୀ ଦୀପାଳି ସାହୁ ପ୍ରମୁଖ ଯୋଗ ଦେଇଥିଲେ ।ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ପ୍ରଶାନ୍ତ ନାଥଶର୍ମା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ୨୦୨୫ ଜୟପୁର ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




କୋରାପୁଟ , : ଜିଲ୍ଲା ଜୟପୁର ସଦର ମହକୁମା ଠାରେ ୨୦୨୫ ରଥ ଯାତ୍ରା ପାଳନ ନିମନ୍ତେ ଆଜି ଜୟପୁର ପୌରପାଳିକା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟପୁର ବିଧାୟକଙ୍କ ଶ୍ରୀଯୁକ୍ତ ତାରା ପ୍ରସାଦ ବାହିନୀପତିଙ୍କ ପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକର ଅନୁଷ୍ଠିତ ହୋଇଥିଲା ।ଉକ୍ତ ବୈଠକରେ ଉପଖଣ୍ଡ ଅରକ୍ଷୀ ଅଧିକ୍ଷକ ପାର୍ଥ ଜଗଦୀଶ କଶ୍ୟପ, ଜୟପୁର ଉପଜିଲ୍ଲାପାଳ ସୁଶ୍ରୀ ଅକବରମ ସସ୍ୟା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ରଥ ତିଆରି ବେଳେ ରଥର ମାନ ଠିକ ଅଛି ନା ନାହିଁ ତାହା ପ୍ରଥମେ ଅନୁଧ୍ୟାନ କରି ସହକାରୀ ଯନ୍ତ୍ରୀ ଓ ରାସ୍ତା କୋଠାବାଡ଼ି ପ୍ରମାଣ ପତ୍ର ଦେବା ନିମନ୍ତେ ଦାୟିତ୍ୱ ନିର୍ବାହ କରାଯାଇଛି । ଯାନ ବାହନ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ନିମନ୍ତେ ଜୟପୁର ଟାଉନ ଥାନା ସମସ୍ତ ଦାୟିତ୍ୱ ତଦାରଖ କରିବା ନେଇ ନିଷ୍ପତ୍ତି ହୋଇଛି ।ଯେପରି ଚୋରି, ଡକାୟତି,ଯେପରି ଅପ୍ରିତୀକର ପରିସ୍ଥିତି ନ ଉପୁଜେ ସେଥିପାଇଁ ସଂପୂର୍ଣ୍ଣ ତଦାରଖ ଦାୟିତ୍ୱ ଜୟପୁର ଟାଉନ ଥାନାକୁ ଦିଆଯାଇଛି । ରଥଟଣା ଦିନ କୌଣସି ଚାରି ଚକିଆ ଯାନକୁ ଟାଉନ ଭିତରକୁ ନ ଛାଡିବା ବୈଠକରେ ନିଷ୍ପତି ହୋଇଛି । ଏବଂ ଏହାର ଏକ ବ୍ଲୁପ୍ରିଣ୍ଟ ତିଆରି କରି ସାମାଜିକ ଗଣମାଧ୍ୟମରେ ଛାଡିବା ନିମନ୍ତେ ଟାଉନ ଥାନାର ପୋଲିସ ଶ୍ରୀମତୀ ମନିଶା ସାହୁ ଙ୍କୁ ଦାୟିତ୍ୱ ନିର୍ବାହ କରାଯାଇଛି । ଚଳିତ ବର୍ଷ ରଥ ଦାଣ୍ଡକୁ ଯେପରି କୌଣସି ରାଜନୈତିକ ବ୍ୟକ୍ତି ବିଶେଷ ଓ ସ୍ୱେଚ୍ଛା ସେବକ ଭିଡ ନ କରିବା ପାଇଁ ବିଧାୟକ ତାରା ବାହିନୀପତି କହିଛନ୍ତି । ଏହା ପ୍ରତି ଧ୍ୟାନ ଦେବା ପାଇଁ ଟାଉନ ଥାନା ପୋଲିସ୍ କୁ ଦାୟିତ୍ୱ ଦିଆଯାଇଛି । ଚଳିତ ବର୍ଷ ଜନ ସମାଗମକୁ ଦୃଷ୍ଟିରେ ରଖି ଏହି ୪ ଗୋଟି ଆସ୍କା ଲାଇଟ, ୨ ଗୋଟି ଜେନେରେଟର, ୬ ଗୋଟି ହାଲୋଜିନ ଲାଇଟ ଓ ରଥ ଯାତ୍ରା ପୂର୍ବରୁ ୧୦ ଗୋଟି ଫୋକସ ଲାଇଟ ଯୋଗାଇ ଦେବା ପାଇଁ ବିଦ୍ୟୁତ ବିଭାଗ ଏସ୍ ଡି ଓ , ଅଗ୍ନିଶମ ବିଭାଗକ,ଓ ଓଡ୍ରାଫକୁ ଦାୟିତ୍ୱ ଦିଆଯାଇଛି । ଚଳିତ ବର୍ଷ ରଥଟଣା ବେଳେ ରଥ ଉପରେ କେବଳ ୨୫ ଜଣ ଦଇତାପତି ଓ ସ୍ୱେଚ୍ଛା ସେବକ ହିଁ ରହିବା ନେଇ ଉକ୍ତ ବୈଠକରେ ନିଷ୍ପତି ହୋଇଛି । ଉକ୍ତ ଦିନ ଆଶୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ରଥଯାତ୍ରା ପାଞ୍ଚ ଦିନ ପୂର୍ବରୁ ସମସ୍ତ ମଦ ଦୋକାନ, ସମସ୍ତ ସାହିରେ ରେଡ୍ କରିବା ନିମନ୍ତେ ଅବକାରୀ ବିଭାଗ ଓ ପୋଲିସ୍ ବିଭାଗ ଜୟପୁରଙ୍କ ମିଳିତ ଭାବରେ ଚଢାଉ କରିବା ନିମନ୍ତେ ବିଧାୟକ ତାରା ପ୍ରସାଦ ବାହିନୀପତି ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ଦିନ ଅଗ୍ନିଶମ ଯାନ ଓ ଟିମ ସମ୍ପୂର୍ଣ୍ଣ ଅଗ୍ନି ନିରାପଦ ଯନ୍ତ୍ର ସହ ରଥ ପଛରେ ଥିବା ନିମନ୍ତେ କୁହାଯାଇଛି । ସେହିପରି ସହରର ୪ ଗୋଟି ସ୍ଥାନରେ ପାଣି ଟ୍ୟାଙ୍କ ଓ ୪ ଜଣ କର୍ମଚାରୀ ନିୟୋଜିତ କରିବା ନିମନ୍ତେ ପି ଏଚ୍ ଡି ସହକାରୀ ଯନ୍ତ୍ରୀଙ୍କୁ କୁହାଯାଇଥିଲା । ରଥଟଣା ଦିନ ପୋଲିସ୍ ବାହିନୀ ପାଇଁ ଟେଣ୍ଟ ଓ ହେଲ୍ପ ଡ଼େସ୍କ କରିବା ନିମନ୍ତେ ଦେବୋତ୍ତର ବିଭାଗଙ୍କୁ ଅନୁରୋଧ ଦାୟିତ୍ୱ ଦିଆଯାଇଛି । ସେହିପରି ରଥ ଟଣା ସମୟରେ ୨ଟି ଆମ୍ବୁଲାନ୍ସ, ଜଣେ ଆୟୁଷ ଡାକ୍ତର ୨୭.୦୬.୨୦୨୫ ତାରିଖ ଠାରୁ ବାହୁଡା ପର୍ଯ୍ୟନ୍ତ ସକାଳ ୮ଟା ଠାରୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ମେଡ଼ିକାଲ ଟିମ ସହ ଉପସ୍ଥିତ ରହିବା ନେଇ ଉକ୍ତ ବୈଠକରେ ନିଷ୍ପତି ହୋଇଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜଗନ୍ନାଥଙ୍କ ଭଜନ ସମାରହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କୋରାପୁଟ ସାଂସ୍କୃତିକ ବିଭାଗ ଦ୍ୱାରା ଆୟୋଜନ କରାଯିବ । ଚଳିତ ବର୍ଷ ଜୟପୁର ବିଧାୟକଙ୍କ ଅନୁରୋଧ କ୍ରମେ ପାଲା ନୃତ୍ୟ ଆଣିବା ପାଇଁ କୋରାପୁଟ ସାଂସ୍କୃତିକ ବିଭାଗକୁ ଅନୁରୋଧ କରଗଲା । ଜଗନ୍ନାଥଙ୍କ ମହାପ୍ରଭୁଙ୍କ ଧାରା ବିବରଣୀ ନିମନ୍ତେ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜୟପୁରଙ୍କୁ ଦାୟିତ୍ୱ ଦିଆଯାଇଛି । କୌଣସି ଅଘଟଣ ଯେପରି ନ ଘଟେ ଏଥି ନିମନ୍ତେ ଦୀପ ଦାନ ପାଖରେ ଗୋଟିଏ ଅଗ୍ନିଶମ ଗାଡି ରଖିବାକୁ ଅନୁରୋଧ କୁହାଯାଇଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜଗନ୍ନାଥଙ୍କ ଭୋଗ ଟ.୧୦୦/- ରଖା ଯାଇଛି ଏବଂ ଭୋଗ ପାର୍ସଲ ହେବ ନହିଁ ମନ୍ଦିର ଭିତରେ ବସି ଖାଇବା ନେଇ ନିଷ୍ପତ୍ତି ହୋଇଛି ।ରଥ ଯାତ୍ରା ଦିନ ଭିଡକୁ ନଜରରେ ରଖି ଜୟପୁର ପୌରାଞ୍ଚଳରେ ଥିବା ଶୌଚାଳୟ ଗୁଡ଼ିକୁ ସଫା ସୁତୁରା ନିମନ୍ତେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପାଳିକା କୁ ଅନୁରୋଧ କରାଯାଇଥିଲା । ଆଜିର ଉକ୍ତ ବୈଠକକୁ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ ପରିଚାଳନା କରି ଥିଲେ । ଆଜିର ଏହି ବୈଠକରେ ଜୟପୁର, ଟାଉନ୍ ଥାନା ଅଧିକାରୀ ଶ୍ରୀମତୀ ମନିଷା ସାହୁ, ସଦର ଥାନା ଅଧିକାରୀ ଶଚିନ୍ଦ୍ର ପ୍ରଧାନ, ଅଗ୍ନିଶମ ଅଧିକାରୀ, ଜୟପୁର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ଯଶୋଦା ଗାଦବା ଜିଲ୍ଲା ସଂସ୍କୃତି ଅଧିକାରୀ କୋରାପୁଟ ଶ୍ରୀମତୀ ପ୍ରିତୀଶୁଦ୍ଧି ଜେନା , ସମ୍ପାଦକ, ଜଗନ୍ନାଥ ସେବା ସମିତି ଶ୍ରୀ କୃଷ୍ଣ ଚନ୍ଦ୍ର ଦାସ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠା ବାଡି, ଜୟପୁର, ସହକାରୀ ଯନ୍ତ୍ରୀ ପି ଏଚ୍ ଡି, ଜୟପୁର ଟିପିସଲ୍ଡ ର କର୍ମକର୍ତ୍ତା, ସଭାପତି ,ଦଇତାପତି ବୃନ୍ଦ, ସାମନ୍ତା ସାହି, ସୁନାରି ସାହି, ଜଗନ୍ନାଥ ମନ୍ଦିରର ସେବାୟତ, ନାରାୟଣୀ ମନ୍ଦିରର ସେବାୟତ ବୃନ୍ଦ, ସହରର ମାନ୍ୟଗଣ ବ୍ୟକ୍ତି ବିଶେଷ, ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଚଳିତ ବର୍ଷ ଠିକ୍ ଅପରାହ୍ନ ୩ ଟା ସମୟରେ ରଥଟଣା ଯିବ ବୋଲି ଜୟପୁର ବିଧାୟକ ତାରା ବାହିନୀପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।ବୈଠକ ସମାପ୍ତରେ ଉପଜିଲ୍ଲାପାଳ ଜୟପୁର ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୯୫୦ ଲିଟର ପୋଚ ଓ ୪୫୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ



ନବରଙ୍ଗପୁର, : : ଆରକ୍ଷୀ ଅଧିକ୍ଷକ ଶ୍ରୀ ମିହିର କୁମାର ପଣ୍ଡା ତଥା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସ ଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ଙ୍କ ନେତୃତ୍ୱ ରେ ବିଭାଗୀୟ କର୍ମଚାରୀ ମାନଙ୍କ ସହ, ପାପଡାହାଣ୍ଡି ଅବକାରୀ ଥାନା ଅଧିକାରୀ ବିଙ୍ଗରାଜ ଦାମୀ ତଥା ତାଙ୍କ କର୍ମଚାରୀ ମାନଙ୍କ ସହ ତଥା ପାପଡାହାଣ୍ଡି ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଉମାକାନ୍ତ ଶବର ଓ ତାଙ୍କ କର୍ମଚାରି ମାନଙ୍କ ସହ ପାପଡାହାଣ୍ଡି ଥାନା ଅନ୍ତର୍ଗତ ବାରିଗୁଡା ଗ୍ରାମ ର ନାଳକୁ ତାଲାସୀ କରିବାରୁ ୨୯୫୦ ଲିଟର ପୋଚ ଓ ୪୫୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରି ଘଟଣା ସ୍ଥଳରେ ପୋଚ, ମଦ, ଡ୍ରମ, ପ୍ଲାଷ୍ଟିକ ଜାରିକେନ ସହ ମୋଟର ଟ୍ୟୁବ ଘଟଣା ସ୍ଥଳରେ ନଷ୍ଟ କରାଗଲା !ବାରିଗୁଡା ଗ୍ରାମ ରୁ ନୂଆଗୁଡା ଗ୍ରାମ ରାସ୍ତା ରେ ବାରିଗୁଡା ର ଜଣେ ଆସାମୀ ଯୋଗେନ୍ଦ୍ର ଜାନି, ନିକଟରୁ ୧୮ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଗଲା, ଆସାମୀ କୁ ମାନ୍ୟବର ଏସ୍. ଡି. ଜେ. ଏମ୍. ଙ୍କ ଅଦାଲତ ରେ ହାଜର କରାଗଲା, ଏହି ଚଢ଼ାଉ ରେ ରେଶମା ସୁନା, ସୁଧାଂଶୁ ଶେଖର ବାଗ, ଆକ୍ରମ ଖାନ, କାଳିମଣି ମୁଦୁଲି ଓ ପ୍ରସାଦ ବଳବନ୍ତରାଏ ସହ ଯୋଗ କରିଥିଲେ ! ନବରଙ୍ଗପୁର ରୁ ରଞ୍ଜିତ ନାୟକ ଙ୍କ ରିପୋର୍ଟ ଉତ୍କଳ ମେଲ !

## ଉଦୀୟମାନ କଳା ପରିଷଦରେ ନୃତ୍ୟ ଦିବସ ପାଳିତ



ବଡଚଣା,, : ଧାନମଣ୍ଡଳ ସ୍ଥିତ ଉଦୀୟମାନ କଳା ପରିଷଦ ଠାରେ ଆଜି ନୃତ୍ୟ ଦିବସ ପାଳିତ ହୋଇଯାଇଛି । ଏପ୍ରିଲ ୨୯ ତାରିଖ ଆଜିର ଦିନରେ ଆନ୍ତର୍ଜାତିୟ ସ୍ତରରେ ଏହି ନୃତ୍ୟ ଦିବସକୁ ବିଭିନ୍ନ ନୃତ୍ୟ ଏକାଡେମୀ ତରଫରୁ ପ୍ରତିବର୍ଷ ପାଳନ କରାଯାଇଥାଏ । ପୌରାଣିକ କଥା ଅନୁସାରେ ସୃଷ୍ଟିର ଆରାଧ ଦେବ ଦେବ ଦେବ ମହାଦେବ ସୃଷ୍ଟି କୁ ରକ୍ଷା କରିବା ନିମନ୍ତେ ନିଜକୁ ନଟ୍ରରାଜ ବେଶରେ ଧାରଣ କରି ଉଦଣ୍ଡ ନୃତ୍ୟ ମାଧ୍ୟମରେ ସୃଷ୍ଟି ରକ୍ଷା କରିଥିଲେ । ସେହିପରି ଭଗବାନ ଶ୍ରୀକୃଷ୍ଣ ନୃତ୍ୟ ପରିବେଷଣ ମାଧ୍ୟମରେ କାଳିଆ ଦଳନ କରିଥିବା ର କଥା ମହାଭାରତରେ ଲିପିବଦ୍ଧ ହୋଇ ରହିଛି । ଭାରତୀୟ ନାଟ୍ୟ ଶାସ୍ତ୍ରରେ ଓଡ଼ିଶୀ,ଛଉ , ଗୋଟିପୁଅ, ସମ୍ବଲପୁରୀ, ଘୁମୁରା,କଥକ, ସାନ୍ତାଳୀ,ଝୁମର ,ଆଦିବାସୀ ଆଦି ନୃତ୍ୟ ସଂସ୍କୃତି ର ବାହାକ ଭାବରେ ନିଆଯାଇଛି ବୋଲି ଛାତ୍ରଛାତ୍ରୀ ମାନଙ୍କୁ ନୃତ୍ୟ ଗୁରୁ ପତିତପାବନ ସାହୁ , ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳା ପରିଷଦ ର ସଭାପତି ବିଷ୍ଣୁପ୍ରିୟା ମହାନ୍ତି, ଅଧ୍ୟକ୍ଷା ପାର୍ବତୀ ସାହୁ, ପରିଚାଳନା କମିଟିର ସଦସ୍ୟା ଶର୍ମିଷ୍ଠା ଜେନା, ରଶ୍ମିରେଖା ସ୍ୱାଇଁ,ପ୍ରୀୟଦର୍ଶିନୀ ପଣ୍ଡା, ସେଷାଶ୍ରୀ ସାମନ୍ତରାୟ,ଅଜୟ ଜେନା, ପ୍ରଦୀପ କୁମାର ଜେନା, ବିକାଶ ଶତପଥୀ,,ଜମୁନା ଜେନା,ମୋନାଲିସା ପ୍ରଧାନ, ବେଣୁଧର ପ୍ରଧାନ, ସଂଜିବ କୁମାର ଜେନା,ମନୋଜ କୁମାର ନାୟକ, ସୁକାନ୍ତ ମହାପାତ୍ର ସମେତ ସମସ୍ତ ଛାତ୍ରଛାତ୍ରୀ ମାଆ ସରସ୍ୱତୀ ଙ୍କ ପୂଜାର୍ଚ୍ଚନା କରି ମାଆଙ୍କ ଆଶିର୍ବାଦ ଭିକ୍ଷା ଲାଭ କରିନଥିଲେ । ଶେଷରେ ଆବାହାକ ରଶ୍ମିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ

## ଧାମନଗର ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବ




ଧାମନଗର, : ଧାମନଗର ସ୍ନାତକ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଅମିତା ଦାସଙ୍କ ପୌରୋହିତ୍ୟରେ ଏହି ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅଜୟ କୁମାର ବେଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ସଞ୍ଜୀୟ କୁମାର ପଣ୍ଡା ମୁଖ୍ୟବକ୍ତା ଓ ଅଧ୍ୟାପିକା ବାସ୍ତବିକା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ପୂର୍ବକ ଛାତ୍ରଛାତ୍ରୀମାନେ ନିଜ ଜୀବନର ଲକ୍ଷ୍ୟକୁ ନେଇ ଆଗେଇବାକୁ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଅମିତା ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ଭାଗବତ ଗୀତାରେ ଦିଆଯାଇଥିବା ଉପଦେଶକୁ ଅନୁପାଳନ କରିବାକୁ ପରାମର୍ଶ ଦେଇଥିଲେ । ବିଭାଗୀୟ ଛାତ୍ରୀ ଶୁଭ୍ରଜ୍ୟୋତି ମହାଳିକ୍ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ପ୍ରାରମ୍ଭିକ ସୂଚନା ଓ ଛାତ୍ର ଶ୍ରୀହରି ବିଷ୍ଣୁ ଚରଣ ସେଠୀ ସ୍ୱାଗତ ସମ୍ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପୁରାତନ ଛାତ୍ର ସମସ୍ତେ ନିଜ ନିଜର ଅଭିଜ୍ଞତା ଆଦାନ ପ୍ରଦାନ କରିବା ସହ କଲେଜରେ ବିତିଥିବା ସ୍ମରଣୀୟ ମୁହୂର୍ତ୍ତକୁ ପୁନଃ ସ୍ମରଣ କରିଥିଲେ । ଦ୍ୱିତୀୟ ଓ ପ୍ରଥମ ବର୍ଷର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ସଫଳ ଆୟୋଜନରେ ସହଯୋଗ କରିଥିଲେ । ଶେଷରେ ଛାତ୍ର ଶ୍ରୀହରି ବିଷ୍ଣୁ ଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ

# ଆଦର୍ଶ ଶିକ୍ଷୟିତ୍ରୀ ଗୋଲକ ଲତା ଖିଲାରଙ୍କ ଦେହାନ୍ତ

ଧାମନଗର, : ଧାମନଗର ଏନ ଏ ସି ଅନ୍ତର୍ଗତ ଦକ୍ଷିଣବାଡ ଗ୍ରାମର ସମସ୍ତଙ୍କର ଜଣାଶୁଣା ସୁପରିଚିତ ସମାଜସେବୀ ତଥା ସାପ ଧରାଳି କୁମାରେଶ ଖିଲାର(କୁନା)ର ମା' ଅବସରପ୍ରାପ୍ତ ଆଦର୍ଶ ଶିକ୍ଷୟିତ୍ରୀ ଗୋଲକ ଲତା ଖିଲାରଙ୍କ ୮୫ ବର୍ଷ ବୟସରେ ପରଲୋକ ଘଟିଛି । ଖବର ନେବାରୁ ଯାହା ଜଣାଯାଏ ଖିଲାର ଦୀର୍ଘ ଦିନ ହେବ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ ।ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସା ହେଉଥିବା ବେଳେ ୨୮/୦୪/ ୨୫ତାରିଖ ସୋମବାର ସନ୍ଧ୍ୟା ୬ଟା୧୫ ମିନିଟ ସମୟରେ ପରଲୋକ ଘଟିଛି । ସ୍ୱର୍ଗତା ଖିଲାର ଧାମନଗର ବାଳିକା ବିଦ୍ୟାଳୟରେ ଦୀର୍ଘ ଦିନ ଧରି ଶିକ୍ଷା ଦାନ କରିଥିବା ବେଳେ ଉକ୍ତ ବିଦ୍ୟାଳୟରୁ ମଧ୍ୟ ଅବସର ଗ୍ରହଣ କରିଥିଲେ । ତାଙ୍କ ଠାରୁ ଶିକ୍ଷା ଲାଭ କରି ଛାତ୍ରୀ ମାନେ ସରକାରୀ ଓ ବେସରକାରୀ ଅଫିସ ଦପ୍ତରରେ କାର୍ଯ୍ୟରତ ଅଛନ୍ତି । ଏହି ଦୁଃଖଦ ଖବର ପାଇ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀ ମାନେ ଗଭୀର ଦୁଃଖ ପ୍ରକାଶ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟାଖେଳିଯାଇଛି । ଅନ୍ୟ ପଟେ ଏହି ଦେହାନ୍ତ ଖବର ପ୍ରସାରିତ ହେବା ପରେ ଏନ ଏ ସି ଅଧ୍ୟକ୍ଷା ନିବେଦିତା ଜେନା,ବିଜେଡି ନେତା ଲମ୍ବୋଦର ଜେନା,ସୁଶାନ୍ତ କୁମାର ରାଉତ,ବିଜେପି ନେତା ଲକ୍ଷ୍ମୀଧର ବେହେରା,କଂଗ୍ରେସ ନେତା ମାନସ ରଞ୍ଜନ ମହାପାତ୍ର,ଅଧ୍ୟାପକ ସୁରେନ୍ଦ୍ର କୁମାର ଜେନା,ଶିକ୍ଷକ ମନ୍ମଥ କୁମାର ରାଉତ,ବରିଷ୍ଠ ସାମ୍ବାଦିକ ଅନୀଲ କୁମାର ବାରିକ,କୃଷ୍ଣ ଚନ୍ଦ୍ର ଜେନା,ଗୋଲାମ ଜିଲାନି ହବିବି,ସେକ ଜାଫର ଅଲ୍ଲୀ,ସରୋଜ କୁମାର ସେଠୀ,ଆଇନଜୀବୀ ଅମରେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ସମାଜସେବୀ,ବୁଦ୍ଧିଜୀବୀ,ଛାତ୍ରଛାତ୍ରୀ, ସାମ୍ବାଦିକ ଓ ଗ୍ରାମବାସୀ ପ୍ରମୁଖ ଦକ୍ଷିଣବାଡ ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତାଙ୍କୁ ଦର୍ଶନ କରିବା ସହ ତାଙ୍କର ଅମର ଆତ୍ମାର



ସଦଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଦର୍ଶନ ଶିକ୍ଷୟିତ୍ରୀ ସର୍ଗତା ଗୋଲକ ଲତା ଖିଲାରଙ୍କ ବିୟୋଗରେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ରାଜେନ୍ଦ୍ର କୁମାର ଦାସ,ସମାଜ ସେବୀ ସଞ୍ଜୟ କୁମାର ଦାସ,ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ରାଉତ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ,ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ନଗର ପ୍ରତିନିଧ କୈଳାସ ଚନ୍ଦ୍ର ମହାପାତ୍ର,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁରଥ ଚନ୍ଦ୍ର ସେଠୀ,ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ,ସାଧାରଣ ସମ୍ପାଦକ ରଣଜିତ ମହାନ୍ତି,ପ୍ରେସ୍ କ୍ଲବ ସଭାପତି ବୈକୁଣ୍ଠ ନାଥ ସାହୁ,ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡା,ବରିଷ୍ଠ ସାମ୍ବାଦିକ ଉପଦେଷ୍ଟା ବାସୁଦେବ ତ୍ରିପାଠୀ,ରସାନନ୍ଦ ମହାପାତ୍ର,ସୁଧାକର ଦାଶ,ସୁଶାନ୍ତ କୁମାର ରାଉତ,ନ୍ତୋଷ ମହାପାତ୍ର,ବିବେକାନନ୍ଦ ପଣ୍ଡା,ଅନନ୍ତ ଜେନା,ବିବେକାନନ୍ଦ ସାମଲ,ସଂଜୀବ ମହାନ୍ତିଙ୍କ ସମେତ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତା ଖିଲାରଙ୍କ ମରଶରୀରକୁ ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ସ୍ୱର୍ଗତା ଖିଲାରଙ୍କ ସାନ ପୁଅ ମୁଖାଗ୍ନି ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ସମସ୍ତ ପୁଅ ଓ ଝିଅ,ଜ୍ୱାଇଁ,ନାତି ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ ।

## ପଞ୍ଚାୟତ କାର୍ଯ୍ୟାଳୟରେ ଶୋଇଥିବା ଅବସ୍ଥାରେ ପଞ୍ଚାୟତ ପିଅନଙ୍କ ଅକାଳ ମୃତ୍ୟୁ

କୋଷାଗୁମୁଡ଼ା, : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଅନ୍ତର୍ଗତ ଚିର୍ମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରେ ଶୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ର ପିଅନ ଟଙ୍କଧର ପୂଜାରୀ(୪୭)ଙ୍କ ମୃତ୍ୟୁ ଘଟି ଯାଇଛି । ସୂଚନା ଅନୁଯାୟୀ ଟଙ୍କଧର ସବୁଦିନ ରାତିରେ ପଞ୍ଚାୟତ କାର୍ଯ୍ୟାଳୟ ରେ



ଶୋଇବାକୁ ଜାଇ ସକାଳେ ଘରକୁ ଫେରି ଥାଏ । ଓ ପ୍ରତିଦିନ ଭଳି ଗତକାଲି ରାତିରେ ଟଙ୍କଧର ନିଜ ଘରେ ଖାଇ ପିଇ ଅଫିସ୍ ରେ ଶୋଇବାକୁ ଆସିଥିଲେ ଆଉ ସକାଳେ ଘରକୁ ଫେରି ନଥିଲେ ।କାର୍ଯ୍ୟାଳୟ ର ଅନ୍ୟ ଏକ ପିଅନ ସୁବ୍ରତ ନାୟକ ସକାଳେ ଆସି ଟଙ୍କଧର ଙ୍କୁ କାର୍ଯ୍ୟାଳୟ ଭିତରେ ମୃତ୍ୟୁ ହୋଇଥିବାର ଦେଖି ତାଙ୍କ ଘର ଲୋକଙ୍କୁ ଏବଂ ପଞ୍ଚାୟତ କାର୍ଯ୍ୟାଳୟର, ଚରଙ୍ଗ ,ସରପଞ୍ଚ, ଏଜଙ୍ଗ, ଙ୍କୁ ଖବର ଦେଇଥିଲେ । ସରପଞ୍ଚ ଓ ଗ୍ରାମବାସି ତୁରନ୍ତ ପୋଲିସ ଙ୍କୁ ଜଣାଇଥିଲେ । ଘଟଣା ସ୍ଥଳରେ କୋଡ଼ିଙ୍ଗା ପୋଲିସ ପହଞ୍ଚି ସବ କୁ ଜବତ କରି ତଦନ୍ତ ଜାରିକରୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସବ ବ୍ୟବଚ୍ଛେଦ ପାଇଁ,କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଥିଲେ । ଟଙ୍କଧର ଏକ ମେଳାପି ବ୍ୟକ୍ତି ହୋଇଥିବା ଯୋଗୁଁ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# କେ.ଏସ.ବି.ପବ୍ଲିକ୍ ସ୍କୁଲର ୨୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ନୟାଗଡ :ଆଜି ନୟାଗଡ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ୍ ସ୍କୁଲ ଶରଣକୁଳର ୨୪ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଭିକାରୀପଡାସ୍ଥିତ ସ୍କୁଲ ପରିସରରେ ମଙ୍ଗଳବାର ମହା ସମାରୋହରେ ପାଳିତ ହୋଇ ଯାଇଛି ।ସ୍କୁଲ ସଭାପତି ମନୋରଞ୍ଜନ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟର ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡ଼ା ଅରବିନ୍ଦ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ' ଶିକ୍ଷା ଶିଶୁର ଚାରିତ୍ରିକ ଶୃଙ୍ଖଳା,ଶୈକ୍ଷିକ ତଥା ବୌଦ୍ଧିକ ବିକାଶର ଚାବିକାଠି, ଶିକ୍ଷା ବିନା ରାଜ୍ୟ ତଥା ଦେଶର ପ୍ରଗତି ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ନୟାଗଡ ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ତଥା ସ୍ତମ୍ଭକାର ଡ଼. ମାନସ ରଞ୍ଜନ ଶତପଥି ମୁଖ୍ୟ ବକ୍ତା



ରୂପେ ଯୋଗଦେଇ ଶିଶୁର ଅନ୍ତର୍ନିହିତ ଗୁଣ ପରି ପ୍ରକାଶର ପ୍ରମୁଖ ସ୍ଥଳ ହେଉଛି ବିଦ୍ୟାଳୟ ଓ ବାର୍ଷିକ ଉତ୍ସବ ହେଉଛି ଏହାର ମାଧ୍ୟମ ବୋଲି ବକ୍ତବ୍ୟ ରଖିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଭାରତ ସ୍କାଉଟ ଗାଇଡ କବ ବୁଲବୁଲ ରାଜ୍ୟ ସଂଯୋଜକ ରବିନ୍ଦ୍ର କୁମାର ନାୟକ, ଦି ଗ୍ରେଟ ଓଡିଶା ପଲିଟିକାଲ ସର୍କସ ର ବ୍ୟଙ୍ଗକବି ତଥା ଧାରାବାହିକ ଓ ଚଳଚିତ୍ର ଅଭିନେତା ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଥିଲେ । ସମ୍ପାଦକ ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍କୁଲ ଅଧ୍ୟକ୍ଷ ନୀଳମାଧ୍ୱ ତ୍ରିପାଠୀ ବାର୍ଷିକ ବିବରଣୀ ପଠନ କରିଥିଲେ ।ଏଥି ସହିତ ବିଭିନ୍ନ ପ୍ରତିଯୋଗୀତର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ । ରବିନ୍ଦ୍ର କୁମାର ତ୍ରିପାଠୀ ଙ୍କ ସଂଯୋଜନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପରିଚାଳନା କମିଟି ସଦସ୍ୟ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

## ସମ୍ପାଦକୀୟ

# ଶିଶୁମାନଙ୍କ ପାଇଁ 'ଆଶୀର୍ବାଦ'

ମହାମାରୀ କରୋନାରେ ପିତା-ମାତାଙ୍କୁ ହରାଇ ଅନାଥ ହୋଇଯାଇଥିବା ଶିଶୁମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ 'ଆଶୀର୍ବାଦ' ନାମକ ଏକ ନୂତନ ଯୋଜନା ଘୋଷଣା କରିବା ନିଶ୍ଚିତ ଭାବେ ଏକ ସମୟୋପଯୋଗୀ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ଏହା ନିଶ୍ଚିତ ଯେ, ମହାମାରୀ କରୋନାରେ ରାଜ୍ୟରେ ଶହଶହ ଶିଶୁ ଉଭୟ ମା'ବାପା କିମ୍ବା କେବଳ ବାପା କିମ୍ବା ମା'ଙ୍କୁ ହରାଇ ଛେଉଣ୍ଡ ହୋଇଯାଇଛନ୍ତି। ମହାମାରୀରେ ଉଭୟ ମା' ବାପାଙ୍କୁ ହରାଇଥିବା ଶିଶୁମାନଙ୍କୁ ମାସିକ ୨୫୦୦ ଟଙ୍କା, କେବଳ ମା କିମ୍ବା ବାପା ତଥା ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କୁ ହରାଇଥିବା ଶିଶୁଙ୍କ ପାଇଁ ମାସିକ ୧୫୦୦ ଟଙ୍କା ସହାୟତା ଘୋଷଣା କରିଛନ୍ତି। ସେମାନଙ୍କ ଲାଳନପାଳନ ଦାୟିତ୍ୱ ନେଇଥିବା ସଂପର୍କୀୟଙ୍କ ବ୍ୟାଙ୍କ ଖାତାରେ ଏହି ଅର୍ଥ ଜମା ହେବ। ଅନାଥଙ୍କ ଶିକ୍ଷା, ଦୀକ୍ଷା, ସ୍ୱାସ୍ଥ୍ୟ ଓ ଭରଣପୋଷଣରେ ଏହି ଟଙ୍କା ଖର୍ଚ୍ଚ ହେବ। ତେବେ ଅନାଥ ଶିଶୁଙ୍କୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ଏହି ସହାୟତା ମିଳିବ। କେବଳ ଏତିକି ନୁହେଁ, ଅନାଥ ପିଲାମାନେ ଯେଉଁ ସ୍କୁଲରେ ପଢୁଥିଲେ, ସେହି ସ୍କୁଲରେ ପଢିବେ କିମ୍ବା ସେହିମାନର ଯେକୌଣସି ବିଦ୍ୟାଳୟରେ ପାଠ ପଢିପାରିବେ। ଆବଶ୍ୟକ ହେଲେ ସେମାନଙ୍କୁ ଆଦର୍ଶ କିମ୍ବା କେନ୍ଦ୍ରୀୟ ବିଦ୍ୟାଳୟ ପରି ଉନ୍ନତ ମାନର ସ୍କୁଲରେ ଶିକ୍ଷା ପାଇପାରିବେ। ଆହୁରି ମଧ୍ୟ ଉଚ୍ଚଶିକ୍ଷା ପାଇଁ ସେମାନଙ୍କୁ ସବୁଜ ପଥ (ଗ୍ରୀନ ପ୍ୟାସେଜ) ଯୋଜନାରେ ସହଯୋଗ ଯୋଗାଇ ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ଏହା ବ୍ୟତୀତ ଅନାଥ ଶିଶୁଙ୍କୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣାରେ ସ୍ୱାସ୍ଥ୍ୟସେବା ସୁବିଧା ଦିଆଯିବ। ସେହିପରି ସେମାନଙ୍କୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଜନା କିମ୍ବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ। ଏହା ବ୍ୟତୀତ ଅନାଥ ଶିଶୁ ରହୁଥିବା ଆତ୍ମୀୟ ସ୍ୱଜନ ଯଦି ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାର ସାମିଲ ହେବାକୁ ଯୋଗ୍ୟ ହୋଇଥାନ୍ତି, ତେବେ ଅଗ୍ରାଧିକାର ଭିତିରେ ତାଙ୍କୁ ଘର ଯୋଗାଇ ଦିଆଯିବ। କେବଳ ଆବାସ ଯୋଜନା ନୁହେଁ, ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ଦିଆଯିବ। ସେହିପରି ଅନାଥ ଶିଶୁର ସଂପତିର ସୁରକ୍ଷା ପାଇଁ ଶିଶୁମଙ୍ଗଳ ସମିତି, ଜିଲ୍ଲା ଶିଶୁ ସୁରକ୍ଷା, ତହସିଲଦାର ଓ ପୋଲିସ ମିଳିତ ପଦକ୍ଷେପ ନେବେ। ଆତ୍ମୀୟ ସ୍ୱଜନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସୁବିଧା ସୁଯୋଗ ଘୋଷଣା କରିଛନ୍ତି। ତାହା ନିଶ୍ଚିତ ଭାବରେ ଅନାଥ ଶିଶୁର ଯନଃ ଦାୟିତ୍ୱକୁ ସୁନିଶ୍ଚିତ କରିବ, ଏଥିରେ ସନ୍ଦେହ ନାହିଁ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଅନାଥ ଶିଶୁଙ୍କ ସଠିକ୍ ଠାବ। କରୋନା ମୃତ୍ୟୁର କୌଣସି ସଠିକ ତାଲିକା ନଥିବାରୁ ଅନାଥ ଶିଶୁଙ୍କୁ ଚିହ୍ନଟ କରିବା ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜ ହୋଇପାରେ। କହିବା ବାହୁଲ୍ୟ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ(ଏନସିପିସିଆର) ସୁପ୍ରିମକୋର୍ଟରେ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ମହାମାରୀ କରୋନାରେ ଓଡିଶାରେ ୧୦୭୩ ଜଣ ଶିଶୁ ଉଭୟ ପିତାମାତା କିମ୍ବା କେବଳ ବାପା କିମ୍ବା ମା'ଙ୍କୁ ହରାଇ ଅନାଥ ହୋଇଥିବା କୁହାଯାଇଛି କିନ୍ତୁ ଓଡିଶା ସରକାରଙ୍କ ତଥ୍ୟ ଅନୁଯାୟୀ ମହାମାରୀରେ ୨୩୫ ଜଣ ଶିଶୁ ଅନାଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୮ ଜଣ ଉଭୟ ବାପା ଓ ମା'ଙ୍କୁ ହରାଇଥିବା ବେଳେ ଅନ୍ୟ ୧୯୭ ଜଣ ଶିଶୁ କେବଳ ବାପା କିମ୍ବା ମା'ଙ୍କୁ ହରାଇ ଅନାଥ ହୋଇଥିବା କୁହାଯାଇଛି। ଏହା ନିଶ୍ଚିତ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟ ମଧ୍ୟରେ ଆକାଶ ପାତାଳ ତଫାତ୍ ରହିଛି। ବାସ୍ତବରେ ରାଜ୍ୟରେ କେତେ ଶିଶୁ ଅନାଥ ହୋଇଛନ୍ତି, ତାହା ସଠିକ ଗଣନା ସାଂପ୍ରତିକ ସମୟରେ ସବୁଠାରୁ ବଡ ଆବଶ୍ୟକତା। ଅନାଥ ଶିଶୁଙ୍କ ସଠିକ ଚିହ୍ନଟ ବିନା ଯୋଜନାର କିଛି ମୂଲ୍ୟ ନାହିଁ। ଯୋଜନା କେବଳ ଯୋଜନାରେ ରହିଯିବା ସାର ହେବ। ଅବଶ୍ୟ 'ଆଶୀର୍ବାଦ' ଯୋଜନାରୁ ଜଣେ ହେଲେ ଅନାଥ ଶିଶୁ ଯେପରି ବାଦ୍ ନପଡନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଛନ୍ତି। ଅନାଥ ଶିଶୁ ଚିହ୍ନଟ ପାଇଁ ପଂଚାୟତର ସରପଂଚମାନଙ୍କ ଠାରୁ ଜିଲ୍ଲାପାଳ ରିପୋର୍ଟ ତଲବ କରନ୍ତୁ, ଗ୍ରାମ ପଂଚାୟତ ସ୍ତରରୁ ଅନାଥ ଶିଶୁ ଚିହ୍ନଟ ହେଲେ, ରାଜ୍ୟରେ କେତେ ଶିଶୁ ମହାମାରୀରେ ଅନାଥ ହୋଇଛନ୍ତି। ତାହାର ସଠିକ ଗଣନା ସୁନିଶ୍ଚିତ ହୋଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ ଦେଇଥିବା ରିପୋର୍ଟ ଅନୁଯାୟୀ ଦେଶରେ ୩୬୨୧ ଶିଶୁ ଉଭୟ ପିତାମାତାଙ୍କୁ ହରାଇଥିବାବେଳେ ୨୬,୧୭୬ ଜଣ କେବଳ ମା' କିମ୍ବା ବାପାଙ୍କୁ ହରାଇଛନ୍ତି। ସେହିପରି ୨୭୪ ଜଣ ପରିତ୍ୟକ୍ତ ହୋଇ ପଡିଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୭୦୮୪ ଜଣ ଅନାଥ ହୋଇଥିବାବେଳେ ଉତରପ୍ରଦେଶରେ ୩୧୭୨, ରାଜସ୍ଥାନରେ ୨୪୮୨, ହରିୟାନାରେ ୨୪୩୮, ମଧ୍ୟପ୍ରଦେଶରେ ୨୨୪୩, ଆନ୍ଧ୍ରପ୍ରଦେଶରେ ୨୦୮୯, କେରଳରେ ୨୦୦୨, ବିହାରରେ ୧୬୩୪ ଜଣ ଶିଶୁ ଅନାଥ ହୋଇଥିବା କୁହାଯାଇଛି। ଅନାଥ ଶିଶୁଙ୍କ ପାଇଁ ପ୍ରାଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନାଥ ଶିଶୁଙ୍କ ପାଇଁ 'ଆଶୀର୍ବାଦ' ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଦେଶରେ ଅନ୍ୟ ରାଜ୍ୟପାଇଁ ଏହା ପଥ ପ୍ରଦର୍ଶକ ହେବ, ଏଥିରେ ସନ୍ଦେହ ନାହିଁ। ଯୋଜନାର ସୁଫଳ ଅନାଥଙ୍କ ନିକଟରେ ପହଁଚିବା ପ୍ରତି ସମସ୍ତେ ଧ୍ୟାନ ଦେବା ଜରୁରୀ।

# ଆମେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରୁଛୁ



ମହାମାରୀ କରୋନା ଯୋଗୁଁ ବାତିଲ ହୋଇଥିବା ଦ୍ୱାଦଶ ବୋର୍ଡ ପରୀକ୍ଷାରେ ମାର୍କ ମୂଲ୍ୟାୟନ ପଦ୍ଧତି ସଂପର୍କରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସଇ)ର ଘୋଷଣା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଲାଗି ରହିଥିବା କଳ୍ପନା-ଜଳ୍ପନା ଓ ଦ୍ୱନ୍ଦର ଅବସାନ ଘଟାଇଛି। ବୋର୍ଡ ସୁପ୍ରିମକୋର୍ଟଙ୍କୁ ମୂଲ୍ୟାୟନ ପଦ୍ଧତି ସଂପର୍କରେ ଅବଗତ କରାଇଛନ୍ତି। ଯାହାକୁ ସର୍ବୋଚ୍ଚ ଅଦାଲତ ସ୍ୱୀକୃତି ପ୍ରଦାନ କରିଛନ୍ତି। ମହାମାରୀ କାଳରେ ଛାତ୍ରଛାତ୍ରୀଙ୍କ ୩ବର୍ଷର ପ୍ରଦର୍ଶନ ତଥା ଦଶମ ବୋର୍ଡ ପରୀକ୍ଷା, ଏକାଦଶ ପରୀକ୍ଷା ଏବଂ ଦ୍ୱାଦଶ ଶ୍ରେଣୀର ପ୍ରିବୋର୍ଡ ପରୀକ୍ଷାର ପ୍ରଦର୍ଶନ ଆଧାରରେ ମୂଲ୍ୟାୟନ କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତି ଗ୍ରହଣ କରିଛନ୍ତି। ସାଂପ୍ରତିକ କରୋନା ମହାମାରୀ ସଂକ୍ରମଣ କାଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଏହା ଯେ, ଏକ ସର୍ବୋତମ ମୂଲ୍ୟାୟନ ପଦ୍ଧତି, ଏଥିରେ ସନ୍ଦେହ ନାହିଁ। ବୋର୍ଡ ଦ୍ୱାରା ପ୍ରସ୍ତୁତ ମୂଲ୍ୟାୟନ ପଦ୍ଧତି ଅନୁଯାୟୀ ମାଟ୍ରିକ ତଥା ଦଶମ ପରୀକ୍ଷାର ୩୦ ପ୍ରତିଶତ, ଏକାଦଶର ୩୦ ପ୍ରତିଶତ ଏବଂ ଦ୍ୱାଦଶ ଶ୍ରେଣୀ ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ୪୦ ପ୍ରତିଶତ ନମ୍ବର ବିଚାରକୁ ନେଇ ମୂଲ୍ୟାୟନ ହେବ। କେବଳ ଏତିକି ନୁହେଁ, ବୋର୍ଡ କର୍ତ୍ତୃପକ୍ଷ ମଧ୍ୟ ଛାତ୍ରଛାତ୍ରୀଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବା ପରିବର୍ତେ କୋହଳ ମନୋଭାବ ଗ୍ରହଣ କରିଛନ୍ତି। ଦଶମ ଶ୍ରେଣୀର ମୋଟ ପାଂଚଟି ବିଷୟରୁ ଶ୍ରେଷ୍ଠ ୩ ବିଷୟର ନମ୍ବର, ଏକାଦଶ ଶ୍ରେଣୀର ସର୍ବନିମ୍ନ ୫ଟି ବିଷୟର ମିଡଟର୍ମ ନମ୍ବର ଏବଂ ଦ୍ୱାଦଶର ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ନମ୍ବର ହିସାବକୁ ନିଆଯାଇ ମାର୍କ ମୂଲ୍ୟାୟନ ହେବ। ଏହା ନିଶ୍ଚିତ ଯେ, ଦ୍ୱାଦଶ ବୋର୍ଡ ପରୀକ୍ଷା ହେଉଛି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ପ୍ରଥମ ପାହାଚ। ଦ୍ୱାଦଶ ପରୀକ୍ଷାର ଫଳାଫଳ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିଥାଏ। ପରୀକ୍ଷା ଫଳ ଅନୁଯାୟୀ ଛାତ୍ରଛାତ୍ରୀମାନେ ପ୍ରଚଳିତ ପ୍ରବେଶିକା ବା ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଡାକ୍ତରୀ, ଇଂଜିନିୟରିଂ, ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଆଇଆଇଟି, ଆଇଆଇଏମ ଆଦି ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥାନ୍ତି। ମହାମାରୀ କରୋନା ପ୍ରଭାବରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୀର୍ଘ ଦେଢ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶ୍ରେଣୀ କାର୍ଯ୍ୟରେ ପାଠପଢା ବନ୍ଦ ହେବା, ବିଭିନ୍ନ ପରୀକ୍ଷା ବାତିଲ ହେବା ଯୋଗୁଁ ଭବିଷ୍ୟତ ନେଇ ଛାତ୍ରଛାତ୍ରୀ ନିରାଶା, ଆଶା ଆଶଙ୍କାରେ ରହିବା ସ୍ୱାଭାବିକ। ବୋର୍ଡ କର୍ତ୍ତୃପକ୍ଷ ଗତତିନି ବର୍ଷର ପରୀକ୍ଷାର ପ୍ରଦର୍ଶନକୁ ଆଧାର କରି ୩୦:୩୦:୪୦ ଅନୁପାତରେ ନମ୍ବର ପାଇବେ। ଯାହାକି ପିଲାମାନଙ୍କୁ ସନ୍ତୁଷ୍ଟ କରିପାରିବାରେ ସହାୟକ ହେବ। ଅତୀତରେ ପିଲା ଯେପରି ନମ୍ବର ରଖିଥିବ, ଏବେ ସେହି ଅନୁପାତରେ ନମ୍ବର ପାଇବ। ଏହା ଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ଆଦୌ କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ଆମର ବିଶ୍ୱାସ। ଯେଉଁ ଛାତ୍ରଛାତ୍ରୀମାନେ ଏହି ମୂଲ୍ୟାୟନ ପଦ୍ଧତିରେ ସନ୍ତୁଷ୍ଟ ହେବେ ନାହିଁ, ପରବର୍ତୀ ସମୟରେ ତଥା ମହାମାରୀର ପ୍ରକୋପ କମିଲେ, ସେମାନେ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦେବାରେ ବୋର୍ଡ କର୍ତ୍ତୃପକ୍ଷ ଆଦୌ ଅବହେଳା କରିନାହାଁନ୍ତି ବୋଲି ନିସନ୍ଦେହରେ କୁହାଯାଇପାରିବ। ଏହାସତ୍ୱେ ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବୋର୍ଡର ମୂଲ୍ୟାୟନ ପଦ୍ଧତିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅସନ୍ତୋଷ ପ୍ରକାଶ ସ୍ୱାଭାବିକ ମଧ୍ୟ। ଏ ନେଇ ସେମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ତ ହୋଇଛନ୍ତି। କହିବା ବାହୁଲ୍ୟ ଯେ, କେତେକ ଘରୋଇ ବିଦ୍ୟାଳୟ ସେମାନ୍ଙ୍କ ଛାତ୍ରଛାତ୍ରୀଙ୍କ ଅଧିକ ହାରରେ ନମ୍ବର ଦେବା ଅସମ୍ଭବ ନୁହେଁ। ମହାମାରୀ କାଳରେ ଛାତ୍ରଛାତ୍ରୀଙ୍କ ୩ବର୍ଷର ପ୍ରଦର୍ଶନ ତଥା ଦଶମ ବୋର୍ଡ ପରୀକ୍ଷା, ଏକାଦଶ ପରୀକ୍ଷା ଏବଂ ଦ୍ୱାଦଶ ଶ୍ରେଣୀର ପ୍ରିବୋର୍ଡ ପରୀକ୍ଷାର ପ୍ରଦର୍ଶନ ଆଧାରରେ ମୂଲ୍ୟାୟନ କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତି ଗ୍ରହଣ କରିଛନ୍ତି। ସାଂପ୍ରତିକ କରୋନା ମହାମାରୀ ସଂକ୍ରମଣ କାଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଏହା ଯେ, ଏକ ସର୍ବୋତମ ମୂଲ୍ୟାୟନ ପଦ୍ଧତି, ଏଥିରେ ସନ୍ଦେହ ନାହିଁ। ବୋର୍ଡ ଦ୍ୱାରା ପ୍ରସ୍ତୁତ ମୂଲ୍ୟାୟନ ପଦ୍ଧତି ଅନୁଯାୟୀ ମାଟ୍ରିକ ତଥା ଦଶମ ପରୀକ୍ଷାର ୩୦ ପ୍ରତିଶତ, ଏକାଦଶର ୩୦ ପ୍ରତିଶତ ଏବଂ ଦ୍ୱାଦଶ ଶ୍ରେଣୀ ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ୪୦ ପ୍ରତିଶତ ନମ୍ବର ବିଚାରକୁ ନେଇ ମୂଲ୍ୟାୟନ ହେବ। କେବଳ ଏତିକି ନୁହେଁ, ବୋର୍ଡ କର୍ତ୍ତୃପକ୍ଷ ମଧ୍ୟ ଛାତ୍ରଛାତ୍ରୀଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବା ପରିବର୍ତେ କୋହଳ ମନୋଭାବ ଗ୍ରହଣ କରିଛନ୍ତି। ଦଶମ ଶ୍ରେଣୀର ମୋଟ ପାଂଚଟି ବିଷୟରୁ ଶ୍ରେଷ୍ଠ ୩ ବିଷୟର ନମ୍ବର, ଏକାଦଶ ଶ୍ରେଣୀର ସର୍ବନିମ୍ନ ୫ଟି ବିଷୟର ମିଡଟର୍ମ ନମ୍ବର ଏବଂ ଦ୍ୱାଦଶର ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ନମ୍ବର ହିସାବକୁ ନିଆଯାଇ ମାର୍କ ମୂଲ୍ୟାୟନ ହେବ। ଏହା ନିଶ୍ଚିତ ଯେ, ଦ୍ୱାଦଶ ବୋର୍ଡ ପରୀକ୍ଷା ହେଉଛି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ପ୍ରଥମ ପାହାଚ। ଦ୍ୱାଦଶ ପରୀକ୍ଷାର ଫଳାଫଳ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିଥାଏ। ପରୀକ୍ଷା ଫଳ ଅନୁଯାୟୀ ଛାତ୍ରଛାତ୍ରୀମାନେ ପ୍ରଚଳିତ ପ୍ରବେଶିକା ବା ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଡାକ୍ତରୀ, ଇଂଜିନିୟରିଂ, ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଆଇଆଇଟି, ଆଇଆଇଏମ ଆଦି ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥାନ୍ତି। ମହାମାରୀ କରୋନା ପ୍ରଭାବରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୀର୍ଘ ଦେଢ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶ୍ରେଣୀ କାର୍ଯ୍ୟରେ ପାଠପଢା ବନ୍ଦ ହେବା, ବିଭିନ୍ନ ପରୀକ୍ଷା ବାତିଲ ହେବା ଯୋଗୁଁ ଭବିଷ୍ୟତ ନେଇ ଛାତ୍ରଛାତ୍ରୀ ନିରାଶା, ଆଶା ଆଶଙ୍କାରେ ରହିବା ସ୍ୱାଭାବିକ। ବୋର୍ଡ କର୍ତ୍ତୃପକ୍ଷ ଗତତିନି ବର୍ଷର ପରୀକ୍ଷାର ପ୍ରଦର୍ଶନକୁ ଆଧାର କରି ୩୦:୩୦:୪୦ ଅନୁପାତରେ ନମ୍ବର ପାଇବେ। ଯାହାକି ପିଲାମାନଙ୍କୁ ସନ୍ତୁଷ୍ଟ କରିପାରିବାରେ ସହାୟକ ହେବ। ଅତୀତରେ ପିଲା ଯେପରି ନମ୍ବର ରଖିଥିବ, ଏବେ ସେହି ଅନୁପାତରେ ନମ୍ବର ପାଇବ। ଏହା ଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ଆଦୌ କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ଆମର ବିଶ୍ୱାସ। ଯେଉଁ ଛାତ୍ରଛାତ୍ରୀମାନେ ଏହି ମୂଲ୍ୟାୟନ ପଦ୍ଧତିରେ ସନ୍ତୁଷ୍ଟ ହେବେ ନାହିଁ, ପରବର୍ତୀ ସମୟରେ ତଥା ମହାମାରୀର ପ୍ରକୋପ କମିଲେ, ସେମାନେ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦେବାରେ ବୋର୍ଡ କର୍ତ୍ତୃପକ୍ଷ ଆଦୌ ଅବହେଳା କରିନାହାଁନ୍ତି ବୋଲି ନିସନ୍ଦେହରେ କୁହାଯାଇପାରିବ। ଏହାସତ୍ୱେ ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବୋର୍ଡର ମୂଲ୍ୟାୟନ ପଦ୍ଧତିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅସନ୍ତୋଷ ପ୍ରକାଶ ସ୍ୱାଭାବିକ ମଧ୍ୟ। ଏ ନେଇ ସେମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ତ ହୋଇଛନ୍ତି। କହିବା ବାହୁଲ୍ୟ ଯେ, କେତେକ ଘରୋଇ ବିଦ୍ୟାଳୟ ସେମାନ୍ଙ୍କ ଛାତ୍ରଛାତ୍ରୀଙ୍କ ଅଧିକ ହାରରେ ନମ୍ବର ଦେବା ଅସମ୍ଭବ ନୁହେଁ। ନିଜ ସ୍କୁଲର ନାଁ ପାଇଁ ସେମାନେ ଯାହା ନିଜ ସ୍କୁଲର ନାଁ ପାଇଁ ସେମାନେ ଯାହା କିଛି କରିପାରନ୍ତି। ଅତୀତରେ ଓଡ଼ିଶାର ଏକ ଆବାସିକ ବିଜ୍ଞାନ କଲେଜର ୧୮ଜଣ ଛାତ୍ରଛାତ୍ରୀ ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରେ ରହିବା ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଯାହାର କ୍ରାଇମ ବ୍ରାଂଚ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ତେବେ ସାଂପ୍ରତିକ ସମୟରେ ଏଭଳି ଜାଲିଆତି ପ୍ରତି ପର୍ତୃପକ୍ଷ ଧ୍ୟାନ ଦେବା ଜରୁରୀ। ଏହା ନିଶ୍ଚିତ ଯେ, ମହାମାରୀ କରୋନା ଶିକ୍ଷାକ୍ଷେତ୍ର ପ୍ରତି ଗୁରୁତର ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସ୍କୁଲ ବନ୍ଦ ସହ ପରୀକ୍ଷା ବାତିଲ ଘଟଣା ବୋଧହୁଏ ଶିକ୍ଷା କ୍ଷେତ୍ର ଇତିହାସରେ ପ୍ରଥମ ଘଟଣା। ଭବିଷ୍ୟତରେ ମହାମାରୀ କରୋନା ଆହୁରି ବଡ ଚ୍ୟାଲେଞ୍ଜ ସୃଷ୍ଟି କରିବାର ସମ୍ଭାବନା ରହିଛି। ସାଂପ୍ରତିକ ଘଟଣାବଳୀ ଭବିଷ୍ୟତରେ ପଥ ପ୍ରଦର୍ଶକ ହୋଇପାରେ। ତେବେ ବିଭିନ୍ନ ବୋର୍ଡ ଏବଂ ସରକାର ଏହାର ସ୍ଥାୟୀ ମୁକାବିଲା ପନ୍ଥା ନିର୍ଣ୍ଣୟ କରିବେ ବୋଲି ଆମର ଆଶା। ଆସନ୍ତା ଜୁଲାଇ ୩୧ ସୁଦ୍ଧା ଫଳାଫଳ(ରେଜଲ୍ଟ) ପ୍ରକାଶ କରିବାକୁ ବୋର୍ଡ ଘୋଷଣା କରିଛି। ରାଜ୍ୟ ସ୍ତରରେ +୨ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ଶିକ୍ଷାବୋର୍ଡ ଅନୁରୁପ ଢାଂଚା ଅନୁସରଣ କରିବା ଜରୁରୀ। ଆମେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରୁଛୁ।

# ବିକ୍ଷତ ପରିବେଶ ପାଇଁ ମାୟାଦାୟୀ

ଆମ ସଂସ୍କୃତିର ଏକ ବାଣୀ ପୂର୍ଣ୍ଣରୁ ପୂର୍ଣ୍ଣ ଅନେକ ସୃଷ୍ଟି ହୋଇଗଲେ ବି ମୂଳପୂର୍ଣ୍ଣ ସେମିତି ଅକ୍ଷତ ରହିଥାଏ। ଏହା ଜ୍ଞାନୀଙ୍କର ସାର୍ବଜନୀନ ସନ୍ତ୍ୱନା ଉପଦେଶ ବା ଜ୍ଞାନ ହୋଇପାରେ। ମାତ୍ର ସଂସାରୀ ଜୀବକୁ ମାୟା ଘେରି ରଖିଛି। ଏକ ମାୟାର ପୁଣି ଅନେକ ମାୟା ଶାଖା ମେଲାଇ ଏକ ବିଶାଳ ମାୟାଦ୍ରୁମ ସମସ୍ତ ସଂସାରୀଙ୍କ ଜୀବନ କାଳରେ ଫଳ ପୁଷ୍ପର ରୂପ ନେଉଛି ଏ ମାୟା ବୃକ୍ଷ ସ୍ତମ୍ଭ, ଚେର, ଅଙ୍ଗ, ପତ୍ର ଫଳ ଫୁଲ ପରି ସବୁଥିରେ ମାୟାଚାରା ସୃଷ୍ଟିକାରୀ। ଯତି ସନ୍ନ୍ୟାସୀ ଏହି ମାୟାରେ ନପଡ଼ିବା ପାଇଁ ବହୁ ଦ୍ରବ୍ୟ ଛାଡ଼ନ୍ତି ବ୍ୟକ୍ତି ସମ୍ବନ୍ଧ ଛାଡ଼ନ୍ତି ସ୍ଥାନମୋହ ବହୁ ବ୍ୟବହାରିକ ସମ୍ବନ୍ଧ ଛାଡ଼ନ୍ତି, ସଂସାରୀର ଯୌବନ ପୌଢ଼କାଳ ଶେଷ ପରେ ବାନପ୍ରସ୍ଥ ଯତିବ୍ରତ ପଥ ଧରିବାକୁ ଜ୍ଞାନୀମାନେ ବିଷୟ ବିଷର ଜ୍ୱାଳାମୁକ୍ତ ପାଇଁ ପରାମର୍ଶ ଦେଉଛନ୍ତି। ଏକରୁ ଅନେକ ପୁଣି ଅନେକରୁ ଏକ ଦୁଇପଥ ଯାହା ଧାର୍ଯ୍ୟ। ଏମଧ୍ୟରେ ବ୍ୟକ୍ତି ଅନୁଷ୍ଠାନ ସମାଜ ସ୍ଥାନ ଦେଶ କାଳ ଜଡ଼ିତ। କାଳ ବହୁବିଦ୍ଧ ଏହାକୁ ଗଣିତ ସତ୍ୟରେ ମନୁଷ୍ୟ ତାର ଜୀବନ କାଳ ମଧ୍ୟରେ ଜନ୍ମ ମରଣ ଚକ୍ରରେ ସାର୍ବଜନୀନ ସମୟକୁ ଜୀବନର ଖସଡ଼ାରେ ପକାଇ କାର୍ଯ୍ୟ ସାଧନ କରାଉଛି। ଏମିତି ଦେଶ ବି ଚାଲିଛି ସବୁ ସ୍ଥାନ ବି ଚାଲିଛି। ଦେଶ ପାଇଁ ପ୍ରଶାସନ ରହିଛି ପ୍ରଶାସନ ପୂର୍ବପରି ଏବେ ଐକ୍ୟ ସିଦ୍ଧାନ୍ତରେ ନାହିଁ ତ୍ରିଧା ବିଭକ୍ତିରେ ଗଣତନ୍ତ୍ର ଧାରା ଲାଗୁଛି। ବଂଶାନୁକ୍ରମ ବା ପୁରୁଷାନୁକ୍ରମ ପ୍ରଶାସନ ବିରୁଦ୍ଧ ଗଣତନ୍ତ୍ରରେ ରହିଲେ ବି ମାଯି ପଡ଼ିଛି, ମାଟିର ମାୟା କାହାକୁ ଛାଡୁନାହିଁ। ମାଟି ପାଇଁ କେତେ କେତେ ରାଜ ଯୁଦ୍ଧରେ ଯୁଦ୍ଧରେ ଶେଷ ହେଲେ ବି ମୋହ ମାୟାରେ ସେହି ଗତାନୁଗତ ଧାରା ବିଲୁପ୍ତ ନାହିଁ।

ରୂପ ବଦଳାଇ ମାୟା ଆସେ। ମନୁଷ୍ୟ କ'ଣ ସବୁଜୀବ ଏମିତି ସେହି ମାୟାରେ ପଡ଼ି ସର୍ବହାନି ଏପରି ପ୍ରାଣହାନି କରିଥାନ୍ତି। ଫାଶ, ଫଶାଇବା ଧାରା ମାୟାର ଅଛି। ବିଷ୍ଣୁମାୟା ଏପରି ଏଥିରୁ ଦେବତାଙ୍କୁ ମୁକ୍ତ ହେବା ସମ୍ଭବନା ନାହିଁ। ଖୋଦ ବିଷ୍ଣୁପତ୍ନୀ ଲକ୍ଷ୍ମୀ ସରସ୍ୱତୀ ତାଙ୍କ ପାଖରେ ଥିଲେ ବି ବିଷ୍ଣୁ ଅବତାର ବେଳେ ସେ ବି ଜାଣିପାରିନଥାନ୍ତି। ତନ୍ତ୍ରରେ ୨୨ଟି ପାବଚ୍ଛ ଅଛି। ସର୍ବଶେଷ ପାବଚ୍ଛ ନାମ ହିଁ ବିଷ୍ଣୁମାୟା। ଏହି ମାୟାକୁ ଭେଦ ପାଇଁ ୧ରୁ ୨୧ ପାହାଚ ଚଢ଼ିବା ବା ଅତିକ୍ରମକାରୀର ପୁଣି ଅନେକ ମାୟା ଆଶ୍ରିତ ବିଷ୍ଣୁମାୟା ହିଁ କରାଇ ଦିଏ।



ଚୁଳି ମାରିବା ନ ହେଲେ କାର୍ଯ୍ୟ ସୁନ୍ଦର ସାର୍ଥକ କେବେ ହୁଏନାହିଁ। ବାରଶହ ବଢ଼େଇ ବାରବର୍ଷ ଧରି କୋଣାର୍କ ମନ୍ଦିର ଗଢ଼ି ଚୁଳି ମରାହୋଇ ପାରିଲା ନାହିଁ। ସୁନ୍ଦର ଆଖି ଦୃଶିଆ କରି ପଥର ମୂ□ ମାୟା ଦର୍ଶକଙ୍କୁ କିପରି କରାଇପାରିବ ଏହି ଚିନ୍ତାରେ ଦଳପତି ବିଷୁ ମହାରଣାଙ୍କୁ ବେଳକୁ ବେଳ ଲାଗି ଲାଗି ଚାଲୁଥିଲା। ପାଠଶାଠରେ ସଂସ୍କାର ବେଳକୁ ବେଳ ହୁଏ ଏଥିରେ ବି ମାୟା ଅଛି। ଧନୁ ବିଦ୍ୟା ହେଉ ଗଦା ବିଦ୍ୟା ହେଉ ଏଥିରେ ବାରମ୍ବାର ସଂସ୍କାର ହୋଇ ଆସୁଛି। ତ୍ରେତୟାରେ ହରଧନୁ ବିଷ୍ଣୁଧନୁ ପ୍ରସଙ୍ଗ ରହିଛି ଦ୍ୱାପରରେ ଗାଣ୍ଡିବ ଧନୁ ପ୍ରସଙ୍ଗ ରହିଛି ପୁଣି କଂସ ମହାରାଜାଙ୍କ ଧନୁଯାତ୍ରା ଉପାଖ୍ୟାନ ଅଛି। ଗଦାର ସ୍ଥୁଳ ସୂକ୍ଷ୍ମ ଦିଗର ସିଦ୍ଧାନ୍ତ ଏମିତି ଅଛି ଅତି ଓଜନ ଗ୍ରହ ଉପଗ୍ରହ କେମିତି ଶୂନରେ ରହିଛି। ଜଳ ସୂକ୍ଷ୍ମରେ ବାଷ୍ପ ସ୍ଥୁଳରେ ସମୁଦ୍ର ପୁଣି ଆକାଶରେ ବର୍ଷା ଆଜି ଉପଗ୍ରହ ରକେଟ କ୍ଷେପଣାସ୍ତ୍ର ଉଡାଜାହାଜ କିପରି ଆକାଶରେ ବହୁ ଓଜନ ଦ୍ରବ୍ୟ ରହୁଛି ଏସବୁ ସେହି ଗଦାବିଦ୍ୟା। ମନ୍ଦିର ମୁଣ୍ଡିମରା ମୁଖ୍ୟ ସ୍ଥପତିଙ୍କର ଗୋଚରରେ ପୁରାତନ ପଦ୍ଧତିରେ ହୋଇପାରିବା ପାଇଁ ସମୟ ଆକଳନ ହୋଇପାରୁନଥିଲା। ତେବେ ତାଙ୍କର ପୁତ୍ର ଧର୍ମପଦ ରାତ୍ରୀକ ଭିତରେ ଏହା କରିଦେଲା। ହେଲେ ସମସ୍ୟା ସୃଷ୍ଟି ହେଲା, ଜନେ କଣ କହିବେ ରାଜାଙ୍କର ପ୍ରଶ୍ନବାଚୀର କିଏ କି ଉ□ର ଦେବ। ଆସନ୍ନ ଦଣ୍ଡ ଯେ ନିଶ୍ଚିନ୍ତ ଏହା ସମସ୍ତ କାରିଗର ଭାବି ଆତଙ୍କିତ। ଏଠାରେ ଲୋକକଥା ବାରଶ ବଢ଼େଇରେ ଦାୟୀ ନା ପୁଅରେ ଦାୟୀ। ଏ ଦୁଇ ମାୟା, ଏ ମାୟାର ସିଦ୍ଧାନ୍ତ ଶୀଘ୍ର ନେବାକୁ ହେବ ହିଁ ହେବ। ନିଆଗଲା ଧର୍ମପଦର ସମୁଦ୍ର ଝାସ ବିଶୁ ମହାରଣାଙ୍କର ଜାତିରକ୍ଷା ପୁତ୍ରହାନି ଘଟିଲା। ଦଳ ରଖିଲେ ପ୍ରିୟଜନ ହାରିବାକୁ ପଡ଼ିବ, ପିୟଜନ ପାଇଁ ମମତା ରଖିଲେ ଅନେକ ବଡ଼ କ୍ଷତି ହୋଇଯାଇପାରେ। ରାଜପୁତ ରମଣୀମାନେ ଯବନ ଆକ୍ରମଣକାରୀଙ୍କ ଦ୍ୱାରା ତାଙ୍କର ସ୍ୱାମୀଙ୍କର ଜୀବନ ହାନି ବା ରାଜମହଲ ବା ସ୍ୱମହଲ ନିରାପ□। ଅସମ୍ଭବ ଜାଣି ଜହରବ୍ରତ ବା ପ୍ରାଣହାନି ଅନ୍ୟମାର୍ଗ ସାହାଯ୍ୟ ନେଉଥିଲେ। ତାଙ୍କର ଜୀବନ ଠାରୁ ସତୀତ୍ୱକୁ ବଡ଼ ଭାବି ନେଉଥିଲେ। ଧାଇପାନ୍ନା ନିଜପୁଅକୁ ମରାଇ ରାଜାପୁଅର ପ୍ରାଣ ବ□ାଇ ରଖିଥିଲେ ଏଠାରେ ନିଜପୁଅ ଠାରୁ ରାଜ୍ୟ ରକ୍ଷାର ଦାୟଦ ପ୍ରକୃତ ଦରକାର। ବଣିକ ଗୋଷ୍ଠୀ ସଦା ମାୟା କରନ୍ତି। ଅଭିଧାନରେ ଦ୍ରବ୍ୟ ଗୁଣରେ, ଦ୍ରବ୍ୟର ଗୁଣାବଳୀ ଯାହା ଲେଖାଅଛି ସେପରି ଦ୍ରବ୍ୟ ବଣିକ ଲୋକଙ୍କ ପାଇଁ କେଉଁଠୁ ବିକ୍ରୟ ପାଇଁ ବା ପ୍ରସ୍ତୁତ କରି ଖାଉଟିଙ୍କ ଯୋଗାଣ କରିଥାନ୍ତି। ପ୍ରତିଷ୍ଠିତ ନେତାମାନେ ତାଙ୍କ ପାଦ ଛୁଉଁଥିବା ଲୋକଙ୍କୁ କିଛି ଦୟା କରିବା ଜଣାଯାଉଛି। ଗୁରୁ ବନିବା ଭୁଲ ନୁହଁ ମାତ୍ର ଛଳ ଛଦ୍ମଧାରୀ କାର୍ଯ୍ୟ ହାସଲକୁ ଯେ ନଆସିଥିବେ ଏ କଥା ପ୍ରତିଷ୍ଠିତ ନେତା କେମିତି ଜାଣିବେ? ଭସ୍ମାସୁରକୁ ବର ଦେଇ ଶିବ ପଳାୟନ କରିବା କ'ଣ ଜଣାନାହିଁ? ମଣ୍ଡୁକ କୃଷ୍ଣସର୍ପ କାହାଣୀ କ'ଣ ହେଜନାହିଁ ବଂଶ ମାରିବାକୁ ନିମନ୍ତ୍ରଣ କରି ସର୍ପ ମସ୍ତକରେ କେତେ ଦିନ ରହିହେବ? ଏହା ଜାଣିବା କ'ଣ ଭୁଲ? ସତ୍ୟମାର୍ଗ ନିଶ୍ଚୟ ସର୍ବରକ୍ଷାକାରୀ ସମସ୍ତ ବଣିକବୁଦ୍ଧି, ବ୍ରାହ୍ମଣ ବୁଦ୍ଧି, କ୍ଷତ୍ରୀୟ ବୁଦ୍ଧି, ସତ୍ୟମାର୍ଗରେ ଚାଲିଲେ ସଂସାରରେ ସୁସ୍ଥ ପରମ୍ପରା ଦୀର୍ଘଜୀବୀ ହେବ ନିଜର ବ□ିବା ସହିତ ଦେଶ କାଳପାତ୍ର ବି ସୁସ୍ଥରହିବ।



# ରାମସେତୁରେ ଜାକଲିନ୍

ଜ୍ୟାକଲିନ୍ ଫର୍ନାଡିଜ୍ଙ୍କ ଟେନସନ୍ ବଢ଼ିଯାଇଛି । ସେ ଏମିତି ପରିସ୍ଥିତିର ସାମ୍ନା କରିଛନ୍ତି ଯେ, ଏବେ ସେ ନା ପଛକୁ ଯାଇ ପାରୁଛନ୍ତି ନା ଆଗେଇ ପାରୁଛନ୍ତି । ଏପରି ପ୍ରୋବ୍ଲେମ୍‌କୁ ସେ କେମିତି ସମାଧାନ କରିବେ, ସେ ସମ୍ପର୍କରେ ଭାବି ଭାବି ତାଙ୍କର ଟେନ୍‌ସନ୍ ବଢ଼ିଯାଇଛି । କଥା କଣ କି ନିକଟରେ ତାଙ୍କୁ ଏକ ନୂଆ ସିନେମାରେ ଆକ୍ଟିଂ କରିବାକୁ ଅଫର ମିଳିଥିଲା । ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକା ବିଷୟରେ ଜାଣିବା ପରେ ତାଙ୍କର ଖୁସି ବନ୍ଧ ବାଡ ମାନି ନଥିଲା । ହେଲେ ଗୋଟିଏ କଥା ଜାଣିବା ପରେ ସେ ଏ ନେଇ କି ନିଷ୍ପତି ନେବେ ଅଡୁଆରେ ପଡିଯାଇଥିଲେ । କାରଣ ଏହି ନୂଆ ସିନେମାରେ ସଂଯୋଜିତ ଏକ ଆଇଟମ୍ ନମ୍ବରରେ ତାଙ୍କୁ ନାଚିବାକୁ ପଡିବ । ପୁଣି ସେଥିରେ କେତୋଟି ବୋଲ୍ଡ ଶଟ୍ ଦେବାର ଅଛି । ଏସବୁ ଜାଣିବା ପରେ ଜ୍ୟାକଲିନ୍ ଏହି ଅଫରଟିକୁ ଗ୍ରହଣ କରିବେ ନା ମନା କରିବେ ଜାଣି ପାରୁନାହାନ୍ତି । ଏ ସମ୍ପର୍କରେ ଥଣ୍ଡା ମିଜାଜ୍‌ରେ ନିଷ୍ପତି ନେବାକୁ ସେ ପ୍ରଯୋଜକଙ୍କୁ କହିଛନ୍ତି । ଏବେ ସେ ନିର୍ମାଣାଧୀନ ହିନ୍ଦୀ ସିନେମା ରାମସେତୁ ରେ ଅଭିନୟ କରୁଛନ୍ତି ।

# ପେଟ୍ରୋଲ ବଂଚାଇବ ହେଲମେଟ୍

ସଡ଼କ ଦୁର୍ଘଟଣାରୁ ସୁରକ୍ଷା ଦେଇଥାଏ ହେଲମେଟ୍ । ଏଇକଥା ସମସ୍ତେ ଜାରନ୍ତି । ତେବେ ନିକଟରେ ଏଭଳି ଏକ ହେଲମେଟ୍



ତିଆରି କରାଯାଇଛି, ଯାହା କି ଦୁର୍ଘଟଣାରେ ସୁରକ୍ଷା ଦେବା ସହ ପେଟ୍ରୋଲ ବି ବଂଚେଇବ । କେବଳ ସେତିକି ନୁହେଁ କିଛି ଅଘଟଣ ଘଟିଲେ ପୋଲିସ ଓ ଆମ୍ବୁଲାନ୍ସକୁ ବି ସୂଚନା ଦେଇଦେବ । ତାସହ ଏହାଦ୍ୱାରା ଟ୍ରାଫିକ୍ ବି ନିୟନ୍ତ୍ରଣ ହେବ । ଏହି ବହୁପୋଯୋଗୀ ସ୍ମାର୍ଟ ହେଲମେଟକୁ ତିଆରି କରିଛନ୍ତି ବାରଣାସୀର ଛାତ୍ର ଆଶିଷ ତ୍ରିପାଠୀ, ବିପିନ ଓ ସୁଲେଖା । ଟ୍ରାଫିକର ରେଡ୍ ଲାଇଟ୍ ଜଳିବା କ୍ଷଣି ଏହି ହେଲମେଟ୍ ଗାଡିର ଷ୍ଟାର୍ଟ ବନ୍ଦ କରିଦେବ । ଗ୍ରୀନ୍ ଲାଇଟ୍ ଜଳିବା ସହ ଗାଡି ଷ୍ଟାର୍ଟ ହୋଇଯିବ । ଟ୍ରାଫିକ୍ ସିଗ୍ନାଲ୍‌ର ୫୦ ମିଟର ପରିସର ଭିତରକୁ ଆସିବା କ୍ଷଣି ଏହା କାମ ଆରମଭ କରିଦିଏ । ଏଥିରେ ଲାଗିଥିବା ଟ୍ରାନ୍ସମିଟର ଯୋଗୁ ଦୁର୍ଘଟଣା ସମୟରେ ବହୁତ ସାହାଯ୍ୟ ମିଳିଥାଏ । ବିପିନ କହନ୍ତି, ଆମର ପୁରା ସିଷ୍ଟମ ରେଡିଓ ଫ୍ରିକ୍ୱେନ୍ସି ଟ୍ରାନ୍ସମିଟର ଦ୍ୱାରା କାମ କରିଥାଏ । ଏଥିରେ ୨ଟି ଟ୍ରାନ୍ସମିଟର ଓ ରିସିଭର ରହିଛି । ରିସିଭରଟି ବାଇକରେ ଲାଗିଛି । ଗୋଟିଏ ଟ୍ରାନ୍ସମିଟର ହେଲମେଟ୍‌ରେ ଲାଗିଛି, ଯାହା ପିନ୍ଧିବା କ୍ଷଣି ଆକ୍ଟିଭ ହୋଇଥାଏ । ଗାଡ଼ିରେ ଲାଗିଥିବା ରିସିଭର ଅନ୍ କରି ହେଲମେଟ୍ ପିନ୍ଧିଦେଲେ ବାଇକ୍ ଆପେ ଷ୍ଟାର୍ଟ ହୋଇଯାଏ । ଆଉ ଏକ ଟ୍ରାନ୍ସମିଟର ଟ୍ରାଫିକ୍ ସିଗ୍ନାଲ୍ ସିଷ୍ଟମ ପାଖରେ ଲଗାଯିବ । ଫରେ ରେଡ୍ ସିଗ୍ନାଲ୍ ବେଳେ ଗାଡିରେ ଲାଗିଥିବା ରିସିଭର ଟ୍ୟାନ୍ସମିଟର ସଂସ୍ପର୍ଶରେ ଆସି ଗାଡିକୁ ବନ୍ଦ କରିଦେବ । ସିଗ୍ନାଲ ଗ୍ରୀନ୍ ହେଲେ ଅଟୋମେଟିକ୍ ବାଇକ ଷ୍ଟାର୍ଟ ହୋଇଯିବ । କେବଳ ସେତିକି ନୁହେଁ ଦୁର୍ଘଟଣା ବେଳେ ହେଲମେଟରେ ଥିବା ସେନ୍ସର ଦୁର୍ଘଟଣାସ୍ଥଳର ଲୋକେଶନ୍ ପୋଲିସ, ଆମ୍ବୁଲାନ୍ସ ଓ ପରିବାର ଲୋକଙ୍କୁ ପଠାଇଦେବ ।

# ମ୍ୟାଜିକ ଡ୍ୟାନ୍ସ



ସୋସିଆଲ ମିଡିଆରେ ଏବେ ଏକ ଡ୍ୟାନ୍ସର ଭିଡିଓ ଭାଇରାଲ ହେଉଛି । ଏଥିରେ ଦେଖିବାକୁ ମିଳିଛି, ଜଣେ ମହିଳା ଡ୍ୟାନ୍ସରଙ୍କ ଡ୍ରେସ୍ ହଠାତ୍ ବଦଳି ଯାଉଛି । ଏହା ଦେଖି ଉପସ୍ଥିତ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଭିଡିଓ ଆରମ୍ଭରେ ଦେଖାଯାଇଛି, ଜଣେ ଯୁବତୀ ନୀଳ ରଙ୍ଗର ଏକ ପୋଷାକ ପିନ୍ଧି ଠିଆ ହୋଇଛନ୍ତି । ସେ ତାଙ୍କ ପାର୍ଟନରଙ୍କ ସହ ଷ୍ଟେଜ୍‌କୁ ଆସୁଛନ୍ତି । ନାଚିବା ପରେ ହଠାତ୍ ତାଙ୍କ ଡ୍ରେସ୍ ରଙ୍ଗ ବଳଦିଯାଉଛି । ଭିଡିଓଟିକୁ ଫିଲ୍ମ ମେକର ଶିରିଶ କୁନ୍ଦର ସୋସିଆଲ ମିଡିଆରେ ଶେୟାର କରିଛନ୍ତି । ଭିଡିଓଟିକୁ ବର୍ତମାନ ୯୦ ହଜାର ଲୋକ ଦେଖିସାରିଲେଣି । ଭିଡିଓ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଜଣେ ୟୁଜର ଲେଖିଛନ୍ତି, ମୁଁ ବର୍ତମାନ ସୁଦ୍ଧା ବୁଝି ପାରୁନାହିଁ ତାଙ୍କ ଡ୍ରେସ୍ କେମିତି ବଦଳିଗଲା । କେହି କହି ଏହାକୁ ମ୍ୟାଜିକ୍ ଡ୍ୟାନ୍ସ ବୋଲି ମଧ କହୁଛନ୍ତି । ଜଣେ ୟୁଜର କହିଛନ୍ତି, ବାରମ୍ବାର ଭିଡିଓ ଦେଖିବା ପରେ ଜାଣିଗଲି ତାଙ୍କ କପଡ଼ା କେମିତି ବଦଳିଲା, ମାତ୍ର ମୁଁ କହିବି ନାହିଁ ।

# ମହଙ୍ଗା ପଡ଼ିଲା ପାଇପ ସଜଡ଼ା

ବ୍ରିଟେନର ଜଣେ ପ୍ଲମ୍ବର ବା ପାଇପ ମିସ୍ତ୍ରୀଙ୍କ ବିଲ୍ ଏବେ ଚର୍ଚ୍ଚାରେ ରହିଛି । ଏହି ପ୍ଲମ୍ବର ଜଣକ ତାଙ୍କର ଜଣେ ଛାତ୍ରଙ୍କ ଘରେ ଭଙ୍ଗା ପାଇବ ସଜାଡ଼ିବାକୁ ପହଂଚିଲେ । ରୋଷେଇ ଘରେ ପାଇପ ସଜାଡ଼ି ଦେବାକୁ ମିସ୍ତ୍ରୀ ଜଣକ ୪ ଲକ୍ଷ ଟଙ୍କା ଦାବି କରିଥିଲେ । ତାଙ୍କ ବିଲ୍ ଦେଖି ଏସ୍ଲେ ଡଗ୍‌ଲସ୍ ନାମକ ଛାତ୍ରଙ୍କ ମୁଣ୍ଡ କିଛି କାମ କଲାନି । ୨୩ ବର୍ଷୀୟ ଏସ୍ଲେ ବର୍ତମାନ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି । କାରଣ ମିସ୍ତ୍ରୀ ଜଣକ ତାଙ୍କୁ ବାରମ୍ବାର ଟଙ୍କା ମାଗୁଛନ୍ତି । ସେ ଏତେ ଟଙ୍କା କେଉଁଠୁ ଆଣିବେ ବୋଲି ଚିନ୍ତାରେ ପଡିଛନ୍ତି । ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ରୋଷେଇ ଘରେ ପାଇପରୁ ପାଣି ପଡୁଥିଲା । ସେ ଫୋରନ ପିଏମ୍ ପ୍ଲମ୍ବର ସର୍ଭିସକୁ ଫୋନ୍ କରିଥିଲି । ପାଇପ ମିସ୍ତ୍ରୀ ମେହଦୀ ପରଓ୍ୱି କାମ କରିଥିଲେ । ଯେତେବେଳେ ସେ ମୋତେ ବିଲ୍ ଦେଲେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । କାରଣ ୩୯୦୦ ପାଉଣ୍ଡ ଅର୍ଥାତ୍ ପ୍ରାୟ ୪ ଲକ୍ଷ ଟଙ୍କାର ସେ ବିଲ୍ ଦେଇଥିଲେ । ଯାହାକି ସବୁଠୁ ଆଶ୍ଚର୍ଯ୍ୟଜନକ ଥିଲା । ନିରୁପାୟ ହୋଇ ଏସ୍ଲେ ଥାନାରେ ଅଭିଯୋଗ କରିଛନ୍ତି ।

# ଶିଶୁକୁ ବିକି ପ୍ରେମିକା ସହ ବିଦେଶ ବୁଲିଲେ

ଚାଇନାର ଜଣେ ବ୍ୟକ୍ତି ନିଜ ଦୁଇ ବର୍ଷର ଶିଶୁପୁତ୍ରକୁ ବିକି ପ୍ରେମିକାଙ୍କ ସହ ବିଦେଶ ବୁଲିଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ବ୍ୟକ୍ତି ଜଣକ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଥିଲେ । କିନ୍ତୁ ସେ ହିଁ ପିଲାର ଦେଖାଶୁଣା କରିବେ ବୋଲି କୋର୍ଟ ରାୟ ଦେଇଥିଲେ । ପରେ ବ୍ୟକ୍ତିଜଣକ କାମ କରିବାକୁ ଅନ୍ୟ ଏକ ସହରକୁ ଚାଲିଗଲେ । ପରେ ଆସି ପୁଅକୁ ସାଥିରେ ନେଇ ଚାଙ୍ଗୁସ ସହରରେ ଏକ ଦମ୍ପତିଙ୍କୁ ବିକି ଦେଇଥିଲେ ।ପରେ ଏହି ଅର୍ଥରେ ଗର୍ଲଫ୍ରେଣ୍ଡଙ୍କ ସହ ବିଦେଶ ଭ୍ରମଣରେ ବାହାରି ପଡ଼ିଲେ । କିଛିଦିନ ପର୍ଯ୍ୟନ୍ତ ଯେତେବେଳେ ପୁଅ ଫେରିଲେ ନାହିଁ ସେତେବେଳେ ମା' ପୋଲିସରେ ସୂଚନା ଦେଇଥିଲେ । ପରେ ପୋଲିସ ଯାଂଚ କରି ଏହି ବ୍ୟକ୍ତିଙ୍କୁ ଗିରଫ କରିଛି । ଏହା ପୂର୍ବରୁ ମଧ ଏହି ବ୍ୟକ୍ତି ଜଣକ ଦୁଇ ଝିଅଙ୍କୁ କୌଣସି ଏକ ପରିବାରକୁ ବିକି ଦେଇଥିଲେ । ପୋଲିସ ଏହି ଘଟଣାର ତଦନ୍ତ କରୁଛି ।

# ଗଛ ଚେର ନୁହେଁ ଜୀବ



ଅଧିକାଂଶ ସମୟରେ ସମୁଦ୍ରରେ ଏଭଳି କିଛି ଜୀବ ଦେଖିବାକୁ ମିଳନ୍ତି, ଯାହାକୁ ଦେଖି ସାଧାରଣ ଲୋକଙ୍କ ସହ ବୈଜ୍ଞାନିକମାନେ ମଧ ଚକିତ ହୋଇଯାଆନ୍ତି । ଠିକ୍ ଏମିତି ହିଁ କିଛି ଘଟିଛି ଆମେରିକାର ଅଲାସ୍କାରେ । ସେଠାରେ ଏଭଳି ଏକ ସାମୁଦ୍ରିକ ଜୀବ ଦେଖିବାକୁ ମିଳିଛି ଯାହାକୁ ନେଇ ଏବେ ଲୋକଙ୍କ ମଧରେ ଚର୍ଚ୍ଚା ଜୋର ଧରିଛି । ଏହି ଜୀବ ଦେଖିବାକୁ ଠିକ୍ ଗଛର ଚେର ଭଳି । ସାରାହ ବେସର ଅଲଫୋର୍ଡ ନାମ୍ନୀ ମହିଳା ପ୍ରଥମେ ଏହି ଜୀବକୁ ଦେଖି ଏହାର ଭିଡିଓ କରିଥିଲେ ଏବଂ ପରେ ଏହା ସାମାଜିକ ଗଣମାଧମରେ ଭାଇରାଲ ହୋଇଥିଲା । ଏହି ଅଦ୍ଭୁତ ଜୀବକୁ ଦେଖିବା ପରେ ଲୋକେ ଏବେ ତା' ବିଷୟରେ ଜାଣିବାକୁ ଖୁବ୍ ଆଗ୍ରହ ପ୍ରକାଶ କରିଛନ୍ତି । କିଛି ଲୋକ ଏହାକୁ ଏଲିୟନ୍ ବୋଲି ମଧ କହିଛନ୍ତି । ଅଲାସ୍କାର ପ୍ରିନ୍ସ ଅଫ୍ ଭେଲ୍ସ ଦ୍ୱୀପର ସମୁଦ୍ର କୂଳରେ ସାରାହ ଏହି ଜୀବକୁ ଦେଖିଥିଲେ । ସାରାହଙ୍କ କହିବାନୁଯାୟୀ, ଏହି ଅଦ୍ଭୁତ ଜୀବନର ନାମ ବାସ୍କେ ଷ୍ଟାର । ସେ ଏହା ମଧ କହିଛନ୍ତି ଯେ, ସେ ଏହି ଜୀବର ଭିଡିଓ କରିବା ପରେ ତାକୁ ସୁରକ୍ଷିତ ଭାବେ ସମୁଦ୍ରରେ ଛାଡି ଦେଇଛନ୍ତି ।

# ପ୍ରତି ୧୦ଜଣରେ ଜଣେ ବ୍ୟକ୍ତି ଥାଇରଏଡ୍‌ରେ ପୀଡିତ

**ଥାଇରଏଡ୍ ଏକ ସାଧାରଣ ରୋଗ ହୋଇଗଲାଣି । ଏକ ରିପୋର୍ଟ ଅନୁସାରେ ପ୍ରତି ୧୦ଜଣରେ ଜଣେ ବ୍ୟକ୍ତି ଥାଇରଏଡ୍‌ରେ ପୀଡିତ । ଥାଇରଏଡ୍‌ରେ ପୀଡିତ ହେଲେ ଆସ୍ଥମା, କୋଲେଷ୍ଟ୍ରଲ, ଡାଇବେଟିସ୍, ଡିପ୍ରେସନ୍ ଓ ହାର୍ଟ ଆଟାକ୍‌ର ଆଶଙ୍କା ବଢ଼ିଥାଏ । କିନ୍ତୁ ଖାଦ୍ୟ ଶୈଳୀରେ ପରିବର୍ତନ ଆଣିପାରିଲେ, ଏହି ରୋଗକୁ ଆପଣ ନିୟନ୍ତ୍ରଣରେ ରଖିପାରିବେ । ତେବେ ଆସନ୍ତୁ ଜାଣିବା ଥାଇରଏଡ୍‌ରେ ପୀଡିତ ଥିବା ବ୍ୟକ୍ତି କେଉଁସବୁ ଖାଦ୍ୟ ଖାଇବାଠାରୁ ଦୂରେଇ ରହିବା ଉଚିତ୍ ।**

ସ୍କଆପଣଙ୍କର ଯଦି ହାଇପୋଥାଇରଏଡ୍ ସମସ୍ୟା ରହିଛି, ତେବେ ଅଧିକ ଆୟୋଜିନ୍ ଖାଇବାଠାରୁ ଦୂରେଇ ରୁହନ୍ତୁ । ସି-ଫୁଡ୍ ଓ ଆୟୋଡିନ୍ ଲୁଣକୁ ବିଲ୍‌କୁଲ୍ ବ୍ୟବହାର କରନ୍ତୁ ।

ସ୍କସେହିପରି ଅନ୍ୟ ଏକ ଖାଦ୍ୟ ହେଉଛି କଫିନ୍ । ବିଶେଷକରି କଫିରେ କଫିନ୍ ଅଧିକ ମାତ୍ରାରେ ରହିଥାଏ । ତେବେ କଫି ପିଇଲେ ଥାଇରଏଡ୍ ନ ବଢ଼ିଲେ ମଧ ଶରୀରରେ ଅନ୍ୟସବୁ ସମସ୍ୟା ଦେଖାଦେଇଥାଏ । ଯେପରିକି ନିଦ ନ ହେବା ଏକ ସମସ୍ୟା ।

ସ୍କଥାଇରଏଡ୍ ରୋଗୀ ରେଡ୍ ମିଟ୍ ଖାଇବା ଉଚିତ୍ ନୁହେଁ । ଏଥିରେ କୋଲେଷ୍ଟ୍ରଲ୍ ଓ ଫ୍ୟାଟ୍ ଅଧିକ ମାତ୍ରାରେ ରହିଥାଏ । ତେଣୁ ଏହାକୁ ଖାଇଲେ ଓଜନ ଶୀଘ୍ର ଢ଼ିଥାଏ ।

ସ୍କକେବଳ ଏତିକି ନୁହେଁ, ଥାଇରଏଡ୍ ରୋଗୀ ନିଶାଦ୍ରବ୍ୟ ସେବନ କଲେ ଶରୀରରେ ଆଲର୍ଜି ହେବାର ଆଶଙ୍କା ରହିଥାଏ । ଏଣୁ ସେମାନଙ୍କ ନିଦ୍ରା ପ୍ରଭାବିତ ହୋଇଥାଏ ଏବଂ ଏହାଦ୍ୱାରା ଅଷ୍ଟିଓପୋରାସିସ୍ ରୋଗର ବିପଦ ବଢ଼ିଥାଏ ।

ସ୍କଅନ୍ୟ ଏକ ଖାଦ୍ୟ ହେଉଛି ବନସ୍ପତି ଘିଅ । ଏହି ଘିଅ ଖାଇଲେ ଶରୀରରେ ଥିବାଭଲ କୋଲେଷ୍ଟ୍ରଲ ନଷ୍ଟ ହୋଇ ଖରାପ କୋଲେଷ୍ଟ୍ରଲର ବୃଦ୍ଧି ହୋଇଥାଏ । ଏଥିପାଇଁ ବାହାର ଜିନିଷ ଖାଇବା ପୂର୍ବରୁ ଧ୍ୟାନରେ ରଖନ୍ତୁ, ଯେପରି ଏହି ଖାଦ୍ୟ ବନସ୍ପତି ଘିଅରେ ପ୍ରସ୍ତୁତ ହୋଇନଥିବ ।



# ଆଂଟି କରୋନା ସ୍ମାର୍ଟ ବ୍ୟାଗ୍

କରୋନାର ଲହରରେ ପୁଣିଥରେ ସାରା ଭାରତବାସୀ ହନ୍ତସନ୍ତ ହେଉଛନ୍ତି । ସବୁକିଛି ଠିକ୍ ହୋଇଯିବା ଆଶା ପୁଣିଥରେ ମଉଳି ଯାଇଛି । ଖୋଲିଥିବା ସ୍କୁଲ କଲେଜ ପୁଣିଥରେ ବନ୍ଦ ହୋଇଛି । ତେବେ ବାରାଣସୀରେ ଏକାଦଶ ଶ୍ରେଣୀରେ ପଢୁଥିବା ଛାତ୍ର ପୁଷ୍କର ସିଂ ତିଆରି କରିଛନ୍ତି ଏମିତି ଏକ ଜିନିଷ ଯାହାକୁ ବ୍ୟବହାର କଲେ ଛାତ୍ରୀଛାତ୍ରଙ୍କ ପାଇଁ ରହିବନି କରୋନାର ସଂକ୍ରମଣର ଏତେଟା ଭୟ । ସେହି ଜିନିଷଟି ହେଉଛି ଏକ ବ୍ୟାଗ୍ । ବାରାଣସୀର ଆର୍ୟନ ଇଂଟରନ୍ୟାଶନାଲ ସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଥିବା ପୁଷ୍କର କୁହନ୍ତି, ମୋର ଏହି ବ୍ୟାଗ୍ ହେଉଛି ଏକ ଆଂଟି କରୋନା ସ୍ମାର୍ଟ ବ୍ୟାଗ୍ । ଏହାଦ୍ୱାରା ସୋସିଆଲ ଡିଷ୍ଟାନ୍ସ ବଜାୟ ରହିବ । ତା ସହ ପିଲା ଯଦି ହଜିଯାନ୍ତି ତେବେ ଏହା ଲୋକେଶନ୍ ଜଣେଇଦେବ । କାରଣ ବ୍ୟାଗର ଆଗରେ ପଛରେ ଦୁଇଟି ଅଲ୍ଟ୍ରାସୋନିକ ସେନ୍ସର ଲଗାଯାଇଛି । ବ୍ୟାଗ୍‌କୁ ପିଠିରେ ଝୁଲାଇବା କ୍ଷଣି ସେନ୍ସର ଆକ୍ଟିଭ୍ ହୋଇଥାଏ । ଆଉ



ପିଲାଟିର ବାମ ଡାହାଣର ଦୁଇ ଗଜ ଦୂରତା ପରିବ୍ୟାପ୍ତ ଅଂଚଳରେ ଯଦି କେହି ଆସିଯାଆନ୍ତି ତେବେ ସଂଗେ ସଂଗେ ଆଲାର୍ମ ବାଜି ଉଠିବ । ଫଳରେ ପିଲା ସତର୍କ ହୋଇଯିବେ । ଏହାବ୍ୟତୀତ ଏଥିରେ ଏକ ବିଶେଷ ପ୍ରକାରର ବାର୍‌କୋଡ ଲାଗିଛି, ଯେଉଁଥିରେ ବାପମାଙ୍କ ନା, ଫୋନ୍ ନମ୍ବର ଓ ଠିକଣା ଥାଏ । ତେରୁ ପିଲା ହଜିଗଲେ ଏହା ସାହାଯ୍ୟରେ ପିଲାଙ୍କୁ ଖୋଜିବା ସହଜ ହେବ । ଏହାକୁ ତିଆରି କରିବାକୁ ପୁଷ୍କରଙ୍କୁ ଏକ ସପ୍ତାହ ସମୟ ଲାଗିଥିଲା । ଏଥିରେ ସେ ଅର୍ଡିନୋ, ଅଲ୍ଟ୍ରାସୋନିକ୍ ସେନ୍‌ସର, ୩.୭ ଭୋଲ୍ଟ ବ୍ୟାଟେରି, ଆଲାର୍ମ, ପୁଶ୍ ସ୍ୱିଚ୍ ଓ ବାର୍‌କୋଡ୍ ବ୍ୟବହାର କରିଛନ୍ତି । ଆଉ ଖର୍ଚ୍ଚ କରିଛନ୍ତି ୧୫୦୦-୨୦୦୦ ଟଙ୍କା ।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ



ପୋଲସରା ୫/୫(ନି.ପ୍ର): ଜଣେ ୧୪ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ୩୦ ବର୍ଷର ବିବାହିତ ଯୁବକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ନେଇ ପୋଲସରା ଆଇଆଇସି କୌଶିକ ମାଝୀ ପ୍ରକାଶ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ପୋଲସରା ପୋଲିସ ଥାନା ଅନ୍ତର୍ଗତ ପୁଞ୍ଜିଆମା ଗ୍ରାମର ପାଣ୍ଡବ ଶବରଙ୍କ ପୁଅ ନିରଞ୍ଜନ ଶବର(୩୦)। ଅଭିଯୋଗ ପ୍ରକାରେ ପିତା ଓ ମାତାଙ୍କ ମୃତ୍ୟୁ ପରେ ପୁଞ୍ଜିଆମା ଗ୍ରାମର ନାବାଳିକା ପିଡିତା ଜଣଙ୍କ ନିଜ ସମ୍ପର୍କୀୟ ବଡ଼ ଭଉଣୀ ଘରେ ରହି ପାଠ ପଢୁଥିଲେ। ଗତ ୧୫/୬/୨୪ ତାରିଖ ଦିନ ନାବାଳିକା ଜଣକ ବାରିପଟକୁ ଶୌଚ ପାଇଁ ଯାଇଥିବା ସମୟରେ ଅଭିଯୁକ୍ତ ନିରଞ୍ଜନ ଶବର ତାଙ୍କ ପାଟିକୁ ଭିଡି ଧରି ନିକଟସ୍ଥ କାଜୁ ବାଡିକୁ ଟାଣିନେଇ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ସହ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଭଉଣୀ ଠାରୁ ଏହା ଜାଣିବା ପରେ ବଡ ଭଉଣୀ ଗତ ୨/୫/୨୫ ତାରିଖ ଦିନ ପୋଲସରା ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପୋଲସରା ପୋଲିସ ଥାନା କେଶ ନଂ ୩୦୩/୨୫ ଧାରା ଟ/୯-୩୭୬(୨)(n)/ ୫୦୬ IPC / Sec 6 POCSO Act ପ୍ରକାରେ ଏକ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଦାୟିତ୍ୱ ସବଇନ୍ସପେକ୍ଟର ଏମ.ପ୍ରଧାନଙ୍କୁ ଦିଆଯାଇଥିଲା। ତଦନ୍ତ ପରେ ଅଭିଯୁକ୍ତ ନିରଞ୍ଜନ ଶବରକୁ ପୋଲସରା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ଆଇ.ଆର.ପି.ଏମ. ବିଭାଗ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ବୁଗୁଡା ୫/୫(ନି.ପ୍ର): ବୁଗୁଡା ପିପୁଲସ କଲେଜର ଆଇ.ଆର.ପି.ଏମ. ବିଭାଗର +୩ ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ +୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ବୃନ୍ଦଙ୍କ ଦ୍ୱାରା ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ କଲେଜର ପ୍ରିନ୍ସପାଲ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଯୋଗଦେଇଥିଲେ। ବିଭାଗର ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ସେଠୀ ଓ ଅଧ୍ୟାପିକା ଚିନ୍ମୟୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। +୩ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ବୃନ୍ଦ ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ତୃତୀୟ ବର୍ଷ ଛାତ୍ରଛାତ୍ରୀ ବୃନ୍ଦ ସେମାନଙ୍କ ତିନି ବର୍ଷର ଅନୁଭୂତି ପ୍ରକାଶ କରିଥିଲେ। ପ୍ରିନ୍ସପାଲ ଶ୍ରୀ ନାୟକ, ଅତିଥି ଅଧ୍ୟାପକ ଶ୍ରୀ ସାହୁ ଏବଂ ଆଇଆରପିଏମ ବିଭାଗ ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ସେଠୀ ଓ ଅଧ୍ୟାପିକା ଚିନ୍ମୟୀ ପାତ୍ର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭାଗ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

# ଢେଙ୍କାନାଳ ସାଂସଦଙ୍କ ହିନ୍ଦୋଳ ନିର୍ବାଚନ ମଣ୍ଡଳି ଗସ୍ତ

## ବିଭିନ୍ନ ସ୍ଥାନରେ ଶୁଣିଲେ ଲୋକଙ୍କ ଆପତ୍ତି ଅଭିଯୋଗ

ଓଡ଼ପଡ଼ା /ହିନ୍ଦୋଳ ୫/୫(ନି.ପ୍ର):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳିର ବିଭିନ୍ନ ଅଂଚଳକୁ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ରବିବାର ଦିନିକିଆ ଗ୍ରସ୍ତରେ ଆସି ଶୁଣିଛନ୍ତି ଲୋକଙ୍କ ଆପତ୍ତି ଅଭିଯୋଗ । ଏହି ଅବସର ରେ ଓଡାପଡା ବ୍ଲକ ଅନ୍ତର୍ଗତ ଗୁଡିଆକାଟେଣି ଛକ ଠାରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି ,ଓଡାପଡା ବିଜେପି ମଣ୍ଡଳ ସଭାପତି ମନୋଜ ମହାରଣା , ତପନ ମହାପାତ୍ରଙ୍କ , ରଣଜିତ ନାୟକ ଙ୍କ ନେତୃତ୍ୱରେ ଆଖ ପାଖ ପଞ୍ଚାୟତର ଜନସାଧାରଣ ର ବହୁ ଆପତ୍ତି ଅଭିଯୋଗ ଶୁଣିବା ସହ ତାହାର ସମାଧାନ ନିମନ୍ତେ ପ୍ରତିଶୃତି ଦେଇଥିଲେ । ଏହାପରେ ହଳଦିଆବାହାଳର ଦଳିୟ କର୍ମକର୍ତ୍ତା ବିପ୍ରବର ବେହେରା ଓ ବାଙ୍ଗୁରସିଂହ ର ପ୍ରଦିପ ସାହୁଙ୍କ ଘରକୁ ଯାଇ ସ୍ଥାନିୟ କର୍ମକର୍ତ୍ତାଙ୍କ ସହ ଦଳିୟ ସଂଗଠନ ଉପରେ ଆଲୋଚନା କରଥିଲେ । ଏହି ଅବସର ରେ ହିନ୍ଦୋଳ ବ୍ଲକ ଅନ୍ତର୍ଗତ ପଞ୍ଚପଡା ଗ୍ରାମ କୁ ବ୍ଲକ ଉପାଧକ୍ଷ ବରୁଣ ସର , ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ , ବିଜେପି ନେତା ସନ୍ତୋଷ ନାଏକ ଙ୍କ ସହ ପହଞ୍ଚି ଜିଲ୍ଲା ସଂପାଦକ ସୁଶାନ୍ତ ପତିଙ୍କ ସହ ହିନ୍ଦୋଳର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଆଲୋଚନା କରବା ସହ ହିନ୍ଦୋଳ ଉପଖଣ୍ଡରେ କୃଷିର ଉନ୍ନିତି ନିମିତ୍ତ ସ୍ଥାନିୟ ବଡଯୋର ପ୍ରକଳ୍ପ ସଂପର୍କରେ ଓଡିଶା ସରକାରଙ୍କ ଜଳ ସେଚନ ବିଭାଗ ର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିସନର ଅନୁ ଗର୍ଗ ଙ୍କ ସହ ଫୋନରେ କଥାହୋଇ ପ୍ରକଳ୍ପର ଶୁଭାରମ୍ଭ ନିମିତ୍ତ ଆଲୋଚନା କରଥିଲେ । ଏହାପରେ ପାରିକୂଳ ଜୋନ ପାଇକ ପୁରୁଣାକୋଟ ଠାରେ ରାଷ୍ଟ୍ରିୟ ସ୍ୱୟଂସେବକ ସଂଘ ଆନୁକୁଲ୍ୟରେ ଚାଲିଟିବା ପ୍ରାଥମିକ ବର୍ଗ ଶିବିରେ ଶିବିରାର୍ଥି ମାନଙ୍କୁ ଭେଟିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ରବିନ ବାରିକ , ବରିଷ୍ଠ ବିଜେପି ନେତା ଯଶୋବନ୍ତ ରଣଜିତ ରାୟ ପ୍ରମୁଖ ସହଯୋଗ କରିଥିଲେ । ଏହାପରେ ଖଳିବେରେଣା ଠାରେ ଯୁବ ନେତା ଦୀପକ ବେହେରାଙ୍କ ସହ ଅଲେଖ ଟୁର୍ଙ୍ଗି ପରିଦର୍ଶନ ସହ ସ୍ଥାନିୟ ଅଂଚଳକର ଆପତ୍ତି ଅଭିଯୋଗ ଶୁଣିଥିଲେ ।

# ପ୍ରସିଦ୍ଧ ବୈଶାଖ ମେଳା ପାଇଁ ନିମନ୍ତ୍ରଣ ପ୍ରକ୍ରିୟା ଜାରି

## କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଭିନ୍ନ ଅଧିକାରୀଙ୍କୁ ନିମନ୍ତ୍ରଣ



ବରଗଡ ୫/୫(ନି.ପ୍ର): ବରଗଡ ଜିଲ୍ଲାର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ପ୍ରସିଦ୍ଧ ବୈଶାଖ ମେଳା ପାଇଁ ନିମନ୍ତ୍ରଣ ପ୍ରକ୍ରିୟା ଜାରି ରହିଛି।ଆଗାମୀ ୭ତାରିଖ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବକୁ ଆହୁରି ଲୋକା ଭିମୁଖୀ କରିବା ପାଇଁ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଙ୍କୁ ନିମନ୍ତ୍ରଣ କରାଯାଇଛି ।ବରଗଡ ସାଂସଦ ପ୍ରଦୀପ ପୁରୋହିତଙ୍କ ତତ୍ତ୍ୱା ବଧାନରେ ନୃସିଂହନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁ ଷୋତ୍ତମ ପଧାନ, ବୈଶାଖ ମେଳା କମିଟି ସଦସ୍ୟ ସଞ୍ଜୀବ ମାଝୀ ପ୍ରମୁଖ ଭୁବନେ ଶ୍ୱର ଯାଇ କେନ୍ଦ୍ର ହାଉସିଂ ଓ ନଗର ଉନ୍ନୟନ ମନ୍ତ୍ରୀ ଟୋଖନ ସାହୁଙ୍କୁ ହୋଟେଲ ମେଫେଆରରେ ସାକ୍ଷାତ କରି ବୈଶାଖ ମେଳାକୁ ନିମନ୍ତ୍ରଣ କରିଥିଲେ ।ଏହି ଅବସରରେ ଶ୍ରୀ ନୃସିଂହନାଥ ଓ ବୈଶାଖ ମେଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।ସେହିପରି ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜା ହାରୀ,ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା,ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ,ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ,ରାଜ୍ୟ ଉନ୍ନୟନ ବିଭାଗ କମିଶନ ର ଅନୁ ଗର୍ଗ,ପୁରୀ ଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ,ରାଜ୍ୟ ଶ୍ରମ ବିଭାଗ କମିଶନର ଇନ୍ଦ୍ରମଣି ତ୍ରିପାଠି ତଥା ବିଭିନ୍ନ ମନ୍ତ୍ରୀ,ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖଙ୍କୁ ବୈଶାଖ ମେଳା ପାଇଁ ଆମନ୍ତ୍ରଣ କରିଥିଲେ ।ସୂଚନା ଯୋଗ୍ୟ ଯେ କେଉଁ ଆବାହମାନ କାଳରୁ ଅନୁଷ୍ଠିତ ହୋଇ ଆସୁଥିବା ବୈଶାଖ ମେଳାକୁ ପ୍ରତିବର୍ଷ ଶ୍ରଦ୍ଧାଳୁମାନେ ଅପେକ୍ଷା କରି ରହିଥାନ୍ତି ।ଏହି ପବିତ୍ର ପୀଠର ମାହାତ୍ମ୍ୟ,ବିଶ୍ୱାସ ଓ ଭକ୍ତି ପାଇଁ ଭକ୍ତଙ୍କୁ ଟାଣି ଆଣି ଥାଏ ।ଚଳିତ ବର୍ଷ ମଧ ଓଡ଼ିଶା,ଛତିଶଗଡ଼ ତଥା ବିଭିନ୍ନ ରାଜ୍ୟରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ।ତେଣୁ ଏହି ଭାବ ଭକ୍ତି ଭରା ମହୋତ୍ସବକୁ ଆହୁରି ପ୍ରଚାର ପ୍ରସାର କରିବା ପାଇଁ ଚଳିତ ବର୍ଷ ବିଭିନ୍ନ ବର୍ଗର ଲୋକଙ୍କୁ ଆମନ୍ତ୍ରଣ କରାଯାଉଛି ।ତେଣୁ ମେଳା କମିଟି ପକ୍ଷରୁ ମଧ ବ୍ୟାପକ ପ୍ରସ୍ତୁତି ଚାଲିଥିବାର ଜଣାଯାଇଛି ।

# କ୍ଷେତ୍ରିୟ ସମାଜର ପ୍ରଥମ ମାସିକ ବୈଠକ



ତେନ୍ତୁଳିଖୁଣ୍ଟି ୫/୫(ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ କ୍ଷେତ୍ରିୟ ସମାଜ ତରଫରୁ ଆଜି ତେନ୍ତୁଳିଖୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ଉଦୟପୁର ଠାରେ ଅନୁଷ୍ଠିତ ହୋଇ ଯାଇଛି ।ମୁଖ୍ୟ ଅତିଥି ଭାବେ ଜିଲ୍ଲା ରୁ ଶ୍ରୀବଦ୍ରୀ ନାରାୟଣ ସିଂହ, ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀ ଭୁବନେଶ୍ୱର ସୁର ,ଗୋପାଳ କୃଷ୍ଣ ଭଞ୍ଜ,ଦେବୀ ପ୍ରସାଦ ସିଂହ,ସରୋଜ କୁମାର ପରିଛା ଉପସ୍ଥିତ ରହିଥିଲେ ।ବ୍ଲକ ସଭାପତି ଶ୍ରୀ କିଶୋର ଚନ୍ଦ୍ର ସିଂହ ସମସ୍ତ ଅତିଥି ଙ୍କୁ ମଞ୍ଚ କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବୈଠକର ଶୁଭାରମ୍ଭ କରିଥିବା ବେଳେଉପସ୍ଥିତ ସମସ୍ତ ଅତିଥି ସଂଗଠନ କୁ ସୁଦୃଢ କରିବା ପାଇଁ ବିଭିନ୍ନ ବିଷୟରେ ଆଲୋକପାତ କରି ନିଜ ନିଜ ର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ବ୍ଲକ ର ବିଭିନ୍ନ ଗ୍ରାମରୁ ଆସିଥିବା ସମସ୍ତ କ୍ଷେତ୍ରିୟ ପରିବାର ର ସଦସ୍ୟ ଉପସ୍ଥିତ ରହି ନିଜ ନିଜ ର ମତାମତ ପ୍ରଦାନ କରିଥିଲେ ।ଶ୍ରୀ ତପନ କୁମାର ସିଂହ ଜିଲ୍ଲା ରୁ ଆସିଥିବା ସମସ୍ତ ଅତିଥି ଏବଂ ବ୍ଲକ ସ୍ତରୀୟ କର୍ମକର୍ତ୍ତା ଓ କ୍ଷେତ୍ରିୟ ସମାଜ ର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାବୁଗାଁ ଅଞ୍ଚଳରେ ଅଘୋଷିତ ବିଜୁଳି କାଟ ଯାଗୁଁ ଲୋକେ ହନ୍ତସନ୍ତ

ନବରଙ୍ଗପୁର ୫/୫(ନି.ପ୍ର):ଡାବୁଗାଁ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ତାହା ପୁଣି ବିନା ସୂଚନାରେ ଘଣ୍ଟା ଘଣ୍ଟା ଧରି ହେଉ ଥିବାରୁ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ସୂଚନା ମୁତାବକ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଜୁଳି ଦେୟ ବାକି ବା ଯେକୌଣସି ଧରଣର ଅନି ନିୟମିତତା ପାଇଁ କର୍ତ୍ତୃପକ୍ଷ ମୋଟା ଅଙ୍କର ଜରିମାନା ଏବଂ ତୁରନ୍ତ ବିଚ୍ଛିନ୍ନ କରି ଦେଉ ଥିବା ବେଳେ ଉପଭୋକ୍ତା ମାନଙ୍କ ଙ୍କ ସୁବିଧା ସୁଯୋଗ ପ୍ରତି ଘୋର ଅବହେଳା କରୁଛନ୍ତି। ବିଶେଷ କରି ଗ୍ରୀଷ୍ମ ପ୍ରବାହ ସମୟରେ ବିନା ସୂଚନାରେ ସାମୟିକ ପବନ ଏବଂ ବର୍ଷାରେ ବିଜୁଳି କଟ୍ କରିଦେଉଛନ୍ତି। ତେବେ ଏ ସଂକ୍ରାନ୍ତରେ ଡାବୁଗାଁ ବିଦ୍ୟୁତ ବିଭାଗ ସମେତ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ବିଭିନ୍ନ ମହଲ ପକ୍ଷରୁ ଅଭିଯୋଗ କରାଯାଉଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ସୂଚନା ମିଳୁଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ଡାବୁଗାଁ ବିଦ୍ୟୁତ୍ ବିଭାଗର ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।



# ବେଲଗୁଣ୍ଠା ବ୍ଲକ୍ ର ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଫଳ ; ଇ୧ ଗ୍ରେଡ୍ ରେ ନେଟେଙ୍ଗା ଦୀନବନ୍ଧୁ ବିଦ୍ୟାପୀଠର ଦୁଇ ଛାତ୍ର







ବେଲଗୁଣ୍ଠା ୫/୫(ନି.ପ୍ର): ପ୍ରକାଶ ପାଇଛି ଚଳିତ ବର୍ଷର ଦଶମ ଶ୍ରେଣୀ ସାର୍ଟିଫିକେଟ ପରୀକ୍ଷା ଫଳ ଓ ଗଞ୍ଜାମ ଜିଲ୍ଲାରେ ପରୀକ୍ଷା ଫଳ ୯୮.୧୦ ରହିଥିବା ବେଳେ ବେଲଗୁଣ୍ଠା ବ୍ଲକ୍ ରେ ମଧ ଏହି ପରୀକ୍ଷା ଫଳ ଉତ୍ସାହ ଜନକ ରହିଛି । ବ୍ଲକ୍ ର ନେଟେଙ୍ଗା ଦୀନବନ୍ଧୁ ବିଦ୍ୟାପୀଠର ଦୁଇ ଛାତ୍ର A୧ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇ ବ୍ଲକ୍ ପାଇଁ ଗୌରବ ଆଣିଦେଇଛନ୍ତି। ବିଦ୍ୟାଳୟର ଛାତ୍ର ଆଦିତ୍ୟ ନାରାୟଣ ଗୌଡ଼ ମୋଟ ୬୦୦ ନମ୍ବର୍ ରୁ ସର୍ବାଧିକ ୫୪୮ ନମ୍ବର୍ ରଖି A୧ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅନ୍ୟ ଜଣେ ଛାତ୍ର ସାଇପ୍ରେମ୍ ତ୍ରିପାଠି ୫୪୧ ନମ୍ବର୍ ରଖି A୧ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ଆଦିତ୍ୟ ନାରାୟଣ ହେଉଛନ୍ତି ବାଲିଭାଗ ଗ୍ରାମର ଶମ୍ଭୁ ପ୍ରସାଦ ଗୌଡ଼ ଏବଂ ଶିବାନି ଗୌଡ଼ଙ୍କ ସୁପୁତ୍ର ଓ ସେହିପରି ସାଇପ୍ରେମ୍ ହେଉଛନ୍ତି ନେଟେଙ୍ଗା ଗ୍ରାମନିବାସୀ ବୈଦ୍ୟନାଥ ତ୍ରିପାଠି ଏବଂ ରୀତା ତ୍ରିପାଠୀଙ୍କ ସୁପୁତ୍ର ଓ ଉଭୟ ଛାତ୍ର ଦୈନିକ ୧୩ ରୁ ୧୪ ଘଣ୍ଟା ପରିଶ୍ରମ କରୁଥିବା ବେଳେ ସେମାନେ ନିଜ ସଫଳତାର ଶ୍ରେୟ ନିଜ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଟ୍ୟୁସନ୍ ଶିକ୍ଷକ ଏବଂ ନିଜ ପିତା ମାତାଙ୍କୁ ଦେଇଛନ୍ତି ଓ ଉଭୟ ଛାତ୍ର ଭବିଷ୍ୟତରେ ଆଇଆଇଟି କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ସେହିପରି ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ସୁଶ୍ରୀ ଅମି ତା ପ୍ରିୟଦର୍ଶିନୀ ପାଣିଗ୍ରାହୀ ସର୍ବାଧିକ ୫୫୭ ମାର୍କ ରଖି ଇ୧ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟରେ ଖୁସିର ଲହରୀ ଖେଳାଇ ଦେଇଛନ୍ତି । ସେହିପରି ବ୍ଲକ୍ ର ବିଭିନ୍ନ ବିଦ୍ୟାଳୟରେ ମଧ ପରୀକ୍ଷା ଫଳ ଶତପ୍ରତିଶତ ରହିଛି। ଗାଙ୍ଗପୁର ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟ,ତନରଡା ଆର୍ଯ୍ୟକନ୍ୟା ଗୁରୁକୁଳ, ଇଙ୍ଗିନାଠୀ ଯୁଗ ନିର୍ମାଣ ଉଚ୍ଚ ବିଦ୍ୟାଳୟ,ବୋରିପଦର ଶ୍ରୀ ଶାକମ୍ଭରୀ ବିଦ୍ୟାପୀଠ,କୋକଲୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ନାରାୟଣ ପୃଷ୍ଟି ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟ,ଘୁ. ନୁଆଁଗାଆଁ ଡକ୍ଟର୍ ଏସ୍.ଟି ବିଦ୍ୟାପୀଠ,ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟ,ମଙ୍ଗଳପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବେଣୀପଲ୍ଲୀ ଶ୍ରୀ ଗୋପୀନାଥ ସ୍ୱାମୀ ବିଦ୍ୟାପୀଠ,ଧୂମୂଛାଇ ଉଚ୍ଚ ବିଦ୍ୟାଳୟ ଏବଂ ଖଇରପୁଟି ପଂଚାୟତ ଉଚ୍ଚ ବିଦ୍ୟାଳୟର ପରୀକ୍ଷା ଫଳ ଶତପ୍ରତିଶତ ରହିଥିବା ବେଳେ ବିଜୟଲକ୍ଷ୍ମୀ ଶରଣପୁର ଉଚ୍ଚ ବିଦ୍ୟାଳୟ, ବୋରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ବେଲଗୁଣ୍ଠା ନୋଡ଼ାଲ୍ ଘୁମୁସର ବୈଷୟିକ ଉଚ୍ଚ ବିଦ୍ୟାଳୟ,ଆମ୍ବପୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କ୍ଷତ୍ରିୟବରପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶ ପାଇଛି ଓ ସଫଳତା ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଅନାସ୍ଥା - ସ୍ୱେଚ୍ଛାକୃତ ଇସ୍ତଫା ଓ ଉପ ନିର୍ବାଚନ

# ରାଜନୀତି ପାଇଁ କେତେ ସମୀଚିନ

ନିଶ୍ଚିନ୍ତକୋଇଲି /ମାହାଙ୍ଗା ୫/୫(ନି.ପ୍ର): ୬୪ ଗୋଟି ପଂଚାୟତକୁ ନେଇ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଗଠିତ । ଏଥି ମଧ୍ୟରୁ ୩୭ ଗୋଟି ପଂଚାୟତ ମାହାଙ୍ଗା ବିଧାନସଭା କ୍ଷେତ୍ର ଅଧିନରେ ଏବଂ ଅନ୍ୟ ୧୪ ଗୋଟି ପଂଚାୟତ କଟକ ସଦର ବିଧାନସଭା କ୍ଷେତ୍ର ଅଧିନରେ ରହିଛି । ଏହି ପଂଚାୟତ ସମିତିରେ ଦୁଇ ଜଣ ସାଂସଦ ଯଥା କେନ୍ଦ୍ରାପଡା ଲୋକସଭା କ୍ଷେତ୍ର ଓ କଟକ ଲୋକସଭା କ୍ଷେତ୍ର ଏବଂ ଦୁଇ ବିଧାୟକ ମାହାଙ୍ଗା ଓ କଟକ ସଦର ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟରେ ବିଜେପି ସରକାର ଗଠନ ହେଲା । ଉଭୟ କେନ୍ଦ୍ରାପଡା ଓ କଟକ ସଂସଦୀୟ କ୍ଷେତ୍ରରୁ ବିଜେପି ସାଂସଦ ନିର୍ବାଚିତ ହେଲେ , ଦୁଇ ବିଧାନସଭା କ୍ଷେତ୍ର ଯଥା ମାହାଙ୍ଗାରୁ ସ୍ୱାଧୀନ ବିଧାୟକ ଓ କଟକ ସଦରରୁ ବିଜେପି ବିଧାୟକ ନିର୍ବାଚିତ ହୋଇଛନ୍ତି । ଏଥିପୂର୍ବରୁ ରାଜ୍ୟରେ ବିଜୁ ଜନତା ଦଳର ସରକାର ଥିଲା । କେନ୍ଦ୍ରାପଡା ଓ କଟକ ସଂସଦୀୟ କ୍ଷେତ୍ର ମଧ ବିଜୁ ଜନତା ଦଳ ଅକ୍ତିଆରରେ ଥିଲା । ସେହିପରି ମାହାଙ୍ଗା ଓ କଟକ ସଦର ବିଧାନସଭା କ୍ଷେତ୍ରରେ ବିଜେଡି ବିଧାୟକ ପ୍ରତିନିଧିତ୍ୱ କରୁଥିଲେ । ଏବେ ସରକାର ବଦଳିଲା ପରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତିରେ ରାଜନୈତିକ ପାଣିପାଗ ବଦଳିବାରେ ଲାଗିଛି । ପ୍ରଥମେ ନତକାଇ ପଂଚାୟତ ସରପଂଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିବା, ଦ୍ୱିତୀୟରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଉପାଧ୍ୟକ୍ଷ ନିଜ ପଦବୀରୁ ସ୍ୱେଚ୍ଛାକୃତ ଇସ୍ତଫା ଦେବା ଏବଂ ଉପାଧ୍ୟକ୍ଷ ପଦବୀ ପାଇଁ ଉପ ନିର୍ବାଚନ ଅନୁଷ୍ଠିତ ହେବା ପରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିବା ଏବଂ କଟିକଟା ସରପଂଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିବାରୁ ଜଣାପଡୁଛି ରାଜ୍ୟରେ ସରକାର ବଦଳିବା ଓ ଉଭୟ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ରରୁ ବିଜେପି ସାଂସଦ, ବିଧାୟକ ଓ ସ୍ୱାଧୀନ ବିଧାୟକଙ୍କ ବିଜେପିକୁ ସମର୍ଥନ ଦେବା ଏହାରି ମଧ୍ୟରେ ସ୍ୱେଚ୍ଛାକୃତ ଇସ୍ତଫା, ଅନାସ୍ଥା ରାଜନୀତି ନିଶ୍ଚିନ୍ତକୋଇଲି ପଂଚାୟତ ସମିତିରେ ଯୋର ଧରିଛି । ବହୁ ଅର୍ଥ ଖର୍ଚ୍ଚ କରାଯାଇ ନିର୍ବାଚନ କରାଯାଇଥାଏ । ଏହାର ଅବଧି ୫ ବର୍ଷ ଯାଏ ଥାଏ । ଜଣେ ନିର୍ବାଚିତ ଜନପ୍ରତିନିଧି ୫ ବର୍ଷ ଯାଏ କାର୍ଯ୍ୟ କରିବା କଥା ହେଲେ କିଛି କୁଚକ୍ରୀ ସ୍ୱାର୍ଥ ଲୋଭି ଜନପ୍ରତିନିଧିଙ୍କ ପାଇଁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଯଦି ନିର୍ବାଚିତ ଜନପ୍ରତିନିଧି ଯଥା ସରପଂଚ, ସମିତିସଭ୍ୟ ସଭ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷମାନଙ୍କ ପାଇଁ ଅନାସ୍ଥା ଲାଗୁ ହେଉଛି ତାହାହେଲେ ନିର୍ବାଚିତ ୱାର୍ଡ ସଭ୍ୟ ସଭ୍ୟାଙ୍କ କ୍ଷେତ୍ରରେ ଏହି ନିୟମ କିପରି ଲାଗୁ ହେବ ଏବଂ ବିଧାୟକ ଏବଂ ସାଂସଦଙ୍କ ପାଇଁ ଅନାସ୍ଥାର ବ୍ୟବସ୍ଥା କାହିଁକି ନାହିଁ । ଜନସେବା ମନୋବୃତି ନେଇ ନିର୍ବାଚିତ ଜନପ୍ରତିନିଧିମାନେ ସାଧାରଣ ଲୋକଙ୍କ ସେବା ପରିବ☐ ରାଜନୈତିକ କ୍ଷେତ୍ରକୁ ଏକ ବ୍ୟବସାୟ ପ୍ରତିଷ୍ଠାନ ଭାବି କାର୍ଯ୍ୟକରୁଛନ୍ତି । ଏହା ଗଣତନ୍ତ୍ର ପାଇଁ କେତେ ଶୁଭଙ୍କର । ପଂଚାୟତରେ ସରପଂଚଙ୍କ ଅନୁପସ୍ଥିତିରେ ନାଏବ ସରପଂଚ କାର୍ଯ୍ୟ ତୁଲାଇବା ପାଇଁ ବ୍ୟବସ୍ଥା ଥିଲା ବେଳେ ପଂଚାୟତ ସମିତି କାର୍ଯ୍ୟାଳୟରେ ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ କାର୍ଯ୍ୟଭାର ସମ୍ଭାଳିବାର ବ୍ୟବସ୍ଥା କରାଯାଇଛି । ହେଲେ ଏ ଅନାସ୍ଥା ଓ ସ୍ୱେଚ୍ଛାକୃତ ଇସ୍ତଫାର ନାଟକ କାହିଁକି ? ଗୋଟିଏ ଉପନିର୍ବାଚନ ହେଲେ ରାଜକୋଷରୁ କେତେ ଅର୍ଥ ବ୍ୟୟ କରାଯାଉଛି । କେତେ ସରକାରୀ କର୍ମଚାରୀ ନିୟୋଜିତ ହେଉଛନ୍ତି ଏସବୁର ଫାରସ ଚାଲିଛି କାହିଁକି ?

# ବାଳିକା ମଦ୍ରାସାକୁ ଆଲମିରା ପ୍ରଦାନ

ନିଶ୍ଚିନ୍ତକୋଇଲି ୫/୫(ନି.ପ୍ର): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଝାଡେଶ୍ୱରପୁର ଗ୍ରାମ ପଂଚାୟତ କୁସୁମଣ୍ଡଳ ଗୋପୀନାଥପୁରଠାରେ ସମାଜସେବୀ ଅବଦୁଲ ୱାହିଦ ଖାଁଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା ହୋଇଥିବା ସଂଖ୍ୟାଲଘୁ ସଂପ୍ରଦାୟର ବାଳିକା ମଦ୍ରାସା ଜାମିୟାତୁସ୍ ଶଫି ସହେଲା ଲିଲ ବନାତ୍‌କୁ ମାହାଙ୍ଗା କଂଗ୍ରେସ ନେତା ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସାହୁ ଏକ ଆଲମିରା ପ୍ରଦାନ କରିଛନ୍ତି । ସମାଜସେବୀ ଅବଦୁଲ ୱାହିଦ ଖାଁଙ୍କ ପ୍ରଚେଷ୍ଟାରେ ଓ ଉଦ୍ୟମରେ ଗଢିଉଠିଥିବା ଏହି ବାଳିକା ମଦ୍ରାସାରେ ଓଡିଶା ଏବଂ ଓଡିଶା ବାହାରୁ ଅନ୍ୟ ରାଜ୍ୟର ୫୦ରୁ ଉର୍ଦ୍ଧ୍ୱ ବାଳିକା ଅଧ୍ୟୟନ କରୁଛନ୍ତି । ସେମାନଙ୍କର ପାଠପଢା, ରହିବା ଓ ଖାଇବାର ସମସ୍ତ ବ୍ୟବସ୍ଥା ସମାଜସେବୀ ଅବଦୁଲ ୱାହିଦ ଖାଁ ନିର୍ବାହ କରୁଛନ୍ତି । ଶ୍ରୀଯୁକ୍ତ ସାହୁ ମଦ୍ରାସାକୁ ଆଲମାରୀ ପ୍ରଦାନ କରିଥିବାରୁ ମଦ୍ରାସାର ସମସ୍ତ ଛାତ୍ରୀମାନେ ଶ୍ରୀଯୁକ୍ତ ସାହୁଙ୍କୁ ଧନ୍ୟବାଦ ଜଣାଇଥିଲେ । ଶ୍ରୀଯୁକ୍ତ ସାହୁଙ୍କ ସହିତ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା, ଇମ୍ତେୟାଜ ଅହମ୍ମଦ ଦେବେନ୍ଦ୍ର ପରିଡା, ଉ☐ମ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



# କାର ଧକ୍କାରେ ଯୁବକଙ୍କ ମୃତ୍ୟୁ

ରଙ୍ଗେଇଲୁଣ୍ଡା ୫/୫(ନି.ପ୍ର): ଗୋଳନ୍ଥରା ଥାନା ଅନ୍ତର୍ଗତ ଭାଲିଆଗଡ଼ ୧୬ ନଂ ଜାତୀୟ ରାଜପଥରେ ଶନିବାର ବିଳମ୍ବିତ ରାତିରେ ରାସ୍ତା ପାର ହେଉଥିବା ବେଳେ ଜଣେ ଯୁବକଙ୍କୁ କାର ଧକ୍କା ଦେବା ଫଳରେ ଯୁବକଙ୍କ ମୃତ୍ୟୁ ଘଟିଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି କ୍ଷ ମୃତକ ଜଣଙ୍କ ହେଲେ ଭାଲିଆଗଡ ଗାଁ ର ଟୁକୁନା ସେଠୀ (୪୦) ବୋଲି ଜଣା ପଡିଛି କ୍ଷ ସୂଚନା ଅନୁଯାଇ, ଶନିବାର ବିଳମ୍ବିତ ରାତିରେ ଟୁକୁନା ଚାଲି ଚାଲି ନିଜ ଗ୍ରାମ ଭାଲିଆଗଡ଼କୁ ଯାଉଥିବା ବେଳେ ଜାତୀୟ ରାଜପଥ ପାର ହେବ ସମୟରେ ଇଚ୍ଛାପୁର ପଟୁ ଏକ କାର ଓଡି୧୦୭ୱାୟୀ-୦୦୨୫ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା କ୍ଷ ଫଳରେ ଟୁକୁନା ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରି ଥିଲେ କ୍ଷ ଆଜି ଭୋର ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା କ୍ଷ ଏ ନେଇ ମୃତ ଟୁକୁନା ଙ୍କ ପତ୍ନୀ ହୀରା ସେଠୀ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନଂ ୧୮୭/୨୫ ରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ଦୁର୍ଘଟଣା ଘଟେଇଥିବା କାରକୁ ଜବତ କରି ତଦନ୍ତ ଚଳେଇ ଥିବା ପୋଲିସ ସୂଚନା ଦେଇଛି ।

# ଆମ୍ବ ତୋଳିବା ବେଳେ ଗଛରୁ ପଡି ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ

ବାଲିଗୁଡା ୫/୫(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଧୀନ ଗଦାପୁର ଗ୍ରାମର ବାଉରୀବନ୍ଧୁ ପାତ୍ର (୬୦) କୌଣସି କାରଣରୁ ଆମ୍ବଗଛ ଉପରୁ ତଳେ ପଡ଼ି ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି। ଖବର ନେବାରୁ ଜଣାପଡିଛି ଯେ, ବାଉରୀବନ୍ଧୁ ପାତ୍ର ଆମ୍ବୁଲ ପ୍ରସ୍ତୁତ ପାଇଁ ଗାଁ ପାଖ ଏକ ଆମ୍ବ ଗଛରେ ଚଢି ଆମ୍ବ ତୋଳୁ ଥିଲେ। ହେଲେ କୌଣସି କାରଣରୁ ଗଛ ଉପରୁ ତଳେ ପଡି ଯାଇ ଚେତା ହରାଇ ଥିଲେ। ଏହି ଖବର ପାଇ ପରିବାର ସଦସ୍ୟ ଓ ଗ୍ରାମବାସୀ ଅଟୋ ଯୋଗେ ବ୍ରାହ୍ମଣୀଗାଁ ଡାକ୍ତରଖାନା ଚିକିତ୍ସା ପାଇଁ ପହଞ୍ଚାଇଥିଲେ। ହେଲେ ଡାକ୍ତର ବାଉରୀବନ୍ଧୁ ପାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଏଏସଆଇ ରମାକାନ୍ତ ସେଠି ଓ ଏଏସଆଇ ଶଙ୍କର ୱାଡ଼ାକା ଡାକ୍ତଖାନାରେ ପହଞ୍ଚି ମୃତ୍ୟୁ ସମ୍ପର୍କରେ ପରିବାର ସଦସ୍ୟଙ୍କୁ ପଚରା ଉଚାରା କରିବା ସହିତ ମୃତ ଶରୀରକୁ ଜବତ କରି ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

# ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ମାହାଙ୍ଗା ବିଜେପି ନେତା ଓ କାର୍ଯ୍ୟକର୍ତ୍ତା



ନିଶ୍ଚିନ୍ତକୋଇଲି /ମାହାଙ୍ଗା ୫/୫(ନି.ପ୍ର): ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ନେତା ସୁମନ୍ତ କୁମାର ଘଡେଇ ଭାରତୀୟ ଜନତା ପାର୍ଟି ପ୍ରଦେଶ କାର୍ଯ୍ୟାଳୟରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା ଏବଂ ଯୁବବ୍ୟାପାର, ଓଡିଆ ଭାଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ୍ କରିବା ସହିତ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଶ୍ରୀ ଘଡେଇଙ୍କ ସହିତ ମଳୟ କୁମାର ଘଡାଇ, ହରପ୍ରସାଦ ପୃଷ୍ଟି, ବିକାଶ ଚନ୍ଦ୍ର ସ୍ୱାଇଁ, ରାଜେଶ କୁମାର ବେହେରା, ସତ୍ୟରଂଜନ ମିଶ୍ର, ବିଶ୍ୱଜିତ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ପହଲଗମରେ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା ପ୍ରତିବାଦରେ ଦାରିଙ୍ଗବାଡି ଦୋକାନବଜାର ବନ୍ଦ: ସାପ୍ତାହିକ ହାଟ ଠପ୍ ?

ବାଲିଗୁଡା ୫/୫(ନି.ପ୍ର): ପହଲଗାମ ରେ ହିନ୍ଦୁ ପର୍ଯ୍ୟଟକଙ୍କୁ ଆତଙ୍କୀବାଦଙ୍କ ଗୁଳିକରୀ ହତ୍ୟା କରାଯିବା ପ୍ରତିବାଦରେ ରବିବାର ଦାରିଙ୍ଗବାଡିରେ ଦୋକାନବଜାର ବନ୍ଦ କରିଦିଆଯାଇଛି। ଏଥି ସହ ରବିବାର ସପ୍ତାହିକ ହାଟ ରହିଥିବା ବେଳେ ଆନ୍ଦୋଳନକାରୀ ମାନେ ହାଟକୁ ମଧ ବନ୍ଦ କରାଇଥିଲେ। ଫଳରେ ହାଟ ବ୍ୟବସାୟୀ କରିବାକୁ ଆସିଥିବା ବ୍ୟବସାୟୀ ମାନେ ଦୂର ଦୁରାନ୍ତରୁ ଆସି ବ୍ୟବସାୟ ନକରିପାରି ନିରାଶରେ ଫେରିଛନ୍ତି। ସେହିପରି ହାଟକୁ ନିଜ ଅମଳ ସାମଗ୍ରୀ ବିକ୍ରି ପାଇଁ ଆସିଥିବା ଚାଷୀ ମାନେ ମଧ ନିରାଶ ହୋଇ ଫେରିଛନ୍ତି। ପ୍ରକାଶ ଯେ, ପହଲଗାମ ଘଟଣାକୁ ନେଇ ଜିଲା ଓ ବ୍ଲକ ହେଡକ୍ୱାଟରରେ ଶ୍ରୀରାମ ସେନା ଓଡିଶା ପ୍ରଦେଶ(ଭାରତ), ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଏହି ବନ୍ଦ ପାଳନ କରାଯାଉଥିବା ବେଳେ ଏହାର ପ୍ରଭାବ ଦାରିଙ୍ଗବାଡିରେ ଦେଖିବାକୁ ମିଳିଛି। ସେମାନଙ୍କ ପ୍ରତିବାଦର କାରଣ ସମ୍ପର୍କରେ କୁହାଯାଇଛି ଯେ, ପଶ୍ଚିମ ବଙ୍ଗ ଓ କଶ୍ମୀରରେ ହିନ୍ଦୁ ମାନଙ୍କୁ ନୃଶଂସଭାବେ ହତ୍ୟା କରାଯାଇଛି। ଏଭଳି ଅମାନୁଷିକ କାର୍ଯ୍ୟକଳାପ ପାଇଁ ସରକାର ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯିବା ସହ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ପାଇଁ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ବଜରଙ୍ଗ ଦଳ,ଶ୍ରୀ ରାମ ସେନା ପକ୍ଷରୁ ନିବେଦନ କରାଯାଇଛି।

# ଡାକ୍ତର ଙ୍କ ଘର ଉପରେ ଚଢ଼ିଗଲା ସିମେଣ୍ଟ ବୋଝେଇ ଟ୍ରକ

ପାଟଣା ୫/୫(ନି.ପ୍ର): ପାଟଣା ଥାନା ଅଞ୍ଚଳ ୨୨୦ ନଂ ଜାତୀୟ ରାଜପଥ ଅନ୍ତର୍ଗତ କୁଆପଶି ନିକଟରେ ସିମେଣ୍ଟ ବୋଝେଇ ଟ୍ରକ ରାସ୍ତା ରୁ ଯାଇ ରାସ୍ତା କଡରେ ଥିବା ଡାକ୍ତର ନିର୍ମଳ ମହାନ୍ତ ଙ୍କ ଘରକୁ ମାଡି ଯାଇଛି ।ଟ୍ରକଟି କଟକ ଅଞ୍ଚଳ ରୁ ସିମେଣ୍ଟ ବୋଝେଇ କରି ରାଇରଙ୍ଗପୁର ଯାଉଥିବା ସମୟରେ ଚାଳକର ଆଖି ଲାଗି ଯିବାରୁ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ରେ କୌଣସି ଜୀବନ ହାନି ହୋଇନାହିଁ ।ତେବେ ଡାକ୍ତର ମହାନ୍ତ ଙ୍କ ଘରର ପାଚେରୀ ଓ ଫାଟକ ଭାଙ୍ଗିଥିବା ଦେଖା ଯାଇଛି ।ପାଟଣା ପୁଲିସ ଘଟଣାର ତଦନ୍ତ କରିଛି।

## ପ୍ରବଳ ବର୍ଷା ଜଳରେ ଡାଇଭରସନ ଧୋଇ ଗଲା



ପାଟଣା ୫/୫(ନି.ପ୍ର): ଗତକାଲି ରାତି ପ୍ରବଳ ବର୍ଷା କାରଣରୁ ନାଳରେ ପାଣି ଆସି ଡୁମୁରିଆ ଭୀମକୁଣ୍ଡ ରାସ୍ତାର ବାଲିଯୋଡି ନାଳରେ ଏକ ଡାଇଭରସନ ଧୋଇଯିବାରୁ ଏହି ରାସ୍ତା ଦେଇ ଯୋଗାଯୋଗ ବିଛିନ୍ନ ହୋଇ ପଡ଼ିଥିଲା ।ଯାହାଫଳରେ ଠାକୁରମୁଣ୍ଡା ଆଡୁ କେନ୍ଦୁଝର ଆଡକୁ ଆସୁଥିବା ଯାନବାହନ ଏବଂ କେନ୍ଦୁଝର ପଟୁ ମୟୁରଭଞ୍ଜ ଅଞ୍ଚଳକୁ ଅପେକ୍ଷା କରିଥିବା ଯାନବାହନ କୁ ଘଣ୍ଟା ଘଣ୍ଟା ଧରି ଏଠାରେ ଅପେକ୍ଷା କରିବାକୁ ପଡିଥିଲା ।ତେବେ ପୋଲ ନିର୍ମାଣ କାମ ଶେଷ ହୋଇଯାଇ ଥିବାରୁ ଏହାର ଦୁଇ ପାର୍ଶ୍ୱ ସଫା କରି ପୋଲ ଉପରେ ଦେଇ ଯାନବାହନ ଚଳାଚଳ ବ୍ୟବସ୍ଥା କରି ଦିଆଯିବା ପରେ ସମସ୍ୟା ଦୂର ହୋଇଥିଲା ।

## ଶୋଭାଯାତ୍ରା ଓପ୍ରଦୀପ ପ୍ରଜ୍ୱଳନ



ବାଲିଗୁଡା,୫/୫- କାଶ୍ମିର ପହଲଗାଓଁ ଠାରେ ପାକିସ୍ତାନୀ ଆତଙ୍କବାଦୀ ମାନେ ୨୬ ଜଣ ନିରିହ ହିନ୍ଦୁଙ୍କୁ ନୃସଂସ ଭାବେ ହତ୍ୟା କରିବା ପ୍ରସଙ୍ଗରେ ଆଜି ସଂନ୍ଧ୍ୟା ସମୟରେ ଅନ୍ତଃରଷ୍ଟ୍ରୀୟ ହିନ୍ଦୁ ପରିଷଦ ,ରାଷ୍ଟ୍ରିୟ ବଜରଙ୍ଗ ଦଳ ବାଲିଗୁଡା ଶାଖା ସୌଜନ୍ୟରେ ବାଲିଗୁଡା ଠାରେ ମଶାଲ ଶୋଭାଯାତ୍ରା କରିଛନ୍ତି ଓ କୋଳିଗଛ ଛକ ଠାରେ ସମୁହ ଦୀପ ପ୍ରଜ୍ୱଳନ କରାଯାଇଛି ଓ ଏଠାରେ ଏକ ଶୋକସଭାର ଆୟୋଜନ କରା|ଇଥିଲା । ଏଥିରେ ବଜରଙ୍ଗ ଦଳ ତରଫରୁ କୁହାଯାଇଛି ଯେ ହିନ୍ଦୁ ମାନେ ଏକଜୁଟ ହେବାର ସମୟ ଆସିଯାଇଛି ଓ ପହଲଗାଓଁରେ ଯେଭଳି ପାକିସ୍ତାନୀ ଆତଙ୍କବାଦି ମାନେ କେବଳ ହିନ୍ଦୁ ମାନଙ୍କୁ ମାରିଛଁି ତାହା ନିନ୍ଦନୀୟ ଓ ଅନ୍ୟଦେଶରୁ ଆସି ରହୁଥିବା ମୁସଲମାନ ମାନେ ଆମ ଗାଁ ଓ ରାଜ୍ୟ ଛାଡିଚାଲିଯାଅ, ହିନ୍ଦୁମାନେ ଏକଜୁଟ ହେବାକୁ ପଡିବ ଏଣୁ ଆମେ ସମସ୍ତେ ଏକ ହୋଇ ହିନ୍ଦୁ ମାନଙ୍କୁ ସୁରକ୍ଷା ଦେବାକୁ ହେବ ବୋଲି ଆହ୍ୱନ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରିୟ ବଜରଙ୍ଗ ଦଳର ଅଧକ୍ଷ ବିଶ୍ୱଜିତ ପାତ୍ର ସମେତ ସମସ୍ତ କର୍ମିମାନେ ଉପସ୍ଥିତ ଥିଲେ ।

## ମଲ୍ଲିପଶି ଜଗନ୍ନାଥ ମନ୍ଦିରକୁ ଆସିଲା ଆଜ୍ଞାମାଳ

ପାଟଣା ୫/୫(ନି.ପ୍ର): ପାଟଣା ବ୍ଲକ ମୂଷାଖୋରୀ ପଞ୍ଚାୟତର ମଲ୍ଲିପଶି ଛକରେ ରହିଛି ଜଗନ୍ନାଥ ମନ୍ଦିର। ଏଠାରେ ପ୍ରତିବର୍ଷ ଜାକଜମକରେ ରଥଯାତ୍ରା ଅନୁଷ୍ଠିତ ହୁଏ । ହଜାର ହଜାର ଭକ୍ତ ଯୋଗ ଦେଇଥାଆନ୍ତି। ତେବେ ଆଜି ଏହି ଜଗନ୍ନାଥ ମନ୍ଦିରକୁ ପୁରୀ ଜଗନ୍ନାଥ ଧାମରୁ ଆଜ୍ଞା ମାଳ ଆସିଛି। ପୁରୀରୁ ଦାରୁ ବ୍ରହ୍ମ ପ୍ରତିଷ୍ଠା ସଂସ୍ଥାନକୁ ଆଜ୍ଞା ମାଳ ଆସିବା ପରେ ଭକ୍ତି ଉତ୍ସାହର ସହ ଘଣ୍ଟ ଘଣ୍ଟା ହୁଳୁହୁଳି ନାଦ ମଧ୍ୟରେ ଆଜ୍ଞା ମାଳକୁ ଗାଁରେ ପରିକ୍ରମା କରାଯାଇଥିଲା। ଅକ୍ଷୟ ତୃତୀୟା ଦିନ ରଥକାଠ ଅନୁକୂଳ ହେଉଥିବା ବେଳେ ପୁରୀରୁ ଆଜ୍ଞାମାଳ ଆସିବା ପରେ ଏଠାରେ ରଥଯାତ୍ରା ଲାଗି ଯୋଜନା ଆରମ୍ଭ ହୋଇଥାଏ। ଏଥର ଭବ୍ୟ ରଥଯାତ୍ରା ଆୟୋଜନ କରିବା ଲାଗି ମନ୍ଦିର ଦାରୁ ବ୍ରହ୍ମ କମିଟି ପକ୍ଷରୁ ଆୟୋଜନ ଆରମ୍ଭ ହୋଇଥିବା ଖବର ଦିଆଯାଇଛି। ଆଜି ଜୟ ଜଗନ୍ନାଥ ଧ୍ୱନିରେ ଗ୍ରାମର ଗଗନ ପବନ ପ୍ରକମ୍ପିତ ହୋଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖାଯାଇଥିଲା ।

# 'ରୂପ ରେଖ ନାହିଁ ଯାର ଶୂନ୍ୟ ମନ୍ଦିରେ ବିହାର'

## ରେଙ୍ଗାଲିପାଲି ଅବଧୂତ ବାବାଙ୍କ ଜିର୍ଣୋଦ୍ଧାର ମନ୍ଦିର ରତ୍ନମୁଦ ଓ ବାର୍ଷିକ ଉତ୍ସବ ପାଳିତ

ବରଗଡ଼ ୫/୫(ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ - ୧୧ ରେଙ୍ଗାଲି ପାଲି ଗାଆଁ ରେ ବାପ ଅଜା ଅମଳରୁ ବହୁ ପୁରୁଣା ଲିମ୍ବ ଗଛ ମୂଳେ ଏକ ମାଟି କାନ୍ଥ ଚାଳ ଛପର ଝୁମ୍ପୁଡି ଘର ରହିଥିଲା ଓ ଲିମ୍ ତଳିଏନ ନାମରେ ପୂଜା ପାଇ ଆସୁଥିଲେ।ପୂର୍ବ କାଳରେ ଗାଆଁ କୁ କୁମ୍ ପଟିଆ ସାଧୁ ବାବା ମାନେ ଆସି ସେଇ ଝୁମ୍ପୁଡି ଆଶ୍ରୟ ନେଇଥାନ୍ତି।ବାବା ମାନଙ୍କ ମଧ୍ୟରୁ ଜଣେ ସାଧୁ ବାବା ଧୁନୀ ଆରମ୍ଭ କରି ଏଠାରେ ଅବଧୂତ ବାବା ଙ୍କ ପୂଜା କର ଗାଆଁ ର ସବୁ ମଙ୍ଗଳ କାମନା ହେବ ବୋଲି ଗ୍ରାମବାସୀ ଙ୍କୁ କହି କିଛି ଘଣ୍ଟା ପରେ ସେଠାରୁ ଅନ୍ତର୍ଧାନ ହୋଇ ଯାଇଥିଲେ।ସେହିଦିନ ଠାରୁ ଅବଧୂତ ବାବା ଲିମ୍ବ ଗଛ ମୂଳେ ମାଟି କାନ୍ଥ ତିଆରି ଚାଲ ଛପର ଘର କାନ୍ଥ ର ବାହାର ପାର୍ଶ୍ୱ ଶୂନ୍ୟ ମନ୍ଦିରରେ ଅବଧୂତ ବାବା ପୂଜା ପାଇ ଆସୁଛନ୍ତି।ଅବଧୂତ ବାବା ଙ୍କ ନାଁ ମୂର୍ତ୍ତି ରହିଛି ନାଁ କୌଣସି ପ୍ରତିମା ଲି ଛବି।ଲିମ୍ବ ଗଛ ମୂଳେ ଶୂନ୍ୟ ମାଟି ଘର କାନ୍ଥ ର ଶୂନ୍ୟ ମନ୍ଦିରରେ ବାବା ପୂଜା ପାଇଁ ଗାଆଁ ତଥା ଗାଆଁ ଦେଇ ଯିବା ଆସିବା ଲୋକ ଯିଏ ଯାହା ମନାସେ ତାହା ପୂରଣ ହେବାକୁ ଲାଗିଲା।କେବଳ ସେତିକି ନୁହେଁ ଗାଆଁ ମହାମାରୀ ସହ ସବୁ ବିପଦ ଆପଦ ରୁ ବାବା ସାହା ହେଉଥିବା ବେଳେ ପୁରୁଣା ଲିମ୍ବ ଗଛ ର ପତ୍ର ଅନ୍ୟ ଲିମ୍ବ ଗଛ ଅପେକ୍ଷା ପିତା ଲାଗିବା ବଦଳରେ ମଧୁର ଲାଗୁଥିବା ଲୋକେ କହନ୍ତି।କାଳ କ୍ରମେ ଲୋକଙ୍କ ଆସ୍ଥା ଭାଜନ ହୋଇ ଅବଧୂତ ବାବା ଙ୍କ ପାଇଁ ଗ୍ରାମବାସୀ ଙ୍କ ଉଦ୍ୟମ ରେ ପକ୍କା ଘର କରାଯାଇ ଏବେ ପକ୍କା ଘର ଉପରେ ଜିର୍ଣୋଦ୍ଧାର ପୂର୍ବକ ଦେଉଳ ତିଆରି କରି ଆଜି ରତ୍ନମୁଦ ଉତ୍ସବ ପାଳିତ ହେବା ସହ ପ୍ରତିବର୍ଷ ଭଳି ଆସନ୍ତା କାଲି ଅବଧୂତ ବାବା ଙ୍କ ଜୟନ୍ତୀ ମହୋତ୍ସବ କୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ମନ୍ଦିର କମିଟି ସହ ଗାଆଁ ର ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ଆବାଳବୃଦ୍ଧ ବନିତା ସମସ୍ତେ ଅଣ୍ଟା ଭିଡିଛନ୍ତି।ଏହି ଅବସରରେ ଗାଆଁ ମହାଦେବ ମନ୍ଦିର ନିକଟସ୍ଥ ନୂଆଁ ବନ୍ଧ ପୋଖରୀ ତୁଠରେ ବିଜ୍ଞ ପଣ୍ଡିତ ମାନଙ୍କ ପୂଜାର୍ଚ୍ଚନା ପୂର୍ବକ ଘଣ୍ଟ,ଶଙ୍ଖ, ହୁଳହୁଳି ର ତାଳରେ ବର୍ଣ୍ଣାଢ଼୍ୟ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପ ରେ ସ୍ଥାପନ ପୂର୍ବକ ପୂଜାକାର୍ଯ୍ୟ ଆରମ୍ଭ ହୋଇ ଯାଇଛି।ତନ୍ତମୁଦ ଉତ୍ସବ ପାଇଁ ମୁଖ୍ୟ ପଣ୍ଡିତ ନିରଞ୍ଜନ ପାଣିଗ୍ରାହୀ ଓ ତାଙ୍କ ସାଥୀ ମାନେ ବ୍ରହ୍ମାବରଣ ହୋଇ ଥିବାବେଳେ କର୍ତ୍ତା ସପତ୍ନିକ ଶିବୁ ପ୍ରଧାନ ଓ ଜୟନ୍ତୀ ପ୍ରଧାନ ଦାୟିତ୍ୱ ତୁଲାଇ ଥିଲେ।ନିତ୍ୟ ନୈମିତ୍ତିକ ପୂଜକ ଶିବୁନାଥ ମହାପାତ୍ର ରହିଥିବାବେଳେ ପ୍ରତିବର୍ଷ ଭଳି ଆସନ୍ତା କାଲି ଅବଧୂତ ବାବା ଙ୍କ ଜୟନ୍ତୀ ମହୋତ୍ସବ ପାଇଁ ପଣ୍ଡିତ ଭାବେ ସନ୍ତୋଷ ଦେବତା ପୂଜା କାର୍ଯ୍ୟ ତୁଲାଇବାକୁ ଥିବା ବେଳେ କର୍ତ୍ତା ଦାୟିତ୍ୱରେ ସପତ୍ନିକ ଗୋପାଳ ପ୍ରଧାନ ଓ କନ୍ୟା ପ୍ରଧାନ ରହିଛନ୍ତି।ଦୁଇ ଦିନ ଧରି ହେଉଥିବା ମହୋତ୍ସବ ପାଇଁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପାଇଁ ଅନ୍ନ ପ୍ରସାଦ ର ବ୍ୟବସ୍ଥା ରହିଥିବା ବେଳେ ରତ୍ନମୁଦ ଉତ୍ସବ ଦିନ ଝାରମୁଣ୍ଡା ଓ ଜମୁର୍ଡ଼ା ର କୃଷ୍ଣଗୁରୁ ଦଳ ନିମନ୍ତ୍ରିତ ହୋଇଛନ୍ତି।ସେହିପରି ଆସନ୍ତାକାଲି ରେଙ୍ଗାଲିପାଲି ର ମହିଳା ସଂକୀର୍ତ୍ତନ୍ୟ ଦଳ ଓ ରାତ୍ରୀରେ ହିର୍ଲିପାଲି ବୀର ବଜରଙ୍ଗ ଗଣନାଟ୍ୟ ର 'କାହାଣୀ ଆଖି ରେ ଲୁହ' ପରିବେଷଣ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

## ସାନ୍ଦିପନୀ ଶିଶୁ ବିକାଶ କେନ୍ଦ୍ରର ଦ୍ୱାଦଶତମ ବାର୍ଷିକ ଉତ୍ସବ



ନିମାପଡା ୫/୫(ନି.ପ୍ର): ପୁରୀ ଜିଲ୍ଲା କାକଟପୁର ବ୍ଲକ କଂଟାପଡା ଗ୍ରାମ ପଞ୍ଚାୟତ ଗମ୍ଭାରୀପଦା ଗ୍ରାମରେ ପ୍ରତିଷ୍ଠିତ ସାନ୍ଦିପନୀ ଶିଶୁ ବିକାଶ କେନ୍ଦ୍ର ତାର ଦ୍ୱାଦଶତମ ବାର୍ଷିକ ଉତ୍ସବ କଚେରୀ ବାଡି ଗାଦି ପଡ଼ିଆରେ ଆଡମ୍ବର ସହକାରେ ପାଳନ କରିଅଛି ।ଷ୍ଟାଣ୍ଡାଡ-୧ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ବିକାଶ କେନ୍ଦ୍ରରେ ମୋଟ ୪୫୦ ରୁ ଉର୍ଦ୍ଧ୍ୱ ସବୁ ବର୍ଗର ଛାତ୍ରଛାତ୍ରୀ ମାନେ ବିଦ୍ୟାଧ୍ୟୟନ କରିଥାଆନ୍ତି। ଏହି ବିକାଶ କେନ୍ଦ୍ରର ବିଦ୍ୟାର୍ଥୀ ମାନଙ୍କ ମଧ୍ୟରୁ ୫ଜଣ କରି ଛାତ୍ରଛାତ୍ରୀ ୩ୟ ଓ ୫ମରେ ସରକାରୀ ବୃତ୍ତି ପାଉଥିବା ବେଳେ ୪ଜଣ ଆଦର୍ଶ ବିଦ୍ୟାଳୟ,୧ଜଣ ପଠାଣି ସାମନ୍ତ ପାଇଁ ମନୋନୀତ ହୋଇଛନ୍ତି ଏବଂ ୨ଜଣ ପ୍ରତିଭା ପୋ ସା ବୃତ୍ତି ୧୦,୦୦୦/- ପାଇବାକୁ ମନୋନୀତ ହୋଇଥିବା ସ୍କୁଲର ପ୍ରତିଷ୍ଠାତା ପ୍ରଦିପ କୁମାର ସାହୁଙ୍କ ଠାରୁ ପ୍ରକାଶ। ଚଳିତ ବର୍ଷ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ମନଭାବକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଥମ କରି ସୁଧା-ଗୋବିନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ବୃତ୍ତି ପୁତ୍ର ବାନାମ୍ବର ସାହୁଙ୍କ ଦ୍ୱାରା ପ୍ରଦାନ କରାଯାଇଅଛି। ଯେଉଁ ଶିକ୍ଷାର୍ଥୀ ମାନେ ଷ୍ଟାଣ୍ଡାଡ-୧ ରୁ ୮ମ ଶ୍ରେଣୀ ମଧ୍ୟରେ କ୍ଲାସରେ ସର୍ବାଧିକ ନମ୍ବର ରଖିଥିବେ ସେମାନଙ୍କୁ ଏହି ରାଶି ପ୍ରଦାନ କରାଯିବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିହାରୀ ନାୟକଙ୍କ ଠାରୁ ପ୍ରକାଶ। କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡଃ ରାଜକିଶୋର ସ୍ୱାଇଁ, ମୁଖ୍ୟ ବକ୍ତା ଏମ ଡି ମନଓ୍ୱର ଅଲ୍ଲୀ, ସମ୍ମାନୀୟ ଅତିଥି ସରପଞ୍ଚ ରୀନା ନାୟକ, ବେଣୁଧର ସାହୁ, ଲକ୍ଷ୍ମୀଧର ମହାପାତ୍ର,ମାନସ ସାମଲ,ରାଜଯୋଗିନୀ ବି କେ ପ୍ରଭାତୀ, ପ୍ରମୁଖ ଯୋଗଦେଇ ବେସରକାରୀ ଶିକ୍ଷାନୁଷ୍ଠାନ ସାନ୍ଦିପନୀ ଶିଶୁ ବିକାଶ କେନ୍ଦ୍ରରେ ଉନ୍ନତ ମାନର ପରିବେଶ,ଦକ୍ଷତା ସମ୍ପର୍ଣ୍ଣ ଶିକ୍ଷକ/ଶିକ୍ଷୟିତ୍ରୀ,ସୁ ପରିଚାଳିତ ମାର୍ଗଦର୍ଶନ ଦ୍ୱାରା ଆକୃଷ୍ଟ ହୋଇ ଅଭିଭାବକ ମାନେ ଶୈଶବରୁ ଶିଶୁର ପ୍ରତିଭା ବିକାଶ ପାଇଁ ଏ ଅନୁଷ୍ଠାନରେ ପିଲାର ନାମ ଲେଖାଇବାକୁ ପସନ୍ଦ କରିଥାଆନ୍ତି ବୋଲି ବକ୍ତବ୍ୟ ରଖିଥିଲେ ।ସଭା ଆରମ୍ଭ ଅବସରରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିଲେ। ଅତିଥି ମାନଙ୍କ କରକମଳରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା,ଶେଷାନ୍ତେ ଉଦଯାପନୀ ସଂଗୀତ ଗାନ କରାଯାଇ ସଭାସାଙ୍ଗ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପର୍ଣ୍ଣ ହୋଇଥିଲା।

## ଗୁଣୁପୁର ଅଦାଲତ ପରିସରରେ ସ୍ୱତନ୍ତ୍ର ଅଦାଲତ ଦାବି



ଗୁଣପୁର ୫/୫(ନି.ପ୍ର): ଉଚ୍ଚ ନ୍ୟାୟାଳୟ ଦ୍ୱାରା କ୍ଷମତାପ୍ରାପ୍ତ ରାୟଗଡା ଜିଲ୍ଲାର ବହନକ୍ଷମ ବିଚାରପତି (portfolio judge ) ମାନ୍ୟବର ଶ୍ରୀ ଆନନ୍ଦ ଚନ୍ଦ୍ର ବେହେରା ଜିଲ୍ଲା ଅଦାଲତ , ଦୁଇଦିନିଆ କାର୍ଯ୍ୟକ୍ରମରେ ଆସିଥିବା ସମୟରେ ଗୁଣପୁର ଓକିଲ ସଙ୍ଘ ତରଫରୁ ସଭାପତିଙ୍କ ଅଧ୍ୟକ୍ଷତା ରେ ଶ୍ରୀ ଉମା ଚରଣ ପଟ୍ଟନାୟକ, ଶ୍ରୀ ସୂଂକାରୀ ଗଣପତି, ଶ୍ରୀ କୃଷ୍ଣ ଚନ୍ଦ୍ର ସେନାପତି, ଶ୍ରୀ ଗଣେଶ କୁମାର ପଣ୍ଡା, ଶ୍ରୀ ଗୌରି ଶଙ୍କର ଦାଶ, ସମ୍ପାଦକ ଶ୍ରୀ ପ୍ରବୀଣ କୁମାର ପଟ୍ଟନାୟକ ଓ ଶ୍ରୀ ରାଜ କିଶୋର ଦାସ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ, ସେଥିରେ ଅନୁରୋଧ ଥିଲା କି, ଗଞ୍ଜେଇ ସମ୍ବନ୍ଧୀୟ ମକଦ୍ଦମା ଯାହାକି, ଉଚ୍ଚ ନ୍ୟାୟାଳୟ ଆଦେଶ ଅନୁଯାଇ ଏକ ସ୍ୱତନ୍ତ୍ର ଅଦାଲତ ୧୯ ଗୋଟି ଜିଲ୍ଲାରେ କରାଯାଇ ମକଦ୍ଦମା ଗୁଡିକୁ ଶୀଘ୍ର ଫଇସଲା କରିବାର ପ୍ରାବଧାନ ରହିଛି, ତାହା ଗୁଣପୁର ପରିସରରେ କରାଯାଉ । କାରଣ ଗୁଣପୁର ଅଦାଲତ ରେ ପ୍ରାୟ ୪୦୧ ମକଦମ ବିଚରାଧିନ ରହିଥିବା ସ୍ଥଳେ ବିଷମକଟକ ରେ ୨୦୦ ଏବଂ ରାୟଗଡା ରେ ୧୦୦ ମକଦ୍ଦମା ବିଚରାଧୀନ ରହିଛି । ତା ସହ ଚଳିତ ବର୍ଷ ଗୁଣପୁର ରେ ୩୭ ରୁ ଅଧିକ ମକଦ୍ଦମା ନୂତନ ଭାବେ ପଞ୍ଜିକରଣ ହୋଇଥିବା ବେଳେ ବିଷମକଟକ ରେ ୫ ଗୋଟି ଓ ରାୟଗଡା ରେ ମାତ୍ର ୭ ଗୋଟି ମକଦ୍ଦମା ପଞ୍ଜିକରଣ ହୋଇଛି । ଏଣୁକରି ଉକ୍ତ ସ୍ୱତନ୍ତ୍ର ଅଦାଲତ ଗୁଣପୁରରେ ସ୍ଥାପନ କରାଗଲେ ଉଭୟ ମୁଦାଲା ଓ ମହକିଲ ଙ୍କୁ ସୁବିଧା ହୋଇ ମକଦ୍ଦମା ଗୁଡିକ ଶୀଘ୍ର ସମାପ୍ତ ହୋଇପାରିବ । ମାନ୍ୟବର ବିଚାରପତି ସ୍ମାରକପତ୍ରକୁ ଗ୍ରହଣ କରି ମୁଖ୍ୟ ବିଚାରପତିଙ୍କୁ ଉପସ୍ଥାପନା କରାଯାଇ ବିଚାର କୁ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ ।

## ଅଡଗାଁ ସେବା ସମବାୟ ସମିତି ରେ ରକ୍ତ ଦାନ ଶିବିର ୩୦ ୟୁନିଟ ରକ୍ତ ସଂଗୃହୀତ





ବରଗଡ଼ ୫/୫(ନି.ପ୍ର): ଅଡଗାଁ ସେବା ସମବାୟ ସମିତି ର କୋଷାଧକ୍ଷ ତଥା ସଂପାଦକ ଦାୟିତ୍ୱରେ ଥିବା ସୁରେନ୍ଦ୍ର କୁମାର ଭୋଇ ଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅଡଗାଁ ସମିତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା ।ଏହି ଅବସର ରେ ନିଷ୍ଠା ପରିବାର ଓ ଅଡଗାଁ ସେବା ସମବାୟ ସମିତି ର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିର କୁ ସୁରେନ୍ଦ୍ର କୁମାର ଭୋଇ ସମିତି ର ସଭାପତି ତଥା ନିଷ୍ଠା ର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ଅତିଥି ଭାବରେ ଯୋଗ ଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ ।ଏହି ଶିବିର ରେ ସମସ୍ତ କର୍ମଚାରୀ ମାନଙ୍କ ସମେତ ଅନେକ ଚାଷୀ ଯୁବ ବର୍ଗ ରକ୍ତଦାନ କରିଥିଲେ ।ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୩୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତ ଭଣ୍ଡାର ମାନଙ୍କ ରେ ରକ୍ତ ର ଅଭାବ ଥିବା ବେଳେ ଏଭଳି ଏକ ନିଆରା ପ୍ରୟାସ ପାଇଁ ବୁଦ୍ଧଜୀବୀ ମାନେ ଅଡଗାଁ ସେବା ସମବାୟ ସମିତି କୁ ବେଶ ପ୍ରଶଂସା କରିଥଲେ ।ସମିତି ର ସଭାପତି ଅଶ୍ୱିନୀ ତ୍ରିପାଠୀ ଙ୍କ ସଭାପତିତ୍ୱ ରେ ସମସ୍ତ ଡାଇରେକ୍ଟର ଓ ଚାଷୀ ମାନଙ୍କୁ ନେଇ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ର ଆୟୋଜନ କରଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ଡାଇରେକ୍ଟର କ୍ଷିରୋଦ୍ର ସାହୁ,କୋଷାଧକ୍ଷ ଜଗ ବନ୍ଧୁ କଳତା, ସଂପାଦକ ଦାୟିତ୍ୱରୁ ଅବସର ନେଉଥିବା ସୁରେନ୍ଦ୍ର କୁମାର ଭୋଇ,ଅସ୍ଥାୟୀ ସମ୍ପାଦକ ଦାୟିତ୍ୱ ଗ୍ରହଣ କରୁଥିବା ପ୍ରଶାନ୍ତ ପୂଝାରୀ ମଞ୍ଚାସିନ ଥିଲେ ।ଏହି ଅବସର ରେ ସୁରେନ୍ଦ୍ର କୁମାର ଭୋଇ ଙ୍କୁ ସମିତି ପକ୍ଷରୁ ଉପଢ଼ୌକନ ପୁଷ୍ପ ଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା ।ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫ ରୁ ମଧ ସମିତି କୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା ।ସମସ୍ତ ରକ୍ତଦାତା,ସହଯୋଗୀ ଶୁଭେଚ୍ଛୁ ଏବଂ ସମିତି ର କର୍ମଚାରୀ ମାନଙ୍କୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ନିଆରା ଢଙ୍ଗ ରେ 'ଅବସର ଉତ୍ସବଫ ପାଳନ



ନିଆଳୀ ୫/୫(ନି.ପ୍ର): ନିଆଳୀ ବ୍ଲକ ଦ୍ୱୀପାଞ୍ଚଳ ସ୍ଥିତ କସର୍ଦା ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଶ୍ରୀଯୁକ୍ତ ଆର୍ତ୍ତବନ୍ଧୁ ପାତ୍ର ଆଜି ତାଙ୍କ ୩୫ ବର୍ଷର କର୍ମମୟ ଜୀବନ ରୁ ଅବ୍ୟାହତି ନେଇଛନ୍ତି। ବିଦ୍ୟାଳୟ ପରିସର ରେ ଏକ ନିରାଡ଼ମ୍ବର ସଭା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ରୋଜାଲିନ ସ୍ୱାଇଁଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ର ଏସ ଏମ ସି ର ଦୁଇ ଉତ୍ସାହୀ ସଦସ୍ୟ ଙ୍କ ସହ ଶ୍ରୀମାନ ବିଶ୍ୱଜିତ ମହାପାତ୍ର, (ବବୁଲ ) ଙ୍କ ନେତୃତ୍ୱ ରେ ଶ୍ରୀ ପାତ୍ର ଙ୍କୁ ଆଦର୍ଶ ମାନୁ ଥିବା କିଛି ପୁରାତନ ଛାତ୍ର ଉତ୍ସବ ରେ ଯୋଗ ଦେଇଥଲେ। ଆଶ୍ଚର୍ଯ୍ୟ ର ବିଷୟ ଏହା ଥିଲା ଯେ ଅଧିକାଂଶ ପୁରାତନ ଛାତ୍ର ସଂସ୍କୃତ ପଢୁଥିଲେ ।କୌଣସି ଭାଷଣ ବୀର ଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାରୁ ଅବାନ୍ତର ଭାଷଣ ରେ କେହି ଅତିଷ୍ଠ ହେବାର ଆଶଙ୍କା ନ ଥିଲା । ଶ୍ରୀ ପାତ୍ର ତାଙ୍କ ବିଦାୟୀ ଭାଷଣ ରେ ଫେଲ ମୁକ୍ତ ଓ ଦଣ୍ଡ ମୁକ୍ତ ବ୍ୟବସ୍ଥା ର ଘୋର ସମାଲୋଚନା କରିଥିଲେ। ପରିବେଶ ଅତ୍ୟନ୍ତ ହାଲକା ଥିଲା। ବରିଷ୍ଠ ଶିକ୍ଷକ ମଙ୍ଗଳ ସାର ଯେତେବେଳେ ସଂସ୍କୃତ ଶ୍ଳୋକ ଆବୃତ୍ତି କରି ଜାତସ୍ୟ ହି ଧ୍ରୁବ ମୃତ୍ୟୁ...ର ଉଚ୍ଚାରଣ ବିଦାୟୀ ଶିକ୍ଷକ କହି ଉଠିଲେ ଆହେ ମୁଁ ମରୁନି ହେ, ସଭା ରେ ହାସ୍ୟ ରୋଳ ଖେଳି ଯାଇଥିଲା। ଫୋଟୋଗ୍ରାଫର ଦାୟିତ୍ୱ ରେ ଥିବା ସଂଗୀତ ଶିକ୍ଷକ ବିଦାୟୀ ଶିକ୍ଷକ ଙ୍କୁ ଧର୍ମ ସମ୍ପର୍କ ରେ କିଛି କହିବାକୁ ଅନୁରୋଧ କରିଥିଲେ। ଶ୍ରୀ ପାତ୍ର ସଂକ୍ଷେପ ରେ କହିଥିଲେ ଯେଉଁ ନୀତି ନିୟମ ପାଳି ଜଣେ ମଣିଷ ବଞ୍ଚେ ତାହା ତାର ଧର୍ମ। ଯେଉଁ ମିଥ୍ୟା ଦ୍ୱାରା ଅନେକ ଙ୍କର ଉପକାର ହୁଏ ତାହା ପରମ ସତ୍ୟ। ଯାହା ଦ୍ୱାରା ଅନେକ ଙ୍କର କ୍ଷତି ହୁଏ ତାହା ପାପ। ନିଜର ପ୍ରତିହିଂସା ପରାୟଣତା କଥା ଉଲ୍ଲେଖ କରି ନିଜକୁ ପର୍ଶୁରାମ ଙ୍କ ସହ ତୁଳନା କରି ଶ୍ରୀ ପାତ୍ର କହିଥିଲେ ଯେ ସେ ଅନ୍ୟାୟ ଭ୍ରଷ୍ଟାଚାର ସହ୍ୟ କରିପାରନ୍ତି ନାହିଁ ଏବଂ ଯଥା ସମ୍ଭବ ତାର ପ୍ରତିକାର ପାଇଁ ଚେଷ୍ଟା କରନ୍ତି ।ପୁରାତନ ଛାତ୍ର ଏବଂ କିଛି ଶିକ୍ଷକ ଓ ସ୍ୱୟଂ ପ୍ରଧାନ ଶିକ୍ଷକ ଏକ ପଟୁଆର ରେ ବିଦ୍ୟାଳୟ ଠାରୁ ୭ କିଲୋମିଟର ଦୂର ଶ୍ରୀ ପାତ୍ର ଙ୍କ ବାସସ୍ଥାନ ଦିଘୀ ଗ୍ରାମ କୁ ଯାଇଥିଲେ। ସେଠି ଆଉ ଏକ ବିସ୍ମୟ ସମସ୍ତ ଙ୍କୁ ଅପେକ୍ଷା କରିଥିଲା। ଶ୍ରୀ ପାତ୍ର ନିଜ ଘରେ ମୁକ୍ତି ର ଉତ୍ସବ ର ଆୟୋଜନ କରିଥିଲେ। ତାଙ୍କ ଘର ସମ୍ମୁଖରେ ଏକ ସୁଦୃଶ୍ୟ ବ୍ୟାନର ରେ ତାଙ୍କ ର ହସ ହସ ମୁହଁରେ ଛବି ତଳେ ବଡ଼ ବଡ଼ ଅକ୍ଷର ରେ ' ମୁକ୍ତି ଉତ୍ସବ ଫଫ ଲେଖା ଯାଇଥିଲା, ଦ୍ୱାର ଦେଶ ରେ କଳସ ବସିଥିଲା। ମୁରୁଜ ରେ ରଙ୍ଗୋଲି ସଜା ଯାଇଥିଲା, ଶ୍ରୀମତୀ ପାତ୍ର ବନ୍ଦାପନା କରି ଶ୍ରୀଯୁକ୍ତ ପାତ୍ର ଙ୍କୁ ଘର କୁ ନେଇଥିଲେ। ଶେଷରେ ଥଣ୍ଡା ପାନୀୟ ଓ ନିମାପଡା ର ଆର୍ତ୍ତ ସାହୁ ଙ୍କ ପ୍ରସିଦ୍ଧ ଛେନାଝିଲି ଦ୍ୱାରା ସମସ୍ତ ଙ୍କୁ ଅପାୟିତ କରାଯାଇଥିଲା।

## ମୃତ୍ୟୁ ମୁଖ ରୁ ଅଳ୍ପ କେ ବର୍ତିଲେ ବୃଦ୍ଧ

ଓଡ଼ପଡ଼ା/ହିନ୍ଦୋଳ୫/୫(ନି.ପ୍ର): ହିନ୍ଦୋଳ ଉପଖଣ୍ଡ ରେ ହାତୀ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ହିନ୍ଦୋଳ ବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି କ୍ଷ ଦିନ ଦ୍ୱିପ୍ରହର ରେ ଘରୁ ଗୋଡ କାଢିବା ଏକ ପ୍ରକାର ମୁସ୍କିଲ ହୋଇ ପଡ଼ିଲାଣି କ୍ଷ ଆଜି ସକଳ ୬ ଘଟିକା ସମୟରେ ହିନ୍ଦୋଳ ଉପଖଣ୍ଡ ବକ୍ଷର୍ଶିଙ୍ଗା ଗ୍ରାମ ର ଭିକାରୀ ବିଶ୍ୱାଳ ଗ୍ରାମ ନିକଟ ରେ ଥିବା ନିଜ କାଜୁ ଜଙ୍ଗଲ କୁ କାଜୁ ସଂଗ୍ରହ କରିବାକୁ ଯାଇଥିବା ବେଳେ ଏକ ଦନ୍ତା ହାତୀ ଆକ୍ରମଣ ର ଶିକାର ହୋଇଥିଲେ କ୍ଷ ହାତୀ ଟି ଭିକାରୀ ଙ୍କୁ ଶୁଣ୍ଢ ରେ ଫୋପାଡି ଦେବାରୁ ସେ ଏକ କାଦୁଆ ବିଲ ରେ ପଡ଼ିଥିଲେ କ୍ଷ ଗତ କାଲି ର ବର୍ଷା ଯୋଗୁଁ ବିଲ ଟି କାଦୁଆ ଥିବାରୁ ଆଘାତ ଜୋର୍ ରେ ଲାଗି ନ ଥିଲା। ସ୍ଥାନୀୟ ଲୋକ ଜୋର୍ ରେ ପାଟି କରିବାରୁ ହାତୀ ଟି ଜଙ୍ଗଲ ଆଡ଼କୁ ପଳାଇ ଯାଇଥିଲା ଫଳରେ ଭିକାରୀ ଏକ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚି ଯାଇଥିଲେ କ୍ଷ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ପରିବାର ଲୋକ ଙ୍କ ସହାୟତାରେ ନିକଟସ୍ଥ ଡାକ୍ତର ଖାନା କୁ ଆଣି ଚିକିତ୍ସା କରାଇ ଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଯାଇଥିଲେ। ସେହି ବାର୍ଶୀଙ୍ଗା ଗ୍ରାମ ରେ ଗତ ମାସ ୨୧ ତାରିଖ ରେ ବୀଣାପାଣି ସାହୁ ସନ୍ଧ୍ୟା ସମୟ ରେ ହାତୀ ଆକ୍ରମଣ ର ଶିକାର ହୋଇ କଟକ ମେଡିକାଲ୍ ରେ ଚିକିତ୍ସିତ ହେଉଛନ୍ତି । ଗ୍ରାମ ରେ ଖୁବ୍ କମ୍ ଦିନ ରେ ଦୁଇ ଦୁଇଟି ଘଟଣା ଘଟି ଯାଇଥିବା ବେଳେ ଗ୍ରାମ ରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହେଲାଣି। ବନ ବିଭାଗ ତରଫରୁ ହାତୀ ଆକ୍ରମଣ ରୁ ସୁରକ୍ଷା ନିମନ୍ତେ ଚେଷ୍ଟା ଜାରି ରହିଥିଲେ ହେଁ ହାତୀ ଆକ୍ରମଣରେ ଲୋକ ଙ୍କ ସଂଖ୍ୟା ବଢ଼ି ଚାଲିଛି। ପ୍ରାୟ ସମୟ ରେ ଗୋଟିକିଆ ଦନ୍ତା ହାତୀ ଆକ୍ରମଣ କରୁଥିବା ବେଳେ ବନ୍ ବିଭାଗ ଏହାକୁ ଗୁରୁତ୍ୱ ଦେଇ ଦନ୍ତା ହାତୀ କୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଦାବି ହେଉଛି।

## ଜନଜାତି ସୁରକ୍ଷା ମଞ୍ଚର ସଙ୍ଗଠନ ବୈଠକ ଅନୁଷ୍ଠିତ



ଝରିଗାଁ ୫/୫(ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଜିଲ୍ଲା ଜନଜାତି ସୁରକ୍ଷା ମଞ୍ଚ ନିର୍ଦ୍ଦେଶ କ୍ରମେ ରତାଖଣ୍ଡିଗୁଡ଼ା ପାଞ୍ଚୟତ ଅନ୍ତର୍ଗତ ପରସଲା ହାଟପଦାଠାରେ ମହିଳା ସଂଘଠନ ଓ ଯୁବ ସଙ୍ଗଠନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଥିଲା ।ବୈଠକରେ ସଂଘଟନ କିପରି ସୁଦୃଢ ହେବ,ଆଦିବାସୀ ଲୋକେ କିପରି ହକ ଅଧିକାର ପାଇ ପାରିବେ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ସଶକ୍ତିକରଣ କୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା ।କାର୍ଯ୍ୟକ୍ରମରେ ବ୍ଲକ ମହିଳା ମୋର୍ଚ୍ଚା ସଂଘଟନ ଚୟନ ପ୍ରକ୍ରିୟା କରାଯାଇଥିଲା। ଝରିଗାଁ ମହିଳା ମୋର୍ଚ୍ଚା ସଂଘଟନ ର ସଭାପତି ଭାବେ ଜୟନ୍ତୀ ଭତ୍ରା, ସେକ୍ରେଟାରୀ ଭାବେ ଜୟମଣୀ ଗଣ୍ଡ ଏବଂ ସଂଯୋଜିକା ଭାବେ ଟବା ସାନ୍ତା ଙ୍କୁ ଚୟନ କରାଯାଇଥିଲା। ଉକ୍ତ ବୈଠକରେ ଜିଲ୍ଲା ଜନଜାତି ସୁରକ୍ଷା ମଞ୍ଚ ସଂଯୋଜକ ରାଜମନ ଭତ୍ରା, ଜିଲ୍ଲା ସମ୍ପାଦକ ଲଚ୍ଛମନ ମାଝୀ,ଜିଲ୍ଲା ଉପସଭାପତି ପଦମନ ସାନ୍ତା,ଡାବୁଗାଁ ବ୍ଲକ ସଭାପତି ମୋହନସିଂ ଗଣ୍ଡ, ଝରିଗାଁ ବ୍ଲକ ସଭାପତି ଘନ ମାଝୀ, ସମ୍ପାଦକ ଦିବାକର ହାଲବା, ଶୁକଚନ୍ଦ ମାଝୀ, ଖଗପତି ଭତରା, ସୁକାଲୁ ଗଣ୍ଡ ସହ ବ୍ଲକର ସମସ୍ତ ସମାଜର ସଭ୍ୟ ସଭ୍ୟା ସହ ୧୫୦୦ ରୁ ଉର୍ଦ୍ଧ ଲୋକ ଯୋଗ ଦେଇଥିଲେ।

## ୧୪୮ ତମ ବରପାଲି ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ

ବରଗଡ଼ , ୫/୫(ନି.ପ୍ର): ବରଗଡ ଜିଲ୍ଲା ବରପାଲି ବ୍ଲକ ସଭା ଗୃହ ଠାରେ ବରପାଲି ତହସିଲଦାର ରୁକ୍ମଣ ମେହେର ଙ୍କ ଅଧକ୍ଷତାରେ ମହାନ ପୌରାଣିକ ୧୪୮ ତମ ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ର ସଫଳ ଆୟୋଜନ ନିମନ୍ତେ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲୋକ ପ୍ରତିନିଧି ତଥା କମିଟିର ସମସ୍ତ ସାଦସ୍ୟଙ୍କୁ ନେଇଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ମାନ୍ୟବର ବିଜେପୁର ବିଧାୟକ ସନତ କୁମାର ଗଡତିଆ,ବରଗଡ଼ ଉପ ଜିଲ୍ଲା ପାଳ ପ୍ରସନ୍ନ କୁମାର ପାଣ୍ଡେ,ଏସଡିପିଓ ପଦାରବିନ୍ଦ୍ ତ୍ରିପାଠୀ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ ,ଏନଏସି ଅଧକ୍ଷ ଦୀନେଶ ଗହୀର,ସାଂସଦ ପ୍ରତିନିଧି ପଦ୍ମ ଲୋଚନ ସାହୁ,ବରପାଲି ବ୍ଲକ ବିଡ଼ିଓ ସୁମନ୍ତ କୁମାର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରତ୍ନକୁମାର ଭୋଇ ମଞ୍ଚସିନ ରହିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ,ଜଳସମ୍ପଦ ବିଭାଗ,ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ,ପୋଲିସ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ କମିଟି ସଭାପତି ଆନନ୍ଦ ବାବୁ,ସମ୍ପାଦକ ଜୟନ୍ତ ତ୍ରିପାଠୀ, ବରିଷ୍ଠ ସଭ୍ୟ ପିନାକୀ ଦାଶ ଙ୍କ ସମେତ ହିମାଦ୍ରୀ ନଗର ପାର୍ବତୀ ବିବାହ ଉତ୍ସବ କମିଟି ସଭାପତି,ବରପାଲି ର ବିଭିନ୍ନ ଅନୁଷ୍ଠାନ ର ସଭାପତି ସମ୍ପାଦକ ମାନେ ଉପସ୍ଥିତ ରହି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ର ସୁ ପରିଚାଳନା ଓ ବିଭିନ୍ନ ସମସ୍ୟା ଯଥା ଯାତ୍ରା ସମୟରେ ବାଧା ସୃଷ୍ଟି ହେଉଥିବା ରାସ୍ତାର ସଂପ୍ରସାରଣ, ରାସ୍ତା ଓ ନାଳ ନର୍ଦ୍ଦମାର ସଫେଇ,ଜବର ଦଖଲ ଥିବା ଉଠା ଦୋକାନ ହଟାଇବା,ଯାତ୍ରା ସମୟରେ ପିଇବା ପାଣି ଓ ବିଦ୍ୟୁତ ସମସ୍ୟା ଭଳି ବିଭିନ୍ନ ବିଷୟରେ ଗୁରୁତ୍ୱ ପୂର୍ଣ୍ଣ ଆଲୋଚନା ହୋଇଥିଲା ।ଶେଷରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଷ୍ଟ୍ରେଲିଆ ଓଡ଼ିଆ ସମାଜ ପକ୍ଷରୁ କଳିଙ୍ଗ ଉତ୍ସବ ମହା ସମାରୋହରେ ଆୟୋଜନ

ପର୍ଥ ତା୦୫/୦୫ରିଖ ; ଅଷ୍ଟ୍ରେଲିଆ ଓଡ଼ିଆ ସମାଜ(ଓରିଓଜ ଇଙ୍କ)ପକ୍ଷରୁ ନିକଟରେ କଳିଙ୍ଗ ଉତ୍ସବ ମହା ସମାରୋହରେ ଆୟୋଜନ କରାଯାଇଛି।ଏହି ଉପଲକ୍ଷେ ଉତ୍ସବସ୍ଥଳ ପର୍ଥସ୍ଥିତ ସବୁଜିମା ଭରା ପଏଣ୍ଟ ୱାଲ୍ଟର ରିକ୍ରିଏସନ ସେଣ୍ଟରକୁ ଖୁବ ସରସ ସୁନ୍ଦର ଭାବରେ ସଜାଯାଇଥିବା ଦେଖାଯାଇଥିଲା। ଏଠାରେ ଆୟୋଜିତ ଏକାଦଶତମ ତିନିଦିନିଆ ଦ୍ୱିବାର୍ଷିକ ଓଡ଼ିଆ ସମ୍ପ୍ରଦାୟଙ୍କ ବନ୍ଧୁ ମିଳନ ବେଶ ଅନନ୍ୟ ଓ ନିଆରା ଥିଲା। ଓଡ଼ିଆ ଜାତି ଓ ଓଡ଼ିଶା ରାଜ୍ୟର ମହତ୍ୱ, ମହାନତା ଓ ମହନୀୟତାକୁ ବଳିଷ୍ଠ ଢଙ୍ଗରେ ଉପସ୍ଥାପନ କରିବା, ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଓଡ଼ିଶାର ଉତ୍କୃଷ୍ଟ କଳା, ମହାନ ସଂସ୍କୃତି,ଉନ୍ନତ ପରମ୍ପରା, ଉତ୍ତୁଙ୍ଗ ଐତିହ୍ୟ, ଭାଷାଗତ ମାଧୁର୍ଯ୍ୟ ଏବଂ ବ୍ୟଞ୍ଜନର ଚାତୁର୍ଯ୍ୟର ଭବ୍ୟ ପ୍ରଦର୍ଶନ ଏହି ସମ୍ମିଳନୀରେ ଘଟିଥିଲା। ଏହି ଶୀର୍ଷ ବୈଠକରେ ଅଷ୍ଟ୍ରେଲିଆର ପ୍ରତ୍ୟେକ ପ୍ରଦେଶରୁ ଆସିଥିବା ଶତାଧିକ ଓରିଓଜର ସଦସ୍ୟ ଏବଂ ପଦାଧିକାରୀମାନେ ସେମାନଙ୍କର ପରିବାର ବର୍ଗଙ୍କ ସହିତ ଗୋଟିଏ ଛାତ ତଳେ ଏକ ମଞ୍ଚରେ ସମ୍ମିଳିତ ହୋଇ ପରସ୍ପର ମଧ୍ୟରେ ଥିବା ଘନିଷ୍ଠ ବନ୍ଧନ ଏବଂ ନିବିଡ଼ ଭାତୃତ୍ୱ ଭାବକୁ ଉଜାଗର କରିବାର ଭରପୁର ସୁଯୋଗ ଲାଭ କରିଥିଲେ। ଆମନ୍ତ୍ରିତ ଅତିଥି ଏବଂ ଆୟୋଜକ ନେତୃବୃନ୍ଦଙ୍କ ଦ୍ୱାରା ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ସହିତ ଉତ୍ସବର ଶୁଭାରମ୍ଭ ହୋଇଥିଲା।

ବିଶିଷ୍ଟ ଅତିଥି ଭାବରେ ପର୍ଥଠାରେ ଅବସ୍ଥାପିତ ଭାରତୀୟ କନସଲ ଜେନେରାଲ ନରେଶ କୁମାର ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ସ୍ଥିତ ଭାରତୀୟ ସମାଜର ସଭାପତି ଦୀପକ ଶର୍ମା ଯୋଗ ଦେଇଥିଲେ। ଓରିଓଜର ସଭାପତି ଡଃ ମନୋଜ ନାୟକ ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ପ୍ରଦେଶର ମୁଖ୍ୟ ବିଘ୍ନରାଜ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନରେଶ କୁମାର ଓ ଦୀପକ ଶର୍ମା। ସେମାନଙ୍କର ଅଭିଭାଷଣରେ ଅଷ୍ଟ୍ରେଲିଆର ବହୁବିଧ ସଂସ୍କୃତି ସମ୍ପନ୍ନ ସମାଜର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଓରିଓଜ ଇଙ୍କ ବ୍ୟାପକ ଭାବେ ଯୋଗଦାନ ଦେଇ ଆସୁଥିବା ଦର୍ଶାଇ ଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ଓରିଓଜ ଇଙ୍କର ସଭାପତି ଡଃ. ମନୋଜ ନାୟକ, ବୃହତକାୟ ଅଷ୍ଟ୍ରେଲିଆ ମହାଦେଶର ଭୌଗଳିକ ଦୂରତ୍ୱର ପ୍ରତିବନ୍ଧକକୁ ଭ୍ରୂକ୍ଷେପ ନକରି ଓରିଓଜର ବର୍ତ୍ତମାନର କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଯେଉଁଳି ଗଠନମୂଳକ କାର୍ଯ୍ୟକ୍ରମ ଓ ଗୁଣାତ୍ମକ ଘଟଣାବଳୀ ଜରିଆରେ ସମଗ୍ର ଓଡ଼ିଆ ସମ୍ପ୍ରଦାୟକୁ ସଦା ଜାଗ୍ରତ କରି ରଖିଆସିଛନ୍ତି; ତାହା ପ୍ରକୃତରେ ପ୍ରଶଂସନୀୟ ବୋଲି କହିଥିଲେ। କଳିଙ୍ଗ ଉତ୍ସବର ଆୟୋଜନକାରୀମାନେ ସୀମିତ ମାନବ ସମ୍ବଳ ସତ୍ତ୍ୱେ ସେମାନଙ୍କର ଉଦଯୋଗ ଏବଂ ଉତ୍ସର୍ଗୀକୃତ ସାଧନା ଯୋଗୁଁ ଯେପରି ବିଶାଳ ଓ ବ୍ୟାପକ ଭାବରେ କଳିଙ୍ଗ ଉତ୍ସବ ଆୟୋଜନ




କରିପାରିଲେ ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ବୋଲି ଡଃ. ନାୟକ ଦର୍ଶାଇଥିଲେ ।ଓରିଓଜର ସମ୍ପାଦକ ଶାନ୍ତନୁ ସ୍ୱାଇଁଙ୍କ ଦ୍ୱାରା ସଙ୍କଳିତ ଏବଂ ଆଇଟି ସମ୍ପାଦକ ଜୟ ବେହେରାଙ୍କର ଅଳଙ୍କରଣରେ ପ୍ରକାଶିତ 'ସ୍ମରଣିକା : କଳିଙ୍ଗ ଉତ୍ସବ-୨୦୨୫' କୁ ଡଃ. ନାୟକ ଉନ୍ମୋଚନ କରିଥିଲେ। ଏହି ଅବସରରେ ଡଃ. ନାୟକ ଓରିଓଜର ସାମ୍ପ୍ରତିକ କାର୍ଯ୍ୟକାରୀ କମିଟିର କର୍ମକର୍ତ୍ତାମାନଙ୍କୁ ସାଧରଣରେ ପରିଚିତ କରାଇଥିଲେ। ସେମାନଙ୍କ ମଧ୍ୟରେ ଉପସଭାପତି ହର ପାତ୍ର, ସମ୍ପାଦକ ଶାନ୍ତନୁ ସ୍ୱାଇଁ, କୋଷାଧ୍ୟକ୍ଷ ମମତାଜ ଲେଙ୍କା, ନ୍ୟୁ ସାଉଥ ୱେଲସର ମୁଖ୍ୟ ସ୍ମିତା ସାମନ୍ତରାୟ ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ପ୍ରଦେଶର ମୁଖ୍ୟ ବିଘ୍ନରାଜ ମହାନ୍ତି ପ୍ରମୁଖ ଅନ୍ୟତମ ଥିଲେ। ଉପ-ସଭାପତି ହର ପାତ୍ର ଭୁବନେଶ୍ୱରଠାରେ ଅଷ୍ଟ୍ରେଲିଆ ପାଇଁ ଭିସା ଆବେଦନକାରୀମାନଙ୍କର ଡାକ୍ତରୀ ପରୀକ୍ଷା ଉଦ୍ଦେଶ୍ୟରେ ଏକ ଡାକ୍ତରୀ ପ୍ୟାନେଲ ପ୍ରତିଷ୍ଠା କରିବାରେ ଓରିଓଜ ସଫଳ ହୋଇଥିବା ଜଣାଇଥିଲେ। ଓରିଓଜକୁ ସମୃଦ୍ଧ ଓ ସଶକ୍ତ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜେନ୍ଦ୍ର ପାଢ଼ୀଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁଠାରୁ ବରିଷ୍ଠ ସବୁ ବୟସର କଳାକାରମାନଙ୍କୁ ନେଇ ଦୁଇଦିନର ସନ୍ଧ୍ୟାରେ ପ୍ରସ୍ତୁତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କଳିଙ୍ଗ ଉତ୍ସବର ସ୍ୱତନ୍ତ୍ର ଆକର୍ଷଣ ଥିଲା। ମହେଶ ସାହୁଙ୍କର ସଂଯୋଜନାରେ ପରିବେଷିତ ପ୍ରସ୍ତୁତିଗୁଡ଼ିକ ମଧ୍ୟରେ ମନଲୋଭା ଓଡ଼ିଶୀ, ମର୍ମସ୍ପର୍ଶୀ ଲୋକନୃତ୍ୟ, ସୁମଧୁର ସଙ୍ଗୀତ ଏବଂ ଆକର୍ଷଣୀୟ ଫ୍ୟାଶନ ପ୍ୟାରେଡ ଅନ୍ତର୍ଭୁକ୍ତ ଥିଲା। ବିଶେଷକରି ନ୍ୟୁ ସାଉଥ ୱେଲସର୍ ଶିଶୁମାନଙ୍କ ଦ୍ୱାରା ଦାରୁବ୍ରହ୍ମ ଭାବେ ଶ୍ରୀ ଜଗନ୍ନାଥଙ୍କର ଆବିର୍ଭାବ ବିଷୟ ବସ୍ତୁ ଉପରେ ଆଧାରିତ ନୃତ୍ୟ ନାଟିକା, ଅମିତ ମହାନ୍ତିଙ୍କର ସଂଯୋଜନାରେ ଉତ୍ତମ ମହାନ୍ତିଙ୍କର ସ୍ମୃତିରେ ପ୍ରସ୍ତୁତ ସାଙ୍ଗୀତିକ ଶ୍ରଦ୍ଧାଞ୍ଜଳି, ଚାରୁ ମିଶ୍ରଙ୍କ ଦ୍ୱାରା ପରିକଳ୍ପିତ ଢଗଢମାଳି ଉପରେ ଆଧାରିତ କୁଇଜ୍ ପ୍ରତିଯୋଗିତା ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ଟିମ ଦ୍ୱାରା ପରିବେଷିତ ' ମୋ ଶବ ବାହକମାନେ' ଶୀର୍ଷକ ହାସ୍ୟ ନାଟିକା ଦର୍ଶକମାନଙ୍କ ଦ୍ୱାରା ଖୁବ ଆଦୃତ ହୋଇଥିଲା। ପ୍ରାରମ୍ଭରେ ବିଘ୍ନରାଜ ମହାନ୍ତିଙ୍କର ଭାବୋଦ୍ଦୀପକ ଭଜନ ମଧ୍ୟ ଉଚ୍ଚକୋଟୀର ଥିଲା। ଯାକଜମକ ଓ ଆଡ଼ମ୍ବରପୂର୍ଣ୍ଣ ଏହି ଉତ୍ସବ ଆୟୋଜନର ପୁରୋ ଭାଗରେ ଓରିଓଜର ପଶ୍ଚିମ ଅଷ୍ଟ୍ରେଲିଆ ସ୍ଥିତ ପରିବାର ବର୍ଗମାନଙ୍କର ବିରାମ ବିହୀନ ନିରନ୍ତର ପରିଶ୍ରମ ନିହିତ ଥିଲା। ଉତ୍ସବର ଦ୍ୱିତୀୟ ଦିବସରେ ଆୟୋଜିତ ରୋମାଞ୍ଚକ ଓ ମଜାଦାର ଟି-୨୦ କ୍ରିକେଟ ମ୍ୟାଚ ଖୁବ ମନୋରଞ୍ଜକ ଥିଲା । ରଞ୍ଜନ ସିଂଙ୍କର ଅଧିନାୟକତ୍ୱରେ ପଶ୍ଚିମ ଅଷ୍ଟ୍ରେଲିଆର ଟିମ୍ ହରିକେନ ଏବଂ ବିନୁ ପାଣିଗ୍ରାହୀଙ୍କର ଅଧିନାୟକତ୍ୱରେ ବାକି ଅଷ୍ଟ୍ରେଲିଆର ଟିମ୍ ଥଣ୍ଡର ଷ୍ଟର୍ମ ମଧ୍ୟରେ ହୋଇଥିବା ମସ୍ତିଭରା ମ୍ୟାଚକୁ ସମ୍ବିତ ଦାସ, ଶାନ୍ତନୁ ସ୍ୱାଇଁ ଓ ଅଞ୍ଜଳି ପାତ୍ର ଦକ୍ଷତାର ସହିତ ପରିଚାଳନା କରିଥିଲେ। କଳିଙ୍ଗ ଉତ୍ସବର ତିନିଦିନ ଯାକ ଆଗନ୍ତୁକମାନଙ୍କୁ ପରସା ଯାଇଥିବା ସ୍ୱାଦିଷ୍ଟ ଖାଣ୍ଟି ଓଡ଼ିଆ ଭୋଜନକୁ ପ୍ରସ୍ତୁତ କରିବାରେ ଅନ୍ୱିତ ହୋତା ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ସୁଜିତ ଜେନା ଓ ଶୈବାଳିନୀ ସାହୁଙ୍କର ଆତିଥେୟତାରେ ପ୍ରସ୍ତୁତ ଓଡ଼ିଆ ଚା ଅଧିବେଶନରୁ ଉତ୍ସବର ତୃତୀୟ ଦିବସର ସୂତ୍ରପାତ ଘଟିଥିଲା। ଏହାପରେ ଡଃ. ସୁବ୍ରତ ମିଶ୍ରଙ୍କର ନେତୃତ୍ୱରେ ଏକ କଳା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଡଃ. ନଳିନୀ ପତିଙ୍କ ଦ୍ୱାରା ଉପସ୍ଥାପିତ 'ମାଇଣ୍ଡ ଫୁଲନେସ୍' ଶୀର୍ଷକ ପାୱାର ପଏଣ୍ଟ ଉପସ୍ଥାପନ ଖୁବ ସୂଚନା ଧର୍ମୀ ଥିଲା। ଉତ୍ସବ ପରିଶେଷରେ ମୁସ୍ତାକ ପାଇଲଟ ଓ ମନୋଜ ନାୟକଙ୍କ ଦ୍ୱାରା ପ୍ରସ୍ତାବିତ ଧନ୍ୟବାଦ ଅର୍ପଣ ଯଥେଷ୍ଟ ଭାବଗର୍ଭକ ଓ ହୃଦୟସ୍ପର୍ଶୀ ଥିଲା। ସମଗ୍ର କାର୍ଯ୍ୟକ୍ରମକୁ ସୁଦକ୍ଷ ଉପସ୍ଥାପକଗଣ ସମ୍ବିତ ହୋତା, ସାଇସ୍ମିତା ନାଥ, ଖୁସନୁମା ନୌସିନ ଏବଂ ବିଶ୍ୱନାଥ ସ୍ୱାଇଁ ଖୁବ ସୂଚାରୁ ରୂପେ ସଞ୍ଚାଳନା କରିଥିଲେ। ତିନିଦିନିଆ କଳିଙ୍ଗ ଉତ୍ସବକୁ ସକ୍ଷମତାର ସହିତ ଆୟୋଜନ ଓ ସଫଳତାର ସହିତ ସମାପନ କରିବାରେ ଓରିଓଜର ପାରଙ୍ଗମ ସାଙ୍ଗଠନିକ ଟିମ୍ ସଦସ୍ୟ ଯଥା:- ବିଘ୍ନରାଜ ମହାନ୍ତି, ଶାନ୍ତନୁ ସ୍ୱାଇଁ, ମହେଶ ସାହୁ, ମୁସ୍ତାକ ପାଇଲଟ୍ , ଅନ୍ୱିତ ହୋତା, ରଞ୍ଜନ ସିଂହ , କୁନମିତ ପାତ୍ର, ଅମିତ ପାଣିଗ୍ରାହୀ, ଲମ୍ବୋଦର ମହାରଣା, ବିଶ୍ୱନାଥ ସ୍ୱାଇଁ , ଦେବ ଚକ୍ରବର୍ତ୍ତୀ, ଦୀପକ ରାୟଗୁରୁ, ସ୍ୱାତି ପାତ୍ର ଏବଂ ରାଧିକା ସ୍ୱାଇଁ ପ୍ରମୁଖ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ।

# ଫସିଗଲେ ଏଲ୍ଆଇସି ପ୍ରଶାସନିକ ଅଧିକାରୀ

## ନିବେଶ ଆଳରେ ହରାଇଲେ ୭୮ ଲକ୍ଷ

କଟକ,୫/୫: କଟକ ବିଡ଼ାନାସୀରେ ରହୁଥିବା ଏଲ୍ଆଇସିର ଏଓ (ପ୍ରଶାସନିକ ଅଧିକାରୀ) ସାଇବର୍ ଠକଙ୍କ ଜାଲରେ ପଡ଼ିଛନ୍ତି। ଷ୍ଟକ୍ ମାର୍କେଟ୍‌ରେ ନିବେଶ କରିବାର ଲୋଭ ଦେଖାଇ ସାଇବର୍ ଠକମାନେ ୭୮ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏହି ଘଟଣାରେ କଟକ ସାଇବର୍ ଥାନା ପୁଲିସ ୬ ଜଣଙ୍କୁ ବଲାଙ୍ଗୀରରୁ ଗିରଫ କରିଛି। ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବାକୁ ଏକ ଟିମ୍ ଦିଲ୍ଲୀ ଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ଜୁବା ଅଞ୍ଚଳର ବିଜୟ କୁମାର ମେହେର(୨୮), ପଲେସିରାର ବିଶ୍ୱମ୍ବର ଖର୍ସେଲ(୨୭), ପାଟଣାଗଡ଼ ଥାନା ବାଥର୍ଲାର ରାଜେଶ ତଣ୍ଡି(୨୦), ବଡ଼ପଡ଼ାର ଅନୀଲ ନାୟକ(୨୧), ଜେଲ୍‌ଲାଇନ୍‌ପଡ଼ାର ସୀତାରାମ ମେହେର(୧୯), ସୁନାମୁଦିର ଦୀପକ ଧରୁଆ(୨୪)। ରାଜେଶ ଯୁକ୍ତ ତିନି ପଢୁଥିବା ବେଳେ ଦୀପକ ଯୁକ୍ତ ଦୁଇ ଫେଲ୍ ହୋଇ ସୁରକ୍ଷା କର୍ମୀ ଚାକିରି କରୁଥିଲା। ବିଜୟ, ବିଶ୍ୱମ୍ବର, ଅନୀଲ ଓ ଶ୍ରୀତମ ଯୁକ୍ତ ତିନି ବିଜ୍ଞାନ ପଢ଼ିଛନ୍ତି। ଏମାନେ ଦିଲ୍ଲୀର ସାଇବର୍ ଅପରାଧୀ ଗୋଷ୍ଠୀଙ୍କ ସମ୍ପର୍କରେ ଆସିବା ପରେ ଏଭଳି ଠକେଇ କାରବାର ଚଳାଇ ଆସୁଥିଲେ। ଗତ ଫେବ୍ରୁଆରିରେ ଏଲ୍ଆଇସିର ପ୍ରଶାସନିକ ଅଧିକାରୀ ଟେଲିଗ୍ରାମ୍ ଆଇଡି ମାଧ୍ୟମରେ ସ୍ୱେଡେକ୍ସ ଗ୍ଲୋବାଲ୍ ଏଲ୍‌ଟିଡି ନାଁରେ ଥିବା ଏକ ଟ୍ରେଡିଂ କମ୍ପାନିର ଯୋଗାଯୋଗରେ ଆସିଥିଲେ। ଏହି ଟେଲିଗ୍ରାମ୍ ଆଇଡିକୁ



ବଲାଙ୍ଗୀରରୁ ଧରାପଡ଼ିଲେ ୬ ସାଇବର୍ ଠକ

ଦିଲ୍ଲୀରେ ଲୁଚିଛି ମାଷ୍ଟରମାଇଣ୍ଡ୍



ପରିଚାଳନା କରୁଥିବା ବ୍ୟକ୍ତି ନିଜକୁ ପ୍ରିୟ ବଜାଜ୍ ବୋଲି କହିବା ସହ ଷ୍ଟକ୍ ମାର୍କେଟ୍‌ରେ ନିବେଶ କରି ଅଧିକ ଲାଭ ପାଇବାର ଲୋଭ ଦେଖାଇଥିଲା। ପ୍ରାଥମିକ ଭାବେ ଅଧିକାରୀ ଜଣକ ୧୨ ଲକ୍ଷ ଟଙ୍କା କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଆକାଉଣ୍ଟରୁ ଡିବିଏସ୍ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଥିଲେ। ଫେବ୍ରୁଆରି ୮ରେ ୧୦ ହଜାର, ମାର୍ଚ୍ଚ ୫ରେ ୧୦ ଲକ୍ଷ, ମାର୍ଚ୍ଚ ୨୨ରେ ୨୦ ଲକ୍ଷ, ମାର୍ଚ୍ଚ ୨୩ରେ ୨୦ ଲକ୍ଷ, ଏପ୍ରିଲ୍ ୧୮ରେ ୧୦ ଲକ୍ଷ ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟରୁ ଆଇଡିଏଫ୍‌ସି ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଏପ୍ରିଲ ୧୨ରେ ବନ୍ଧନ ବ୍ୟାଙ୍କ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ମଧ୍ୟ ଟ୍ରାନ୍ସଫର୍ କରିଥିଲେ। କୌଣସି ଲାଭ ନ ମିଳିବାରୁ କଟକ ସାଇବର୍ ଥାନାରେ ଏପ୍ରିଲ୍ ୨୪ରେ ଅଭିଯୋଗ କରିଥିଲେ। ସାଇବର୍ ଥାନା ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ଠକ ଗୋଷ୍ଠୀର ହ୍ୱାଟ୍‌ସଆପ୍ ଓ ଟେଲିଗ୍ରାମ୍ ନମ୍ବର ବିଦେଶୀ ଆଇପି ଆଡ୍ରେସ୍ ମାଧ୍ୟମରେ ବ୍ୟବହାର କରାଯାଇଥିବା ଜଣାପଡ଼ିଥିଲା। ସାଇବର୍ ଠକମାନେ ଟଙ୍କା ଉଠାଣ କରିଥିବା ବ୍ୟାଙ୍କ ଏଟିଏମ୍‌ର ଭିଡିଓ ଫୁଟେଜ୍ ଜବତ କରାଯାଇଥିଲା। ଏହି ଠକ ଗ୍ୟାଙ୍ଗ ନିକଟରୁ ୭ଟି ମୋବାଇଲ୍ ଫୋନ୍, ୧୬ଟି ଏଟିଏମ୍ କାର୍ଡ, ବିଭିନ୍ନ ବ୍ୟାଙ୍କର ୧୫ଟି ପାସ୍‌ବୁକ୍, ୪ଟି ଦସ୍ତଖତ ହୋଇ ନ ଥିବା ଚେକ୍, ୩ଟି ଦସ୍ତଖତ ହୋଇଥିବା ଚେକ୍, ୩ଟି ସିମ୍‌କାର୍ଡ, ବିଭିନ୍ନ ବ୍ୟାଙ୍କରେ ଥିବା ୭ ଲକ୍ଷ ୩୮ ହଜାର ୨୩୭ ଟଙ୍କା ଫ୍ରିଜ୍ ହୋଇଥିବା ବେଳେ ନଗଦ ୪ ଲକ୍ଷ ୩୦ ହଜାର ଟଙ୍କା ଜବତ କରାଯାଇଛି। ମାମଲାର ତଦନ୍ତ ପାଇଁ ସାଇବର୍ ଥାନା ଏସିପି ସତ୍ୟଜିତ ଦାସ, ଏସିପି ପ୍ରମୋଦ କୁମାର ପଟ୍ଟନାୟକ, ଇନ୍‌ସ୍ପେକ୍ଟର ରଶ୍ମିରଞ୍ଜନ ଜେନା, ଏଏସ୍?ଆଇ ସୂର୍ଯ୍ୟକାନ୍ତ ସ୍ୱାଇଁ, କନେଷ୍ଟବଳ ବିଶ୍ୱଜିତ ଜେନା, ରମେଶ ଚନ୍ଦ୍ର ବେହେରା, ଶିଳାଦିତ୍ୟ ବେହୁରିଆ, ଶୁଭ୍ରାଂଶୁ ଶେଖର କର ପ୍ରମୁଖ ସାମିଲ ହୋଇଥିବା ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଦୀପକ ଓ ରାଜେଶଙ୍କ ବ୍ୟାଙ୍କ ଆକାଉଣ୍ଟ ଭଡ଼ାରେ ଲାଗିଥିଲା। ଠକେଇ ଟଙ୍କା ଏମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସୁଥିଲା। ପରବର୍ତ୍ତୀ ସମୟରେ ଏହାକୁ ଅନ୍ୟତ୍ର ପଠାଯାଉଥିଲା। ସୀତାରାମ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ସଂଗ୍ରହ କରି ଏଥିରେ ଠକେଇ ଟଙ୍କା କାରବାର ପାଇଁ ଭଡ଼ାରେ ଲଗାଉଥିଲା। ବିଜୟ ଓ ଅନୀଲ ଠକେଇ ଟଙ୍କା ବିଭିନ୍ନ ଏଟିଏମ୍ କାର୍ଡ ମାଧ୍ୟମରେ ଉଠାଣ ସହ ଚେକ୍ ମାଧ୍ୟମରେ ମଧ୍ୟ ଏହାକୁ ଉଠାଣ କରୁଥିଲେ। ବିଶ୍ୱମ୍ବର ଓ ତା' ସହଯୋଗୀ ଟେଲିଗ୍ରାମ୍ ଗ୍ରୁପ ନିୟନ୍ତ୍ରଣ କରୁଥିଲେ। ୨୦୨୩ ଡିସେମ୍ବରରୁ ବଲାଙ୍ଗୀରର ଏହି ସାଇବର୍ ଠକ ଗୋଷ୍ଠୀ ଦିଲ୍ଲୀର ମାଷ୍ଟରମାଇଣ୍ଡ୍ ସମ୍ପର୍କରେ ଆସିଥିଲେ। ବଲାଙ୍ଗୀରର ଏହି ଗ୍ୟାଙ୍ଗ ଦୈନିକ ୨ ଲକ୍ଷ ଟଙ୍କା ଠକେଇ କରିବାକୁ ଟାର୍ଗେଟ୍ ନେଇଥିଲେ। ପ୍ରତି ଠକେଇରେ ୧ ଲକ୍ଷ ୩୦ ହଜାର ଟଙ୍କା ଦିଲ୍ଲୀର ମାଷ୍ଟରମାଇଣ୍ଡଙ୍କୁ ପଠାଉଥିବା ବେଳେ ଅବଶିଷ୍ଟ ୭୦ ହଜାର ଟଙ୍କା ନିଜ ପାଖରେ ରଖୁଥିଲେ। ଏହି ଟଙ୍କାକୁ ୬ ଜଣ ନିଜ ଭିତରେ ବାଣ୍ଟି ନେଉଥିଲେ।

# ପାରାଦୀପ ବନ୍ଦର ଭିତରେ ଦୁର୍ଘଟଣା

## ଟ୍ରକ୍ ଧକ୍କାରେ ୨ ହାଇୱା ଡ୍ରାଇଭର ମୃତ, ୧୨ ଘଣ୍ଟା ଆନ୍ଦୋଳନ, ପରିବହନ ବାଧାପ୍ରାପ୍ତ

ଜଗତସିଂହପୁର,୫/୫: ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଶନିବାର ରାତି ପ୍ରାୟ ୨ଟା ବେଳେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇଜଣ ହାଇୱା ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମରାମତି ଚାଲିଥିବା ଏକ ହାଇୱାକୁ ଅନ୍ୟଏକ ଲୁହାପଥର ବୋଝେଇ ଟ୍ରକ୍ ଧକ୍କା ଦେବାରୁ ହାଇୱାର ଦୁଇଜଣ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଉଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ରତ୍ନାକର ସ୍ୱାଇଁ ଓ ପାରାଦୀପ ଷଣ୍ଢକୁଦ ଅଞ୍ଚଳର ଚନ୍ଦନ ଜେନା।



କ୍ଷତିପୂରଣ ଦାବିରେ ହାଇୱା ଓ ଡମ୍ପର ଡ୍ରାଇଭରମାନେ ରବିବାର ଭୋର ୪ଟାରୁ ଆନ୍ଦୋଳନ ଚଳାଇଥିଲେ। ୧୨ଘଣ୍ଟା ଧରି ଆନ୍ଦୋଳନ ଚାଲୁ ରହିବା ଫଳରେ ପରିବହନ ଏକପ୍ରକାର ଠପ୍ ହୋଇଯାଇଥିଲା। କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ଣ ୪ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆଇନଶୃଙ୍ଖଳାକୁ ନେଇ ପୁଲିସ ଓ ପ୍ରଶାସନକୁ ନାକେଦମ୍ ହେବାକୁ ପଡ଼ିଛି। ପାରାଦୀପ ବନ୍ଦର ଆଇ-୧୦ ପ୍ଲଟ୍ ସମ୍ମୁଖରେ ଏକ ହାଇୱା ଗାଡ଼ି ଖରାପ ହେବାରୁ ଦୁଇଜଣ ଡ୍ରାଇଭର ରତ୍ନାକର ସ୍ୱାଇଁ ଓ ଚନ୍ଦନ ଜେନା ମିଶି ଉକ୍ତ ହାଇୱାର କ୍ୟାବିନ୍ ଭିତରେ ପଶି କାମ କରୁଥିଲେ। ଏହି ସମୟରେ ଲୁହାପଥର ବୋଝେଇ ଟ୍ରକ୍ (ଓଡି-୦୪-ପି-୯୯୯୩) ଦ୍ରୁତଗତିରେ ଆସି ହାଇୱାକୁ ଧକ୍କା ଦେଇଥିଲା। ଫଳରେ କ୍ୟାବିନ୍ ଭିତରେ ଦୁଇଜଣ ଚାପି ହୋଇଯାଇଥିଲେ। ଅନ୍ୟ ଡ୍ରାଇଭରମାନେ ବାହାର କରି ତୁରନ୍ତ ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କହିଥିଲେ। ଲୁହାପଥର ବୋଝେଇ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏହି ଘଟଣା ପ୍ରଚାରିତ ହେବା ପରେ ବନ୍ଦର ନିଷିଦ୍ଧାଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। କାମ ବନ୍ଦ କରି ପାଖାପାଖି ହଜାରେରୁ ଅଧିକ ହାଇୱା, ଡମ୍ପର ଓ ଟିପର ଡ୍ରାଇଭର ବନ୍ଦରର ଦୁଇ, ତିନି ଓ ଚାରି ନମ୍ବର ସମେତ ଅନ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ରାତି ୪ଟାରୁ ବର୍ଥରୁ ପ୍ଲଟ୍‌କୁ ପଣ୍ୟ ପରିବହନ ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ଏସ୍‌ପି ସ୍ମୃତିରଞ୍ଜନ କରଙ୍କ ହସ୍ତକ୍ଷେପ ପରେ ଡ୍ରାଇଭର ସଂଘ, ବନ୍ଦର ଅଫିସର, ଷ୍ଟିଭେଡୋର ସଂସ୍ଥା ଓ ଡମ୍ପର ସଂଘ ମଧ୍ୟରେ ଆଲୋଚନା ହୋଇଥିଲା। ମୃତକଙ୍କ ପରିବାରକୁ ପାରାଦୀପ ବନ୍ଦର ପକ୍ଷରୁ ୧୦ ଲକ୍ଷ ଟଙ୍କା, ଡମ୍ପର ସଂଘ ପକ୍ଷରୁ ୨ ଲକ୍ଷ ୨୦ ହଜାର ଟଙ୍କା, ସେମାନେ କାମ କରୁଥିବା ଲିବର୍ଟି ଷ୍ଟିଭେଡୋର ସଂସ୍ଥା ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ସେହିପରି ଉଭୟଙ୍କ ପତ୍ନୀଙ୍କୁ ଠିକା ନିଯୁକ୍ତି ନେଇ ଯେଉଁ ଦାବି ରହିଥିଲା ପ୍ରଶାସନ ପକ୍ଷରୁ ତାହା ଉପରେ ବିଚାରବିମର୍ଶ ଜାରି ରହିଛି। ପ୍ରତିଶ୍ରୁତି ମିଳିବା ପରେ ଧାରଣାରୁ ଓହରିଥିଲେ ଓ ପରିବହନ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ପାରାଦୀପ ଆଦର୍ଶ ଥାନା ପୁଲିସ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ସୋମବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

# ଗଞ୍ଜାମରୁ ବନ୍ଧାହେଲେ ୧୮ ଦୁର୍ଦ୍ଦାନ୍ତ ଅପରାଧୀ: ୧୭ ବନ୍ଧୁକ, ୬୬ ଗୁଳି ଜବତ



ଛତ୍ରପୁର,୫/୫: ବାହାର ରାଜ୍ୟର ଅପରାଧୀଙ୍କ ସହାୟତାରେ ଗଞ୍ଜାମ ଜିଲ୍ଲାରେ ବଡ଼ଧରଣର ଅପରାଧ ଘଟାଇବାକୁ ଯୋଜନା ଚାଲିଥିଲା। ଏଥିପାଇଁ ଅପରାଧୀ ଗ୍ୟାଙ୍ଗ୍ ବିଭିନ୍ନ ଜାଗାରେ ଗତିବିଧିକୁ ଜୋରଦାର କରିବା ସହ ସେମାନଙ୍କ ନେଟ୍‌ୱର୍କକୁ ଆହୁରି ସକ୍ରିୟ କରିଥିଲେ। ଏକାଧିକ ବ୍ୟକ୍ତି ସେମାନଙ୍କ ଟାର୍ଗେଟ୍‌ରେ ରହିଥିଲେ। ତେବେ ଠିକଣା ସମୟରେ ଗଞ୍ଜାମ ଜିଲ୍ଲା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଥାନା ଅଞ୍ଚଳରେ ଅପରେସନ୍ ଆରମ୍ଭ କରି ସେମାନଙ୍କ ଯୋଜନାକୁ ପଣ୍ଡ କରିବାରେ ସଫଳ ହୋଇଛି। ୬ଟି ଥାନା ଅଞ୍ଚଳରୁ ୧୮ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ୧୭ଟି ବନ୍ଧୁକ, ୬୬ଟି ଗୁଳି ଓ ୪ଟି ଖୋକା ଜବତ କରାଯାଇଛି। ଶେରଗଡ଼, ଭଞ୍ଜନଗର, ପୋଲସରା, କୋଟିନଡ଼ା, ଆସିକା ଓ ଚମାଖଣ୍ଡି ଅଞ୍ଚଳରୁ ଉକ୍ତ ଅପରାଧୀମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଜବତ ହୋଇଥିବା ମାଉଜର୍ ବିହାର ରାଜ୍ୟର ମୁଙ୍ଗେରଠାରେ ପ୍ରସ୍ତୁତ ହୋଇଥିବା ଅନୁମାନ କରାଯାଉଛି। ଗିରଫ ଅପରାଧୀମାନେ ହେଲେ ରିଣ୍ଟୁ ଓରଫ୍ ପ୍ରଶାନ୍ତ କୁମାର ପ୍ରଧାନ, ଅଜିତ ଗୌଡ଼, କୁନା ନାହାକ, ପିଙ୍କୁ ସାହୁ, ସୁରଜ ସୁପ୍ରିୟ ନାୟକ, ଶିଶିର କୁମାର ପଣ୍ଡା, ଏ.ଶ୍ରୀକାନ୍ତ, ଶଙ୍କର ଗୌଡ଼, ଶିବ ଗୌଡ଼, ଶିବପ୍ରସାଦ ଜେନା, ଧର୍ମରାଜ ଜେନା, କମଳଲୋଚନ ଗୌଡ଼, ଶୁଭମ ଭୂୟାଁ, ଜଗନ୍ନାଥ ପ୍ରଧାନ, ପବିତ୍ର ପ୍ରଧାନ, ରାକେଶ ଦାଶ, ବାଳକୃଷ୍ଣ ଶତପଥୀ ଓ କାହ୍ନୁ ଗୌଡ଼। ଏମାନଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଏହି ଗ୍ୟାଙ୍ଗ୍‌ର ଚେର କେତେଦୂର ଲମ୍ବିଛି, ସେ ସଂପର୍କରେ ତଦନ୍ତ ଜାରି ରହିଛି। ଏହାସହ ବାହାର ରାଜ୍ୟର ଅପରାଧୀଙ୍କ ସହ ଏମାନଙ୍କର ସଂପୃକ୍ତି ନେଇ ଖୋଳତାଡ଼ କରିବାକୁ ଆଉ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠିତ ହୋଇଛି। ଉକ୍ତ ଟିମ୍ ବାହାର ରାଜ୍ୟର ପୁଲିସ ସହାୟତାରେ ତଦନ୍ତ କରିବ ବୋଲି ଆଜି ଗଞ୍ଜାମ ପୁଲିସ ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର ସୂଚନା ଦେଇଛନ୍ତି। ପୁଲିସର ଏହି ସ୍ୱତନ୍ତ୍ର ଅପରେସନ୍ ବିଷୟରେ ସୂଚନା ଦେଇ ଆଇଜି କହିଛନ୍ତି, ଉକ୍ତ ଅପରାଧୀମାନଙ୍କୁ କାବୁ କରିବା ଲାଗି ଏକ ସପ୍ତାହ ପୂର୍ବରୁ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠିତ ହୋଇଥିଲା। ବର୍ତ୍ତମାନ ୧୮ ଜଣଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିବା ବେଳେ ବେଳେ ଅପରାଧୀଙ୍କୁ ଦମନ ଲାଗି ଗଠନ ହୋଇଥିବା ଏହି ସ୍ୱତନ୍ତ୍ର ଟିମ୍‌ର ଅପରେସନ୍ ଆଗକୁ ମଧ୍ୟ ଜାରି ରହିବ। ଜିଲ୍ଲାରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିବା ବେଳେ ବିଭିନ୍ନ ଥାନା ଅଞ୍ଚଳରେ ଥିବା ଦାଗୀ ଅପରାଧୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଅପରାଧୀଙ୍କ କବଳରୁ ଲୋକଙ୍କୁ ସୁରକ୍ଷା ଦେବା ଲାଗି ଅହରହ ଉଦ୍ୟମ ଜାରି ରହିଛି ବୋଲି ଆଇଜି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଏସ୍‌ପି ରଞ୍ଜିତ କୁମାର ପୃଷ୍ଟି, ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା, ପୁରୁଷୋତ୍ତମପୁର ଏସ୍‌ଡିପିଓ ଦୀପକ କୁମାର ମିଶ୍ର, ଆସିକା ଥାନାଧିକାରୀ କୁଳମଣି ସେଠୀ, ଚମାଖଣ୍ଡି ଥାନାଧିକାରୀ ସବ୍ୟସାଚୀ ମଲ୍ଲ, ପୋଲସରା ଥାନାଧିକାରୀ କୌଶିକ ମାଝୀ, ଶେରଗଡ଼ ଥାନାଧିକାରୀ ବରେନ୍ଦ୍ର ଶିଆଳ, ଭଞ୍ଜନଗର ଥାନାଧିକାରୀ ଜୀବନାନନ୍ଦ ଜେନା ଓ କୋଟିନଡ଼ା ଥାନାଧିକାରୀ ଦାମୋଦର ବିହାରୀ ଉପସ୍ଥିତ ଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ